ଆମରି ଅସ୍ମିତାର କଥା
ଆସ ଆମେ ଓଡ଼ିଶାକୁ ଚିହ୍ନି ଭଲ ପାଇବା...

# ଆମ ଓଡ଼ିଶା

https://aamaodisha.org.in

Volume : 1 • Issue: 6 • ବର୍ଷ-୧ • ସଂଖ୍ୟା-୬ • ୨୯ ଅଗଷ୍ଟ-୪ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର • 29 August-4 September 2025, Bhubaneswar ₹ 10



ଜ୍ୟୋତିର୍ବାସ୍ତୁ: କେତେ ଫଳଦାୟୀ ?

ପୃଷ୍ଠା ୨




ଇଥାନଲ୍ ମିଶ୍ରିତ ପେଟ୍ରୋଲ: ଲାଭ କେତେ, କ୍ଷତି କେତେ ?

ପୃଷ୍ଠା ୩



‘ଲୋକ ନ ଆସିଲେ ନାଇଁ, ତମେ ତାଙ୍କ ପାଖକୁ ଯାଅ’

ପୃଷ୍ଠା ୫



ହିମାଳୟର କ୍ରୋଧ

ପୃଷ୍ଠା ୮



ଏକ ଶତାୟୁ ଲିପିର ସ୍ରଷ୍ଟାଙ୍କ ସଂପର୍କରେ

ପୃଷ୍ଠା ୧୦



# ସାଇବର୍ ଅପରାଧୀଙ୍କ ଜାଲରେ ଓଡ଼ିଶା

ଆମ ଓଡ଼ିଶା ବ୍ୟୁରୋ

**ସରଳ, ନିଷ୍କପଟ ତଥା ରକ୍ଷଣଶୀଳ ଓଡ଼ିଶାର ସାମାଜିକ ସଂସ୍କୃତିରେ ଅତୀତରେ କେବେ ଅପରାଧିକ କାର୍ଯ୍ୟକଳାପର ସ୍ଥାନ ନଥିଲା। ମାତ୍ର ତଥାକଥିତ ସାମାଜିକ ପରିବର୍ତ୍ତନ ସହ ତାଳଦେଇ ଓଡ଼ିଶା ଏବେ ପାଲଟିଛି ଅପରାଧୀଙ୍କ ଭୂସ୍ୱର୍ଗ। ସଶସ୍ତ୍ର ହିଂସା ଏବେ ନିତିଦିନିଆ ଘଟଣା। ହତ୍ୟା, ଡକାୟତି, ଦୁଷ୍କର୍ମ, ମହିଳା ଓ ଶିଶୁ ଚାଲାଣ ଭଳି ଜଘନ୍ୟ ଅପରାଧର ସଂଖ୍ୟା ଦିନକୁ ଦିନ ବଢ଼ଚାଲିଛି। ଏସବୁ ଅପରାଧିକ କାର୍ଯ୍ୟକଳାପ ସାଙ୍ଗକୁ ରାଜ୍ୟରେ କାୟା ବିସ୍ତାର କରିଛି ନିଶାଦ୍ରବ୍ୟ ଚୋରାଚାଲାଣ ଓ ସାଇବର ଠକେଇ। ସମାଜକୁ ବିପନ୍ନ କରୁଥିବା ଏହି ଦୁଇଟି ଅପରାଧର ପ୍ରସାର ଓ ପରିଚାଳନାରେ ଦିଗଭ୍ରାନ୍ତ ଯୁବଗୋଷ୍ଠୀ ସକ୍ରିୟ ରହୁଥିବାରୁ ତାହା କ୍ରମଶଃ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି।**

ନୂଆ ଶତାବ୍ଦୀର ଅପରାଧ ଫର୍ଦ୍ଦରେ ଯୋଡ଼ି ହୋଇଥିବା ଅତ୍ୟାଧୁନିକ କୌଶଳର ସାଇବର୍ ଅପରାଧ ସାରା ବିଶ୍ୱରେ କାୟା ବିସ୍ତାର କରିଥିବା ବେଳେ ଓଡ଼ିଶା ମଧ୍ୟ ସେଥିରୁ ବାଦ୍ ପଡ଼ିନାହିଁ। ବରଂ ସର୍ବଭାରତୀୟ ସ୍ତରରେ ଘଟୁଥିବା ସାଇବର୍ ଅପରାଧର ହାର ଦୃଷ୍ଟିରୁ ଓଡ଼ିଶା ବେଶ୍ ଆଗରେ ରହିବା ନିଶ୍ଚିତ ଭାବେ ଉଦ୍‌ବେଗଜନକ। ଓଡ଼ିଶାର ବିକାଶମୁଖୀ ଅର୍ଥନୀତି ଏବେ ସାଇବର୍ ଅପରାଧୀଙ୍କ ଟାର୍ଗେଟ୍‌ରେ। ଗତ ୪ ବର୍ଷର ତଥ୍ୟ ଅନୁଯାୟୀ ୨୦୨୧ରେ ରାଜ୍ୟରେ ୬୦୫୩ଟି ସାଇବର୍ ଅପରାଧ ମାମଲା ରୁଜୁ ହୋଇଥିବା ବେଳେ ୨୦୨୩ରେ ତାହା ତିନିଗୁଣରୁ ଅଧିକ ବଢ଼ି ୧୮,୦୮୧ରେ ପହଞ୍ଚିଥିଲା। ସେଥିରେ ଓଡ଼ିଶା ଜମାକାରୀମାନେ ୭୯ କୋଟି ୬୬ଲକ୍ଷ ୬୦ହଜାର ୪୮୬ଟଙ୍କା ଠକେଇର ଶିକାର ହୋଇଥିଲେ। ୨୦୨୪ରେ ସାଇବର୍ ଅପରାଧ ମାମଲା ୧୪୦% ବୃଦ୍ଧିପାଇ ୪୩,୭୪୦ରେ ପହଞ୍ଚିଥିଲା। ଓ ଲୋକେ ହରାଇଥିଲେ ୪୧୫ କୋଟି ୯୦ଲକ୍ଷ ୭ହଜାର ୮୨୨ଟଙ୍କା। ୨୦୨୫ ମାର୍ଚ୍ଚ ସୁଦ୍ଧା ୧୩୬୨ଟି ମାମଲାରେ ୮ଜଣ ମହିଳାଙ୍କ ସମେତ ୧୬୩ ଜଣ ଗିରଫ ହୋଇଥିଲେ। ତେବେ ସାଇବର ଠକଙ୍କ ଦ୍ୱାରା ହଡ଼ପ ହେଉଥିବା ଟଙ୍କାର ଉଦ୍ଧାର ହାର ନଗଣ୍ୟ। ୨୦୨୨ରୁ ୨୦୨୪ ମଧ୍ୟରେ ସାଇବର୍ ଅପରାଧୀମାନେ ୧୦ଟି ବ୍ୟାଙ୍କ ଠକେଇ କରିଥିବା ମାମଲା ମଧ୍ୟ ପଞ୍ଜୀକୃତ ହୋଇଛି। ଉଦ୍‌ବେଗଜନକ ବିଷୟଟି ହେଲା ସର୍ବଭାରତୀୟ ସ୍ତରରେ ସଂଘଟିତ ସାଇବର୍ ଅପରାଧ ସଂଖ୍ୟା ତୁଳନାରେ ଓଡ଼ିଶାରେ ଏହି ଅପରାଧ ହାର କ୍ରମଶଃ ଅନିୟନ୍ତ୍ରିତ ଭାବେ ବଢ଼ିଚାଲିଛି। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ସଂଜୟ କୁମାର ନିକଟରେ ଶେଷ ହୋଇଥିବା ସଂସଦ ଅଧିବେଶନରେ ରାଜ୍ୟସଭାରେ ଉତ୍ତର ରଖିବା ବେଳେ ଓଡ଼ିଶାରେ ଦ୍ରୁତଗତିରେ ବଢ଼ୁଥିବା ସାଇବର୍ ଅପରାଧ ପାଇଁ ଉଦ୍‌ବେଗ ପ୍ରକାଶ କରିଥିଲେ।

ଶିଳ୍ପପତି ତଥା ଧନୀ ବ୍ୟବସାୟୀଙ୍କଠାରୁ ବଟି ଅସୁଲ ପାଇଁ ଅତୀତରେ ସଶସ୍ତ୍ର ହିଂସାକାଣ୍ଡ ଘଟାଉଥିବା ଡନ୍‌ମାନେ କ୍ୟାସିନୋ (ଜୁଆ) ସିଣ୍ଡିକେଟ୍ ସହିତ ଏବେ ସାଇବର୍ ଅପରାଧ ଦୁନିଆକୁ ନିୟନ୍ତ୍ରଣ କରୁଛନ୍ତି। ରାତାରାତି ଲକ୍ଷପତି ହେବା ନିଶାରେ ସେମାନଙ୍କ ଦ୍ୱାରା ସ୍ଲିପର୍ ସେଲ୍ ଭାବେ ବ୍ୟବହୃତ ଯୁବଗୋଷ୍ଠୀ ଆମ ଦେଶରେ ସକ୍ରିୟ। ମାରଣାସ୍ତ୍ର ପ୍ରୟୋଗ ବିନା କମ୍ପ୍ୟୁଟର୍, ଲାପ୍‌ଟପ କିମ୍ବା ମୋବାଇଲ୍ ଫୋନ୍ ବ୍ୟବହାର କରି ସେମାନେ ଶହ ଶହ କୋଟି ଟଙ୍କା ଲୁଟି ଧରାପଡୁ ନଥିବାରୁ ସାଇବର୍ ଠକେଇ ବଢ଼ିଚାଲିଛି। ଏଭଳି ଅତ୍ୟାଧୁନିକ ଠକେଇ କୌଶଳ ପୁଲିସ୍ ବା ଆଇନ୍ ରକ୍ଷାକାରୀ ସଂସ୍ଥାଙ୍କ ପାଇଁ ସୃଷ୍ଟି କରିଛି ନାହିଁ ନଥିବା ଚ୍ୟାଲେଞ୍ଜ। ଉଚ୍ଚ ମଧ୍ୟବିତ୍ତ, ଧନୀ ଲୋକମାନେ ସାଇବର୍ ଅପରାଧୀଙ୍କ ସହଜ ଶିକାର ପାଲଟୁଥିବା ବେଳେ ଭାରତରେ ‘ନୋଟ୍ ବନ୍ଦୀ’ ପରବର୍ତ୍ତୀ ଡିଜିଟାଲ୍ କାରବାର ବୃଦ୍ଧି ସମେତ ନେଟ୍ ବ୍ୟାଙ୍କିଂ ସେମାନଙ୍କ ଠକେଇ କୌଶଳକୁ ଅଧିକ ସହଜ କରିଛି। ଆମ ରାଜ୍ୟ ତଥା ଦେଶରେ ଚାଲିଥିବା ସାଇବର୍ ଠକେଇର ବିଭିନ୍ନ ତରିକା ଏଠାରେ ପ୍ରଣିଧାନସାପେକ୍ଷ।

**ହନୀ ଟ୍ରାପ୍:** ପ୍ରତିପକ୍ଷ ସେନାର ରଣନୀତି ଓ ଗତିବିଧି ସମ୍ପର୍କିତ ତଥ୍ୟ ହାସଲ ଲାଗି ଏଭଳି ଏକ କୂଟନୈତିକ କୌଶଳ ଆରମ୍ଭ ହୋଇଥିଲା ଦ୍ୱିତୀୟ ବିଶ୍ୱ ଯୁଦ୍ଧ କାଳରେ। ଏହି ପୁରୁଣା ବ୍ଲାକ୍‌ମେଲ୍ କୌଶଳ ଏବେ ଅନ୍‌ଲାଇନ୍‌ରେ ବହୁଳ ଭାବେ ବ୍ୟବହୃତ ହେଉଛି।

▶ ଅବଶିଷ୍ଟ ପୃଷ୍ଠା ୪

# ଜ୍ୟୋତିର୍ବାସ୍ତୁ: କେତେ ଫଳଦାୟୀ ?



ଜ୍ୟୋତିର୍ବିଦ୍ ବିଭୂଦାନନ୍ଦ ଶତପଥୀ

ପଶ୍ଚିମ ଓ ଦକ୍ଷିଣମୁଖା ଘରକୁ ପାରମ୍ପରିକ ବାସ୍ତୁରେ ବାରଣ କରାଯାଇଛି। କିନ୍ତୁ, ଏହା ବାସ୍ତୁର ସୀମିତ ଉପସ୍ଥାପନା ମାତ୍ର। ଉଦାହରଣସ୍ୱରୂପ, ଭୁବନେଶ୍ୱର ବାଣୀବିହାରଠାରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ସବୁ ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ବାସ ଗୃହ ପଶ୍ଚିମମୁଖା। ତଥାପି ଅଧିକାଂଶ ପ୍ରତିଷ୍ଠାନ ବେଶ୍ ପ୍ରତିଷ୍ଠିତ ଓ ସଫଳ। ତେଣୁ ବାସ୍ତୁର ପରିଭାଷା ବଡ଼ ବ୍ୟାପକ ଏବଂ ତଦନୁଯାୟୀ ବାସ୍ତୁବିତ୍‌ଙ୍କର ଦୃଷ୍ଟିକୋଣ ମଧ୍ୟ ବ୍ୟାପକ ହେବା ଦରକାର। ପୁନଃ ଉତ୍ତର ଦିଗର ପ୍ରଥମ ଉର୍ଜା କ୍ଷେତ୍ରରେ ଗୃହର ମୁଖ୍ୟ ଦ୍ୱାର ରହିଲେ ଗୃହକର୍ତ୍ତା ଅନ୍ୟମାନଙ୍କର (ବାହ୍ୟ) ରୋଷର ଶିକାର ହୁଅନ୍ତି ଓ ହତ୍ୟାର ଶିକାର ହେବା ମଧ୍ୟ ଉଲ୍ଲେଖ ଅଛି (ପ୍ରଥମ ଉର୍ଜା କ୍ଷେତ୍ରର ଅଧିଷ୍ଠାତା ଦେବତା ରୋଗ ଓ ରାଜକ୍ଷମା)। ତାହାଲେ, ଉତ୍ତରମୁଖା ଘର କେମିତି ସଂପୂର୍ଣ୍ଣ ବାସ୍ତୁ ଉପଯୋଗୀ ? ଉତ୍ତରର ଦ୍ୱିତୀୟ ଉର୍ଜାକ୍ଷେତ୍ରରେ ମଧ୍ୟ ବ୍ୟକ୍ତି ଶତ୍ରୁ ପରାଭାବର ଶିକାର ହୁଅନ୍ତି। ଠିକ୍ ସେହିପରି ପୂର୍ବ ଦିଗର ପ୍ରଥମ କ୍ଷେତ୍ର ଅଗ୍ନି, ଦୁର୍ଘଟଣା ଏବଂ ଅଚାନକ କ୍ଷତି ପହଞ୍ଚାଇବାରେ ସାହାଯ୍ୟ କରିଥାଏ। କାରଣ, ଏ କ୍ଷେତ୍ରର ଦେବତା ଶିଖି ଓ ଆପବତ୍ସ। ପୂର୍ବ ଦିଗର ଦ୍ୱିତୀୟ କ୍ଷେତ୍ରର ଦେବତା ପ୍ରଜନ୍ୟ ତେଣୁ, ଉକ୍ତ ଗୃହରେ କନ୍ୟା ସନ୍ତାନଙ୍କ ସଂଖ୍ୟା ଅଧିକ ହୁଏ ଓ ଅଯଥା ଖର୍ଚ୍ଚ ଭରି ରୁହେ। ଏହି ପରିପ୍ରେକ୍ଷୀରେ ଆମକୁ ଆହୁରି ବ୍ୟାପକ ଦୃଷ୍ଟିରେ ବାସ୍ତୁକୁ ଦେଖିବାକୁ ପଡ଼ିବ। ଜଣେ ବ୍ୟକ୍ତିର ଜୀବନବ୍ୟାପୀ କଷ୍ଟ ଅର୍ଜିତ ଧନରେ ତିଆରି ଗୃହକୁ ବାସ୍ତୁବିତ୍‌ମାନଙ୍କର ସୀମିତ ଜ୍ଞାନରେ ଭାଙ୍ଗିଦେବା କେତେଦୂର ଯୁକ୍ତିସଙ୍ଗତ ? ଏତିକି କୁହାଯାଇପାରେ ଯେ, ଘରର ଈଶାନ୍ୟ କୋଣରେ ଏବଂ ଅଗ୍ନିକୋଣରେ ପାଇଖାନା ଘର ରହିବା ଅନୁଚିତ୍। ଅଭିଜ୍ଞତାରୁ ଜଣାଯାଏ, ଈଶାନ୍ୟ କୋଣର ପାଇଖାନା ଗୃହକର୍ତ୍ତାଙ୍କୁ ଅବା ପରିବାରର କୌଣସି ସଦସ୍ୟଙ୍କୁ କର୍କଟ ରୋଗାକ୍ରାନ୍ତ କରିଥାଏ। ଠିକ୍ ସେହିପରି ଅଗ୍ନିକୋଣରେ ପାଇଖାନା ବ୍ୟକ୍ତିର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେବା ସହ ସର୍ବସ୍ୱାନ୍ତ କରିଦେବାର କ୍ଷମତା ରଖିଥାଏ। ବାସ୍ତୁବିତ୍ ବାସ୍ତୁ ସଂଶୋଧନ କଲାବେଳେ ପ୍ରଥମେ ଗୃହକର୍ତ୍ତାଙ୍କଠାରୁ ସେ ଅନୁଭବ କରୁଥିବା ଅସୁବିଧା ସବୁ ନିଷ୍ଠାର ସହ ଶୁଣିବା ଦରକାର। ବାସ୍ତୁ ଭୁଲ୍ ଥାଇ ମଧ୍ୟ ଯଦି ଗୃହକର୍ତ୍ତା କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନାହାନ୍ତି ତେବେ ବୁଝିବାକୁ ହେବ ପ୍ରକୃତି ସେଠାରେ ନିଜର ଭାରସାମ୍ୟ ଓ ସମତୁଲ୍ୟତା ରକ୍ଷା କରିଛି (Natural alignment)। ବାସ୍ତୁବିତ୍ ବ୍ୟକ୍ତିର ଅସୁବିଧାକୁ ଶୁଣି ତଦନୁଯାୟୀ ପ୍ରତିକାର କରିବା ଦରକାର। ବାସ୍ତୁରେ କୋଣିକିଆ ଘର (Corner Plot) ଏତେ ଶୁଭପ୍ରଦ ନୁହେଁ ଯଦିଓ, ଆର୍ଥିକ ବା ବ୍ୟାବସାୟିକ ଦୃଷ୍ଟିରୁ ଏହା ଅତ୍ୟନ୍ତ ପ୍ରଭାବଶାଳୀ। ଏହା ବ୍ୟକ୍ତିକୁ ଶେଷ ଜୀବନରେ ଏକାନ୍ତ ଜୀବନ ବିତାଇବାକୁ ବାଧ୍ୟ କରେ। କିନ୍ତୁ ଜନ୍ମକୁଣ୍ଡଳୀରେ କେତୁ ଚତୁର୍ଥ ଅବା ଲଗ୍ନରେ ଥିଲେ ଏ ବାସ୍ତୁ ଦୋଷ (Corner Plot) ଜାତକ ଉପରେ ପ୍ରଭାବ ପକାଇ ପାରେନାହିଁ। ତେଣୁ ବାସ୍ତୁବିତ୍ ନିଜର ପାଣ୍ଡିତ୍ୟ ଦେଖାଇବା ବଦଳରେ ଅର୍ଥାତ ଘରକୁ ସଂପୂର୍ଣ୍ଣ ବାସ୍ତୁ ଉପଯୋଗୀ କରିବାର ବାହାସ୍ଫୋଟ ମାରିବା (ଯାହା ସମ୍ଭବ ନୁହେଁ) ବଦଳରେ ରୋଗର ଲକ୍ଷଣ ଦେଖି ଉପଚାର କରିବା ଦରକାର। ଯାହାକୁ ବୃତ୍ତିଗତ ନୈତିକତା ( Professional Ethics) କୁହାଯାଏ।

ବର୍ତ୍ତମାନ ଆମେ ଜ୍ୟୋତିଷ ଓ ବାସ୍ତୁର ନିବିଡ଼ ସଂପର୍କ ବିଷୟରେ ଆଲୋଚନା କରିବା। ଆମେ ସମସ୍ତେ ଅଳ୍ପେ ବହୁତେ ବହୁତ ୧୨ଟି ରାଶି ବିଷୟରେ ଅବଗତ ଅଛୁ। ରାଶି ଆମର ମାନସିକ ଅବସ୍ଥା ତଥା ବିଚାରଧାରାକୁ ବୁଝାଏ। ଆମ୍ଭର ଜନ୍ମ ସମୟରେ ଚନ୍ଦ୍ର ଯେଉଁ ରାଶିରେ ଅବସ୍ଥାନ କରିଥା'ନ୍ତି ତାହା ଆମର ଚନ୍ଦ୍ର ରାଶି ହୋଇଥାଏ। ଏହି ୧୨ଟି ରାଶି ୪ଟି ତତ୍ତ୍ୱରେ ବିଭକ୍ତ ହୋଇଛନ୍ତି। ଯଥା- ମେଷ ରାଶି, ସିଂହ ରାଶି ଏବଂ ଧନୁ ରାଶି ଅଗ୍ନି ତତ୍ତ୍ୱ ଉପରେ ପର୍ଯ୍ୟବେସିତ। ବୃଷ ରାଶି, କନ୍ୟା ରାଶି ଏବଂ ମକର ରାଶି ପୃଥିବୀ ତତ୍ତ୍ୱ ଉପରେ ପର୍ଯ୍ୟବେସିତ। ମିଥୁନ ରାଶି, ତୁଳା ରାଶି ଏବଂ କୁମ୍ଭ ରାଶି ବାୟୁ ତତ୍ତ୍ୱ ଉପରେ ପର୍ଯ୍ୟବେସିତ। କର୍କଟ ରାଶି, ବିଛା ରାଶି ଏବଂ ମୀନ ରାଶି ଏମାନେ ଜଳ ତତ୍ତ୍ୱରେ ପର୍ଯ୍ୟବେସିତ। ୭ଟି ମୁଖ୍ୟ ଗ୍ରହ ଆମର ଦୈନନ୍ଦିନ ବ୍ୟବହାରକୁ ନିୟନ୍ତ୍ରଣ କରନ୍ତି। ଯଥା:- ଚନ୍ଦ୍ର : ମନ, ରବି: ଆତ୍ମା, ବୁଧ : ଯୋଗାଯୋଗ, ବୃହସ୍ପତି : ଜ୍ଞାନ, ଶୁକ୍ର : ପାର୍ଥିବ ଇଚ୍ଛା, ମଙ୍ଗଳ : କର୍ମ ଏବଂ ଶନି ବୈରାଗର କାରକ। ଜାତକର ଜନ୍ମ ସମୟରେ ଉଦିତ ରାଶିକୁ ଆମ୍ଭେ ଲଗ୍ନ କହିଥାଉ। ଯଥା- କୌଣସି ବ୍ୟକ୍ତିର ଜନ୍ମ ସମୟରେ ଯଦି ସିଂହ ରାଶି ଉଦିତ ଅଛି ତେବେ ବ୍ୟକ୍ତିର ଜନ୍ମ ଲଗ୍ନ ସିଂହ ହୋଇଥାଏ। ରାଶି ମଧ୍ୟ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ସୂଚାଇଥାଏ।

ମେଷ ରାଶିର ବ୍ୟକ୍ତି ରାଜସିକ, କ୍ଷଣକୋପୀ ତଥା ନେତୃତ୍ୱ ନେବାର ଦେଖାଯାଏ, ଯଥା- ପୋଲିସ, ସୈନବାହିନୀ। ଏମାନେ ବହୁତ ଚତୁର ସ୍ୱଭାବର ହୁଅନ୍ତି ଓ କୌଣସି କାର୍ଯ୍ୟକୁ ଆରମ୍ଭ କରିବାକୁ ସଦା ଆଗଭର ହୁଅନ୍ତି। ଏମାନେ ବହୁତ ଉର୍ଜାଶୀଳ ଏବଂ ଜିଦ୍‌ଖୋର ପ୍ରକୃତିର ବ୍ୟକ୍ତିତ୍ୱ ହୋଇଥାନ୍ତି। ଅପମାନକୁ ବରଦାସ୍ତ କରନ୍ତି ନାହିଁ। ପୁନଃ ନିଜର କ୍ଷତି ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟକୁ ମାନନ୍ତି ନାହିଁ। ନିଜର ଗୁପ୍ତ ରହସ୍ୟ ପଦାରେ ପଡ଼ିବା ଭୟରେ ଚିନ୍ତାଗ୍ରସ୍ତ ରୁହନ୍ତି। ବୃଷ ରାଶିର ବ୍ୟକ୍ତିତ୍ୱ ବ୍ୟବହାରିକତା, ବିଶ୍ୱସନୀୟତା ଓ ଦୃଢ଼ ସଂକଳ୍ପ ସ୍ଥିତି ପାଇଁ ଜଣାଶୁଣା। ଏମାନେ ଧୈର୍ଯ୍ୟବାନ, ଶାନ୍ତ ଏବଂ ନିଜର ପାରମ୍ପାରିକ ଦିନଚର୍ଯ୍ୟାରେ ପରିବର୍ତ୍ତନ ପସନ୍ଦ କରନ୍ତି ନାହିଁ। ଭୌତିକ ସୁଖ ସୁବିଧାକୁ ମହତ୍ତ୍ୱ ଦିଅନ୍ତି। ନିଜ କର୍ମ ପ୍ରତି ସମର୍ପିତ ଭାବନା ଏମାନଙ୍କୁ ଜୀବନରେ ପ୍ରଗତି କରାଏ। ଏମାନେ ଅର୍ନ୍ତମୁଖୀ ଓ ଅନୁଗତ ରୁହନ୍ତି। ନିଜର ପ୍ରିୟଜନମାନଙ୍କ ସୁଖ ସୁବିଧା ପାଇଁ ସତତ ଚେଷ୍ଟିତ ଥାଆନ୍ତି। ମିଥୁନ ରାଶିର ବ୍ୟକ୍ତି ବୁଦ୍ଧିମାନ, ଯୋଗାଯୋଗ, ଭାବର ଆଦାନ ପ୍ରଦାନରେ ବିଚକ୍ଷଣତା ପ୍ରଦର୍ଶନ କରନ୍ତି। ସେମାନଙ୍କର ସାମାଜିକ ଦକ୍ଷତା ଅତି ଉଚ୍ଚମାନର। ସବୁ ପରିସ୍ଥିତିକୁ ଖାପ ଖୁଆଇବାରେ ସେମାନେ ସୁଦକ୍ଷ। ବ୍ୟଙ୍ଗ, ବୁଦ୍ଧି ତଥା ବହୁମୁଖୀ ପ୍ରତିଭା ପାଇଁ ସେମାନେ ଜଣାଶୁଣା। ସେମାନଙ୍କଠାରେ ଅସ୍ଥିରତା ତଥା ଉପର ଦେଖାଣିଆ ଗୁଣ ମଧ୍ୟ ପ୍ରବଳ ଦେଖାଯାଏ। ସେମାନେ ଦ୍ୱୈତ ଚରିତ୍ରର ଅଧିକାରୀ। କର୍କଟ ରାଶିର ବ୍ୟକ୍ତି ସମ୍ବେଦନଶୀଳ, ଭାବାବେଗରେ ଦୋହଲୁଥିବା ବ୍ୟକ୍ତିତ୍ୱ। ଘର ପରିବାର ପ୍ରତି ଅତ୍ୟଧିକ ମୋହଗ୍ରସ୍ତ ହୁଅନ୍ତି।ଏମାନେ ଅତ୍ୟନ୍ତ ସହାନୁଭୂତିଶୀଳ କିନ୍ତୁ ନିଜର ଆନ୍ତରିକ ଭାବନାକୁ ଏକ କଠୋର ବାହ୍ୟିକ୍ୟ ଖୋଳ ଭିତରେ ରଖିବାକୁ ଚେଷ୍ଟା କରନ୍ତି। ନିଜର ପ୍ରିୟଜନଙ୍କ ପ୍ରତି ଅତ୍ୟଧିକ ସମର୍ପିତ ତଥା ନିଷ୍ଠାବାନ ହୁଅନ୍ତି। ସିଂହ ରାଶିର ବ୍ୟକ୍ତି ବାହାରକୁ ଯେତେ କଠୋର ମନେ ହୁଅନ୍ତି ଅନ୍ତରରେ ସେତେ ଉଦାର ହୁଅନ୍ତି। ଏମାନଙ୍କ ବ୍ୟବହାରରେ ଅନ୍ୟମାନେ ସମୟ ସମୟରେ ଅପମାନିତ ହେଲେ ମଧ୍ୟ ସେମାନଙ୍କୁ ଅତି ସହଜରେ ସିଂହ ରାଶିର ବ୍ୟକ୍ତିତ୍ୱ ନିଜ ଆଡ଼କୁ ମନେଇ ନିଅନ୍ତି। ଏମାନଙ୍କ ଭିତରେ ଏକ ଅଦ୍ଭୁତ ସୌନ୍ଦର୍ଯ୍ୟବୋଧ ରହିଥାଏ, କେବଳ ନିଜ ପାଇଁ ଏବଂ ନିଜର ସଂପତ୍ତି ପାଇଁ ନୁହେଁ ନିଜ ଚାରିପଟର ବାତାବରଣ ସୌନ୍ଦର୍ଯ୍ୟ ଓ ବିକାଶ ଏମାନଙ୍କର ନୈସର୍ଗିକ ଗୁରୁଦାୟିତ୍ୱ ହୋଇ ରୁହେ। କନ୍ୟା ରାଶିର ବ୍ୟକ୍ତିତ୍ୱରେ ବୁଦ୍ଧିମତା, ବ୍ୟାବହାରିକତା ଓ ପୂର୍ଣ୍ଣତାର ଇଚ୍ଛାଶକ୍ତି ପ୍ରମୁଖ ରୂପେ ଥାଏ। ଏମାନେ ପରିଶ୍ରମୀ, ବ୍ୟବସ୍ଥିତ ଏବଂ ଅନୁଶାସିତ ହୁଅନ୍ତି ଓ ନିଜ କର୍ମର ପୂର୍ଣ୍ଣତା ତଥା ବିକାଶ ପ୍ରତି ସଜାଗ ରୁହନ୍ତି। ଏମାନେ ସକାରାତ୍ମକ ଆଲୋଚନାରେ ବିଶ୍ୱାସ କରନ୍ତି ଓ ନିଜର ଦୁର୍ବଳତା ଜଣାପଡ଼ିଲେ ନିରାଶ ହୁଅନ୍ତି। ଏମାନେ ଶାନ୍ତ ଓ ଧୈର୍ଯ୍ୟବାନ ହୁଅନ୍ତି। କିନ୍ତୁ ବିରୋଧର ସାମ୍ନା କଲେ ଅତି ଦୃଢ଼ଭାବରେ ତା'କୁ ସମ୍ମୁଖୀନ ହୁଅନ୍ତି। ତୁଳା ରାଶିର ବ୍ୟକ୍ତିତ୍ୱ ସମସ୍ତଙ୍କର ଭଲ କରିବା ପାଇଁ ଇଚ୍ଛା କରନ୍ତି। ଏମାନେ ବିବାଦଠାରୁ ଦୂରରେ ରୁହନ୍ତି ଅବା ବିବାଦକୁ ସମାଧାନ କରିବା ପାଇଁ ଦୃଢ଼ ପଦକ୍ଷେପ ନିଅନ୍ତି। ନିରପେକ୍ଷ ଭାବେ ପରିସ୍ଥିତିକୁ ବୁଝିବା ଓ ସମସ୍ୟାର ସମାଧାନ କରିବା ପାଇଁ ଏମାନେ ଚେଷ୍ଟିତ ରୁହନ୍ତି, କାରଣ ସଂଘର୍ଷ ଅବା ବିରୋଧତାକୁ ଏମାନେ ଘୃଣା କରନ୍ତି। ଚତୁର ରଣନୀତିକାର ଏବଂ ଆୟୋଜକ ହୋଇଥିବାରୁ ଏମାନେ ଅତି ସହଜରେ କୌଣସି କାର୍ଯ୍ୟକୁ କୁଶଳତାର ସହ କରିପାରନ୍ତି। ବିଛା/ବୃଶ୍ଚିକ ରାଶିର ବ୍ୟକ୍ତି ସ୍ୱଭାବରେ ଦୃଢ଼ ହୁଅନ୍ତି ଓ କ୍ଷଣକୋପୀ ମଧ୍ୟ କିନ୍ତୁ, ସେମାନେ ସେମାନଙ୍କର ଭାବନାକୁ ଅତି ଚତୁରତାର ସହ ଲୁଚାଇ ରଖନ୍ତି। ଏମାନେ ସ୍ପଷ୍ଟବାଦୀ ଓ ପ୍ରତିଶୋଧ ପରାୟଣ ହୁଅନ୍ତି। ସେମାନଙ୍କ ବ୍ୟବହାରକୁ ବୁଝିବା ଅତି କଠିନ ହୋଇଥାଏ। ଏମାନେ ଚତୁର ରାଜନୈତିକ ହୁଅନ୍ତି। ଧନୁ ରାଶିର ବ୍ୟକ୍ତିତ୍ୱ ଜୀବନକୁ ସହଜ ଭାବରେ ଗ୍ରହଣ କରନ୍ତି ଯେ'ପର୍ଯ୍ୟନ୍ତ ସେମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନ ଦିଆଯାଇଛି। ଏମାନେ ଚଞ୍ଚଳ ସ୍ୱଭାବର ତଥା ବିଦ୍ରୋହୀ ହୁଅନ୍ତି। ଏମାନେ ଭଲ ପାଇବାରେ ସଂପୂର୍ଣ୍ଣ ସମର୍ପିତ ହୁଅନ୍ତି ଏବଂ ନିଜର ଜୀବନସାଥୀ ପ୍ରତି ଅନୁଗତ ତଥା ଭରସାଯୋଗ୍ୟ ହୁଅନ୍ତି। ମକର ରାଶିର ବ୍ୟକ୍ତି ପରିଶ୍ରମୀ, ମହତ୍ତ୍ୱାକାଂକ୍ଷୀ, ବ୍ୟବହାର କୁଶଳୀ ଏବଂ ଦାୟିତ୍ୱବାନ ହୁଅନ୍ତି। ସେମାନେ ଅତ୍ୟନ୍ତ ଯତ୍ନଶୀଳ ହୁଅନ୍ତି ନିଜର ଲକ୍ଷ୍ୟ ହାସଲ ପାଇଁ। ଗମ୍ଭୀର, ଆତ୍ମବିଶ୍ୱାସୀ ଏବଂ ନିଜ କର୍ମ ପ୍ରତି ଅତ୍ୟନ୍ତ ସମର୍ପିତ ହୁଅନ୍ତି। ନିଜର ସିଦ୍ଧାନ୍ତକୁ ନେଇ ଦୃଢ଼ ରୁହନ୍ତି। ଯଦିଓ କିଛି ମାତ୍ରାରେ ରହସ୍ୟାତ୍ମକ ଏବଂ ଦରକାର ପଡ଼ିଲେ ଏକାକୀ କୌଣସି କାର୍ଯ୍ୟ ପାଇଁ ଯତ୍ନଶୀଳ ରୁହନ୍ତି। ନିଜର ଭାବନାକୁ ସହଜରେ ପ୍ରକାଶ କରନ୍ତି ନାହିଁ। କୁମ୍ଭ ରାଶିର ବ୍ୟକ୍ତିତ୍ୱ ତୀକ୍ଷ୍ଣ ବୁଦ୍ଧିସଂପନ୍ନ, ଆତ୍ମବିଶ୍ୱାସୀ ଏବଂ ସମ୍ବେଦନଶୀଳ ହୁଅନ୍ତି। ପ୍ରତ୍ୟେକ କାର୍ଯ୍ୟକୁ ଆତ୍ମବିଶ୍ୱାସ ଏବଂ ପରିଶ୍ରମ ଦ୍ୱାରା ପୂରା କରିବାରେ ବିଶ୍ୱାସ ରଖନ୍ତି। ନିଜର ବୁଦ୍ଧି ଓ ଧୀଶକ୍ତି ଯୋଗୁଁ ଅନ୍ୟମାନଙ୍କଠାରୁ ଆଗରେ ରୁହନ୍ତି। ମୀନରାଶି ବୃହସ୍ପତିଙ୍କର ଦ୍ୱିତୀୟ ଘର ଓ କାଳଚକ୍ରର ଅନ୍ତିମ ରାଶି ଅଟେ। ଏଭଳି ରାଶିର ବ୍ୟକ୍ତିତ୍ୱଙ୍କ ପାଖରେ ଦୟା, କରୁଣାର ଭାବ ଭରି ରହିଥାଏ। ନିଜ ତରଫରୁ ଯଦିଓ ସେମାନେ ସହାୟତା କରିବାକୁ ଆଗେଇ ଆସନ୍ତିନି କିନ୍ତୁ ସହାୟତା ପାଇଁ ଅନୁରୋଧ ଆସିଲେ ସେମାନେ ପୂର୍ଣ୍ଣ ରୂପରେ ସାହାଯ୍ୟ କରନ୍ତି। ଏମାନେ ଦାର୍ଶନିକ, ପ୍ରଣୟଶୀଳ ଓ ଦୃଢ଼ତାର ସହ ସତ୍ୟ ପ୍ରକାଶ କରିବା ପାଇଁ ଚେଷ୍ଟିତ ରୁହନ୍ତି।




### ଜ୍ୟୋତିର୍ବାସ୍ତୁର ଅପୂର୍ବ ସଂପର୍କ - ଏକ ଭିନ୍ନ ଦିଗନ୍ତ

ସାଧାରଣ ଜୀବନରେ ଏହି ବାର ରାଶିର ଏକ ଭୌଗଳିକ ମାନଚିତ୍ର ଜ୍ୟୋତିର୍ବାସ୍ତୁ ଦ୍ୱାରା ରେଖାଙ୍କିତ କରାଯାଇଛି। ଯାହାଦ୍ୱାରା, ଅତି ସହଜରେ ରାଶି ଓ ବାସ୍ତୁର ସଂପର୍କ ବୁଝିହେବ। ଆମର ଦୈନନ୍ଦିନ ଜୀବନରେ ମେଷ ଏଭଳି ଏକ ଜାଗା ଅବା ସ୍ଥାନ ଯେଉଁଠି କୌଣସି କାର୍ଯ୍ୟ ତୁରନ୍ତ ଓ ବଳପୂର୍ବକ ଆରମ୍ଭ କରାଯାଏ। ଯଥା- ପୋଲିସ ଥାନା, ଅଗ୍ନି ନିର୍ବାପନ ସ୍ଥାନ, ଆମ୍ବୁଲାନ୍ସ ସେବା, ଚିକିତ୍ସାଳୟର ଜରୁରୀ ବିଭାଗ, ଶିଳ୍ପାଞ୍ଚଳ, ବିଜୁଳି ବିତରଣ କେନ୍ଦ୍ର ଓ ସେନାବାହିନୀର ଛାଉଣୀ ଇତ୍ୟାଦି। ବୃଷ ରାଶିର ସ୍ଥାନ ଭଣ୍ଡାରଗୃହ, ପେଣ୍ଠସ୍ଥଳୀ, ବ୍ୟାଙ୍କ, ବ୍ୟାଙ୍କ ଲକର୍, ଶୀତଳ ଭଣ୍ଡାର, ପଣ୍ୟାଗାର, ଖାଦ୍ୟ ନିଗମର ଗୋଦାମ, ଘର ଭିତରେ ଥିବା ଫ୍ରିଜ୍। ମିଥୁନ ରାଶିର ସ୍ଥାନ ହେଉଛି ଖେଳ ପଡ଼ିଆ, ଆମୋଦ ପ୍ରମୋଦ କେନ୍ଦ୍ର, ମଞ୍ଚ, ଆଖଡ଼ା, ଷ୍ଟାଡିୟମ, ଅଡିଟୋରିୟମ, ରେସ୍‌କୋର୍ସ,ଡିସ୍କୋ ଅବା ଆଜିର ରାତ୍ରି କ୍ଲବ୍। କର୍କଟ ରାଶିର ସ୍ଥାନ ହେଉଛି ସବୁ ଯତ୍ନଶୀଳ ସ୍ଥାନ( Care taking place) ଯେଉଁଠି ପାଳନ ପୋଷଣର ଦାୟିତ୍ୱ ନିଆଯାଇଥାଏ। ଯଥା- ଡେ କେୟାର ସେଣ୍ଟର, ପୌରପାଳିକା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ମାତୃ ଓ ଶିଶୁ ମଙ୍ଗଳ ବିଭାଗ, ଗୃହପାଳିତ ପଶୁ ଚିକିତ୍ସା କେନ୍ଦ୍ର, ଅନାଥାଶ୍ରମ, ଧର୍ମଶାଳା ଏବଂ ▶ଅବଶିଷ୍ଟ ପୃଷ୍ଠା ୭

# ଇଥାନଲ୍ ମିଶ୍ରିତ ପେଟ୍ରୋଲ: ଲାଭ କେତେ, କ୍ଷତି କେତେ?




ଆମ ଓଡ଼ିଶା ବ୍ୟୁରୋ

ଜଳବାୟୁ ପରିବର୍ତ୍ତନ ଓ ତତ୍‌ଜନିତ ବିଶ୍ୱ ତାପମାତ୍ରା ବୃଦ୍ଧିରେ ଅଙ୍ଗାରକାମ୍ଳର ଭୂମିକା ସର୍ବାଧିକ। ପରିବେଶ ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଆହ୍ୱାନ ପାଲଟିଥିବା ଅଙ୍ଗାରକାମ୍ଳ ବୋଝକୁ ହ୍ରାସ କରିବା ଲାଗି ବିଶ୍ୱ ସମ୍ପ୍ରଦାୟ ସମ୍ମିଳିତ ଉଦ୍ୟମକୁ ଗୁରୁତ୍ୱ ଦେଇଥିବା ବେଳେ ଏହି ଲକ୍ଷ୍ୟରେ ଗୃହୀତ ଅନ୍ତର୍ଜାତୀୟ ରାଜିନାମାରେ ସ୍ୱାକ୍ଷର କରିଥିବା ଭାରତ ବିବିଧ ଯୋଜନା ଜରିଆରେ ଅଙ୍ଗାରକାମ୍ଳ ପରିମାଣ ହ୍ରାସ ପାଇଁ ପଦକ୍ଷେପ ତ୍ୱରାନ୍ୱିତ କରିଛି। ଏହାର ଅଂଶବିଶେଷ ସ୍ୱରୂପ ଜୀବାଶ୍ମ ଇନ୍ଧନ ଚାଳିତ ଯାନବାହାନରୁ ନିର୍ଗତ ଅଙ୍ଗାରକାମ୍ଳ ସମେତ ଅନ୍ୟାନ୍ୟ ପ୍ରଦୂଷଣକାରୀ ବାଷ୍ପର କୁପ୍ରଭାବ ନିୟନ୍ତ୍ରଣ ସକାଶେ କେନ୍ଦ୍ର ସରକାର ୨୦୧୪ରୁ ଆରମ୍ଭ କରିଥିବା ଜୈବ ଇନ୍ଧନ ଯୋଜନା ଲକ୍ଷ୍ୟ ୫ ବର୍ଷ ପୂର୍ବରୁ ହାସଲ ହେବା ଏକ ଉଲ୍ଲେଖନୀୟ ସଫଳତା। ଏହା ଫଳରେ ଦେଶରେ ଜୈବ ଇନ୍ଧନ ଉତ୍ପାଦନ ଓ ଏହାର ଉପଯୋଗ ବ୍ୟାପକ ଭାବେ ବୃଦ୍ଧି ପାଇଛି। ପେଟ୍ରୋଲ୍/ଡିଜେଲ୍ ଚାଳିତ ଯାନବାହାନରେ ୨୦% ଜୈବ ଇନ୍ଧନ ମିଶ୍ରଣ ଦ୍ୱାରା ଦେଶରେ ଅଙ୍ଗାରକାମ୍ଳ ବୋଝ ୬ କୋଟି ୯୮ ଲକ୍ଷ ଟନ୍ ହ୍ରାସ ପାଇଛି। କେବଳ ସେତିକି ନୁହେଁ, ଏହାଦ୍ୱାରା ଅଶୋଧିତ ପେଟ୍ରୋଲିୟମ୍ ଆମଦାନୀ ବ୍ୟୟ ୧ ଲକ୍ଷ ୩୬ ହଜାର କୋଟି ଟଙ୍କା କମିଥିବାରୁ ଦେଶ ୧୫୦ କୋଟି ଡଲାର ବୈଦେଶିକ ମୁଦ୍ରା ସଞ୍ଚୟ କରିପାରିଛି। ଇଥାନଲ୍-୨୦ ବା ଇ-୨୦ ନାମରେ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାରୁ ଉପରୋକ୍ତ ସଫଳତା ମିଳୁଥିଲେ ମଧ୍ୟ ଏହାର ପରୋକ୍ଷ ପ୍ରଭାବ ଦେଶର କୃଷି ନୀତିକୁ ଭିନ୍ନ ମୋଡ଼ ଦେବା ସହ ଆମ ଖାଦ୍ୟ ନିରାପତ୍ତାକୁ କ୍ରମଶଃ ବିପନ୍ନ କରିବ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହାଛଡ଼ା ଇ-୨୦ ଇନ୍ଧନର କୁପ୍ରଭାବକୁ ରୋକିବା ପାଇଁ ମୋଟର ଯାନ ଇଞ୍ଜିନ୍‌କୁ ଆବଶ୍ୟକ ବୈଷୟିକ କୌଶଳ ଜରିଆରେ ଅନୁକୂଳ ତଥା ଦକ୍ଷ କରାଯାଇ ନଥିବାରୁ ଯାନବାହାନ ଗୁଡ଼ିକର ବେଗ ତଥା ଇନ୍ଧନ ବ୍ୟବହାର ଦକ୍ଷତା (ମାଇଲେଜ୍) ପ୍ରଭାବିତ ହେବା ସହ କେତେକ ଯନ୍ତ୍ରାଂଶ ନଷ୍ଟ ହେଉଥିବା ଅଭିଯୋଗ ଆସୁଛି। ଏଭଳି ଅଭିଯୋଗକୁ କେନ୍ଦ୍ର ପେଟ୍ରୋଲିୟମ୍ ତଥା ପରିବହନ ମନ୍ତ୍ରାଳୟ ସ୍ପଷ୍ଟୀକରଣ ଦେଇ ଖଣ୍ଡନ କରୁଥିଲେ ମଧ୍ୟ ଇ-୨୦ ବ୍ୟବହାର ପ୍ରତି ଆଶାନୁରୂପ ଆକର୍ଷଣ ଲକ୍ଷ୍ୟ କରାଯାଉ ନାହିଁ।

'ଅଟୋକାର୍ ଇଣ୍ଡିଆ' ମ୍ୟାଗାଜିନର ସମ୍ପାଦକ ହର୍ମଜ୍ ସୋରାବ୍‌ଜୀ କହିଛନ୍ତି, ପେଟ୍ରୋଲ ତୁଳନାରେ ଇ-୨୦ ଇନ୍ଧନ ଗାଡ଼ି ବେଗ ଓ ମାଇଲେଜ୍ ଦୃଷ୍ଟିରୁ ଦକ୍ଷ ନୁହେଁ। ପୁଣି ଏହା ଖାପ୍ ଖାଉନଥିବା ଇଞ୍ଜିନର ଯନ୍ତ୍ରାଂଶକୁ କ୍ଷତି ପହଞ୍ଚାଉଛି। ହୋଣ୍ଡା ଭଳି କିଛି କାର୍ ନିର୍ମାତା ୨୦୦୯ ମସିହାରୁ ଗାଡ଼ିରେ ଇ-୨୦ ଅନୁକୂଳ ଇଞ୍ଜିନ୍ ବ୍ୟବହାର କରୁଥିଲେ ମଧ୍ୟ ଦେଶର ଅଧିକଂଶ କାର୍ ନିର୍ମାତା ଏ ପର୍ଯ୍ୟନ୍ତ ତାହା କରି ନାହାନ୍ତି। ଭାରତୀୟ ସଡ଼କରେ ଚାଲୁଥିବା ଅନେକ ପୁରୁଣା ଗାଡ଼ିର ଇଞ୍ଜିନ୍ ଇ-୨୦ ଅନୁକୂଳ ନୁହେଁ। ତେଣୁ ଅନେକ ଗ୍ରାହକ ଇ-୨୦ ଇନ୍ଧନର ଯାବତୀୟ କୁପ୍ରଭାବ ସମ୍ପର୍କରେ ଅଭିଯୋଗ କରୁଛନ୍ତି। ଆଉ ଏକ ସମସ୍ୟା ହେଲା-ଭାରତରେ ଅଧିକାଂଶ ବୀମା କମ୍ପାନୀଙ୍କ ନୀତି ଓ ସର୍ତ୍ତରେ ଇ-୨୦ ଇନ୍ଧନ ବ୍ୟବହାରଜନିତ କ୍ଷତିଭରଣା ପାଇଁ ବ୍ୟବସ୍ଥା ନାହିଁ। ଅନଲାଇନ୍ ବୀମା ପ୍ଲାଟଫର୍ମ 'ପଲିସି ବଜାର'ର ଜଣେ ଶୀର୍ଷ କାର୍ଯ୍ୟନିର୍ବାହୀ ନିଜ ପରିଚୟ ଗୋପନ ରଖିବା ସର୍ତ୍ତରେ ବିବିସିକୁ କହିଛନ୍ତି ଯେ ଇଞ୍ଜିନ୍ କିମ୍ବା ଯନ୍ତ୍ରାଂଶ କ୍ଷତି ବାବଦରେ ବୀମା ରାଶି ପାଇବାକୁ ହେଲେ ଇ-୨୦ ବ୍ୟବହାରକାରୀଙ୍କୁ ଅତିରିକ୍ତ ବୀମା ରାଶି ଦେବାକୁ ପଡ଼ିବ।

କେନ୍ଦ୍ରୀୟ ପେଟ୍ରୋଲିୟମ ମନ୍ତ୍ରଣାଳୟ ଏଭଳି ଅଭିଯୋଗକୁ "ଅମୂଳକ" ବୋଲି ବର୍ଣ୍ଣନା କରିଛନ୍ତି। ମନ୍ତ୍ରଣାଳୟର ସ୍ପଷ୍ଟୀକରଣ ହେଲା- ଇଞ୍ଜିନ୍‌ରେ ଟ୍ୟୁନିଂ ସମସ୍ୟା ଥିଲେ ଇ-୨୦ ଗାଡ଼ିର ମାଇଲେଜ୍ କମିପାରେ। ପୁନଶ୍ଚ ଇ-୨୦ ଇନ୍ଧନ ବ୍ୟବହାର ପାଇଁ ପୁରୁଣା ଗାଡ଼ିର କିଛି ଯନ୍ତ୍ରାଂଶ ବଦଳାଇବାକୁ ପଡ଼ିବ; ଯାହା ସୁଲଭ ଓ ନିୟମିତ ସର୍ଭିସିଂ ବେଳେ ସହଜରେ କରାଯାଇ ପାରିବ। କିନ୍ତୁ ଶ୍ରୀ ସୋରାବ୍‌ଜୀ ବିବିସିକୁ କହିଛନ୍ତି ଯେ ଇ-୨୦ ଇନ୍ଧନ ଯୋଗୁଁ ମାଇଲେଜ୍ ସମସ୍ୟା ଓ ଯନ୍ତ୍ରାଂଶର କ୍ଷତି ଅଭିଯୋଗ ଆଦୌ ଅମୂଳକ ନୁହେଁ। ଏହାର ସମାଧାନ ଲାଗି କାର୍ ନିର୍ମାତା କମ୍ପାନୀମାନେ ଉଦ୍ୟମ କରୁଛନ୍ତି। ଭାରତର ପ୍ରମୁଖ କାର୍ ନିର୍ମାତା ମାରୁତି ସୁଜୁକି ପ୍ରତି କାର୍‌ରେ ପାଖାପାଖି ୬,୦୦୦ ଟଙ୍କା ମୂଲ୍ୟରେ ଇ-୨୦ କିଟ୍ ଖଚିତ କରିବାକୁ ଯୋଜନା ରଖିଛି। ଏହା ଇନ୍ଧନବାହୀ ବ୍ୟବସ୍ଥା, ସିଲ୍ ଓ ଗ୍ୟାସ୍‌କେଟ୍‌କୁ ସମସ୍ୟା-ମୁକ୍ତ ରଖିବ। ପ୍ରମୁଖ ଦୁଇଚକିଆ ନିର୍ମାତା ବଜାଜ୍ ମାତ୍ର ୧୦୦ ଟଙ୍କା ମୂଲ୍ୟରେ ଫ୍ୟୁଏଲ୍ କ୍ଲିନର ବ୍ୟବହାର କରିବାକୁ ପରାମର୍ଶ ଦେଇଛି। ମାରୁତି ସୁଜୁକିର ଦିଲ୍ଲୀସ୍ଥିତ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ଅମିତ ପାଣ୍ଡି କହିଛନ୍ତି, ଦିଲ୍ଲୀରେ ପେଟ୍ରୋଲ ପମ୍ପଗୁଡ଼ିକ ଇ-୨୦ ଛଡ଼ା ଗ୍ରାହକମାନଙ୍କୁ ଅନ୍ୟ ଇନ୍ଧନ ବାଛିବାର ବିକଳ୍ପ ଦେଉନାହାନ୍ତି। ତେଣୁ ସେମାନେ ଇ-୨୦ କିଣିବାକୁ ବାଧ୍ୟ। ଫଳରେ ଇ-୨୦ ଅନୁକୂଳ ଯନ୍ତ୍ରାଂଶ କିଣିବାରେ ସେମାନେ ଖର୍ଚ୍ଚାନ୍ତ ହେଉଛନ୍ତି।

ନୀତି ଆୟୋଗଙ୍କ ନିକଟରେ ଉପରୋକ୍ତ ଉଦ୍‌ବେଗ ସବୁକୁ ଉପସ୍ଥାପନ କରାଯିବା ପରେ ଇ-୨୦ ଅନୁକୂଳ ଗାଡ଼ି କିଣିବା ପାଇଁ ଟିକସ ରିହାତି ଓ ଇନ୍ଧନର ଖୁଚୁରା ମୂଲ୍ୟ ହ୍ରାସ ନିମନ୍ତେ ଆୟୋଗ ସୁପାରିଶ କରିଥିଲେ। ମାତ୍ର ସରକାର ତାହାକୁ ଅଗ୍ରାହ୍ୟ କରି କହିଛନ୍ତି ଯେ ଏହି ରିପୋର୍ଟ ପ୍ରକାଶ ସମୟରେ ଇଥାନଲ୍ ପେଟ୍ରୋଲ ତୁଳନାରେ ଶସ୍ତା ଥିଲା। ପରବର୍ତ୍ତୀ ସମୟରେ ଇ-୨୦ର ମୂଲ୍ୟ ବଢ଼ିଛି। ଆଗାମୀ ଦିନରେ ଏହାର ଖୁଚୁରା ମୂଲ୍ୟ ହ୍ରାସ ପାଇବ। କାଉନସିଲ ଅନ୍ ଏନର୍ଜୀ, ଏନ୍‌ଭିରନ୍‌ମେଣ୍ଟ ଆଣ୍ଡ ୱାଟର (CEEW) ର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଭାରତରେ ସଡ଼କ ପରିବହନରୁ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ୨୦୫୦ ସୁଦ୍ଧା ପ୍ରାୟ ଦୁଇଗୁଣ ହେବ। ଇଣ୍ଡିଆନ ଫେଡେରେସନ ଅଫ୍ ଗ୍ରୀନ୍ ଏନର୍ଜୀର ସନ୍ଦୀପ ଥେଙ୍ଗ୍ ବିବିସିକୁ କହିଛନ୍ତି, "କ୍ରମବର୍ଦ୍ଧିଷ୍ଣୁ ଇନ୍ଧନ ଚାହିଦାକୁ ଦୃଷ୍ଟିରେ ରଖି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ନିମନ୍ତେ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ବ୍ୟବହାର ଏକାନ୍ତ ଜରୁରି।"

ଅପର ପକ୍ଷରେ ସରକାରଙ୍କ ଇଥାନଲ୍ ମିଶ୍ରିତ ଇନ୍ଧନ ପ୍ରୟାସ ପରିବେଶବିତ୍ ଓ ଖାଦ୍ୟ ନୀତି ବିଶେଷଜ୍ଞମାନଙ୍କୁ ମଧ୍ୟ ଚିନ୍ତାରେ ପକାଇଛି। ଦେଶରେ ପ୍ରସ୍ତୁତ ମୋଟ୍ ଇଥାନଲ୍‌ର ପ୍ରାୟ ୫୦% ଆଖୁ ଓ ମକା ପ୍ରକ୍ରିୟାକରଣ ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ମହୁଲ ପୋଚ ଆଦିର ବର୍ଜ୍ୟରୁ ଉତ୍ପାଦିତ ହେଉଛି। ଅବଶିଷ୍ଟ ୫୦% ଧାନ, ଗହମ ଶସ୍ୟ ସମେତ ଏହାର ଅନ୍ୟାନ୍ୟ ବର୍ଜ୍ୟରୁ ମଧ୍ୟ ଉତ୍ପାଦିତ ହୋଇଥାଏ। ତେଣୁ ଏସବୁ ଚାଷକୁ ପ୍ରୋତ୍ସାହିତ କରିବା ଲାଗି ସରକାର ପ୍ରତି ବର୍ଷ ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କୁ ଫାଇଦା ଦେଉଥିବା କହୁଛନ୍ତି। ତେଣୁ ଇଥାନଲ୍ ବ୍ୟବହାର ବୃଦ୍ଧି ସହିତ ତାଳଦେଇ ଉପରୋକ୍ତ କୃଷି ଉତ୍ପାଦନ ବୃଦ୍ଧି ପାଇବ। ସରକାରୀ ଆକଳନ ଅନୁଯାୟୀ, ୨୦୨୫ ମସିହାରେ ଭାରତକୁ ଇ-୨୦ ଆବଶ୍ୟକତା ପୂରଣ ପାଇଁ ୧୦୦୦ କୋଟି ଲିଟର ଇଥାନଲ୍ ଆବଶ୍ୟକ। ବେଙ୍ଗାଲୁରୁସ୍ଥିତ ସେଣ୍ଟର ଫର୍ ଷ୍ଟଡି ଅଫ୍ ସାଇନ୍ସ, ଟେକ୍ନୋଲୋଜି ଆଣ୍ଡ ପଲିସି (CSTEP) ର ଗବେଷକ ରାମ୍ୟା ନଟରାଜନ୍‌ଙ୍କ ମତରେ ୨୦୫୦ ସୁଦ୍ଧା ଇଥାନଲ୍ ଚାହିଦା ୨୦୦୦ କୋଟି ଲିଟରକୁ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ପ୍ରାୟ ଏକ ଦଶନ୍ଧି ପରେ ୨୦୨୪ ବର୍ଷରେ ଭାରତ ମକା ଆମଦାନୀ କରିଛି। ନୀତି ଆୟୋଗ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଇଥାନଲ୍ ଚାହିଦା ପୂରଣ ସକାଶେ ୫୦:୫୦ ଅନୁପାତରେ ମକା ଓ ଆଖୁରୁ ତାହା ଉତ୍ପାଦନ କରାଯିବ। ନଟରାଜନ୍‌ଙ୍କ ଆକଳନ ଅନୁସାରେ ଏହି ଲକ୍ଷ୍ୟ ହାସଲ ଲାଗି ୨୦୩୦ ସୁଦ୍ଧା ଭାରତକୁ ଅଧିକ ୮୦ ଲକ୍ଷ ହେକ୍ଟର ଜମିରେ ମକା ଚାଷ କରିବାକୁ ପଡ଼ିବ। ଯଦି କୃଷକମାନେ ଧାନ ଓ ଗହମ ଚାଷ ଛାଡ଼ି ମକା ଚାଷକୁ ଗୁରୁତ୍ୱ ଦିଅନ୍ତି ଚାଉଳ ଓ ଗହମ ଉତ୍ପାଦନ ହ୍ରାସ ପାଇବ। ଅନ୍ୟ ପକ୍ଷରେ ଇଥାନଲ୍ ଉତ୍ପାଦନରେ ମକାର ଉପଯୋଗ ବଢ଼ିଲେ କୁକୁଡ଼ା ଓ ପଶୁ ଖାଦ୍ୟର ଅଭାବ ଦେଖାଦେବ। ନଟରାଜନଙ୍କ ମତରେ ପେଟ୍ରୋଲ ସହିତ ୧୦% ଇଥାନଲ୍ ମିଶ୍ରଣ (ଇ-୧୦) ନୀତି ବରଂ ଅଧିକ ଆଦର୍ଶ ବିକଳ୍ପ ହୋଇଥାନ୍ତା। ତେବେ ପ୍ରଚଳିତ ଇ-୨୦ ନୀତିକୁ ଆଗେଇ ନେବାକୁ ହେଲେ ସବୁ ଦିଗକୁ ବିଚାର କରି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏହା ସତ୍ତ୍ୱେ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀ ନିକଟରେ କହିଛନ୍ତି ଯେ ଦେଶକୁ କ୍ରମଶଃ ଇ-୨୫, ଇ-୨୭ ଓ ଇ-୩୦ ନୀତିରେ ଅଗ୍ରସର ହେବାକୁ ପଡ଼ିବ।

ପୁଣି ଇଥାନଲ୍ ଉତ୍ପାଦନ ବୃଦ୍ଧି ସକାଶେ ଭାରତୀୟ ଖାଦ୍ୟ ନିଗମ (FCI) ୫୨ ଲକ୍ଷ ଟନ୍ ଚାଉଳ ଯୋଗାଇବାକୁ ଯୋଜନା କରିଛି। ଏହାଦ୍ୱାରା ଦେଶରେ ୨୫ କୋଟିରୁ ଅଧିକ ଗରିବଙ୍କୁ ରିହାତି ମୂଲ୍ୟରେ ମିଳୁଥିବା ଚାଉଳ ଅନିଶ୍ଚିତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ମୋଟାମୋଟି ଭାବେ ଆମ ଇଥାନଲ୍ ନୀତି ଦେଶରେ କୃଷି ବିପର୍ଯ୍ୟୟ ଓ ଖାଦ୍ୟ ସଙ୍କଟ ଭଳି ସମସ୍ୟାକୁ ଆମନ୍ତ୍ରଣ କରିପାରେ ବୋଲି କୃଷି ବିଶେଷଜ୍ଞ ଦେବୀନ୍ଦର ଶର୍ମା ସତର୍କ କରାଇଛନ୍ତି। ତାଙ୍କ ମତରେ କୃଷିନୀତିର ଏତାଦୃଶ ପରିବର୍ତ୍ତନ ଯୋଗୁଁ ଚାଷୀମାନେ ପାରମ୍ପରିକ ଖାଦ୍ୟ ଶସ୍ୟ ଉତ୍ପାଦନ ବଦଳରେ ମକା, ଆଖୁ ଭଳି ଇଥାନଲ୍ ଉତ୍ପାଦନକାରୀ ଅର୍ଥକରୀ ଫସଲକୁ ଗୁରୁତ୍ୱ ଦେବେ। ପାରମ୍ପରିକ କୃଷି ପଦ୍ଧତିର ସମ୍ଭାବ୍ୟ ପରିବର୍ତ୍ତନ ଯୋଗୁଁ ତୈଳବୀଜ ଓ ଡାଲି ଜାତୀୟ ଫସଲ ଉତ୍ପାଦନ ହ୍ରାସ ପାଇ ପାର୍ଶ୍ୱ ପ୍ରଭାବ ସଦୃଶ ଖାଦ୍ୟ ସଙ୍କଟକୁ ଉତ୍କଟ କରିପାରେ।

## ଓଡ଼ିଶାରେ ୫ଟି ପ୍ରକଳ୍ପ ଉତ୍ପାଦନକ୍ଷମ ; ଆଉ ୩୦କୁ ମଞ୍ଜୁରି

ଭାରତର ସଡ଼କ ପଥରେ ଯାତାୟତ କରୁଥିବା ଯାନବାହାନରେ ଇଥାନଲ୍ ମିଶ୍ରିତ ଇନ୍ଧନ ବ୍ୟବହାର ପାଇଁ ଯୋଜନା ଅରମ୍ଭ ହୋଇଥିଲା ୨୦୧୪ରେ। ସେ ବର୍ଷ ମାତ୍ର ୩୮ କୋଟି ଲିଟର ଇଥାନଲ୍ ଉତ୍ପାଦିତ ହୋଇଥିଲା ବେଳେ ଚଳିତ ବର୍ଷ ଜୁନ୍ ସୁଦ୍ଧା ଏହାର ଉତ୍ପାଦନ ୬୬୧.୧ କୋଟି ଲିଟରକୁ ବୃଦ୍ଧି ପାଇଛି। ଚଳିତ ବର୍ଷରେ ଦେଶର ମୋଟ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବହାର ଚାହିଦାର ୨୦% ଓଡ଼ିଶା ପୂରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଇତିମଧ୍ୟରେ ବାର୍ଷିକ ୨୦ କୋଟି ଲିଟର ଉତ୍ପାଦନ କ୍ଷମତାର ୫ଟି ପ୍ରକଳ୍ପରୁ ବ୍ୟାବସାୟିକ ଉତ୍ପାଦନ ଜାରି ରହିଛି। ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋଆଲଏଜ୍ (ଇମ୍ଫା) ୧୪୦ କୋଟି ଟଙ୍କା ବ୍ୟୟରେ ରାୟଗଡ଼ାରେ ଇଥାନଲ୍ ପ୍ଲାଣ୍ଟ କରିବାକୁ ଦେଇଥିବା ପ୍ରସ୍ତାବ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ବେଳେ ରାଜ୍ୟର ଆଉ ୨୯ଟି ପ୍ରକଳ୍ପ ସୁଧ ରିହାତି (ଋଣ ଅର୍ଥର ୬%ରୁ ୫୦% ଯାଏ) ପାଇବାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କରିଛି। ଭାରତ ପେଟ୍ରୋଲିୟମ୍ (ବିପିସିଏଲ୍) ଦ୍ୱାରା ବରଗଡ଼ରେ ସ୍ଥାପିତ ଦୈନିକ ୨୦୦ କିଲୋଲିଟର୍ (୨ ଲକ୍ଷ ଲିଟର) ଉତ୍ପାଦନ କ୍ଷମତାର ପ୍ରକଳ୍ପ ନିକଟ-ଭବିଷ୍ୟତରେ ଉତ୍ପାଦନକ୍ଷମ ହେବ। କୋଷ୍ଟାଲ୍ ବାୟୋଟେକ୍ ଦ୍ୱାରା ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ନିକଟସ୍ଥ ମାରିଙ୍ଗିଠାରେ ସ୍ଥାପିତ ଦୈନିକ ୧୯୮ କିଲୋଲିଟର (୧ ଲକ୍ଷ ୯୮ ହଜାର ଲିଟର୍) କ୍ଷମତାବିଶିଷ୍ଟ ପ୍ଲାଣ୍ଟରେ ଗତ ଏପ୍ରିଲ୍‌ରୁ ପରୀକ୍ଷାମୂଳକ ଉତ୍ପାଦନ ଆରମ୍ଭ ହେଲାଣି। ତେବେ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ତହସିଲ୍ ଅନ୍ତର୍ଗତ ବିନୋଦପୁରରେ ନ୍ୟୁଏଲ୍ଟ ଏନର୍ଜି ଦ୍ୱାରା ସ୍ଥାପିତ ଦୈନିକ ୧୦୦ କିଲୋଲିଟର (୧ ଲକ୍ଷ ଲିଟର) ଉତ୍ପାଦନ କ୍ଷମତାର ଶସ୍ୟଭିତ୍ତିକ ଇଥାନଲ୍ ପ୍ଲାଣ୍ଟ କେଉଁ କାରଣରୁ ବନ୍ଦ ହୋଇଛି, ତାହା ଜଣାପଡୁ ନାହିଁ। ତେବେ ଇଥାନଲ୍ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ଅମଳ ଓ ସଂଗ୍ରହ ଋତୁଭିତ୍ତିକ ହୋଇଥିବାରୁ ଏସବୁ ପ୍ଲାଣ୍ଟରେ ସବୁଦିନିଆ ନିଯୁକ୍ତି ନଥାଏ। ଏକ ପକ୍ଷରେ ନିଯୁକ୍ତି ସୁଯୋଗ ନଗଣ୍ୟ ଓ ଅନ୍ୟ ପକ୍ଷରେ ପାରମ୍ପରିକ କୃଷି ଉତ୍ପାଦନରେ ରୂପାନ୍ତର ସ୍ଥାନୀୟ କୃଷି ଅର୍ଥନୀତିକୁ କିଭଳି ପ୍ରଭାବିତ କରିବ ତାହାର ଆଗୁଆ ଆକଳନ ସହଜ ନୁହେଁ। ତେବେ ରାଜ୍ୟରେ ୩୫ରୁ ଅଧିକ ଇଥାନଲ୍ ପ୍ଲାଣ୍ଟ ସ୍ଥାପନ ପ୍ରସ୍ତାବ ଥିବାରୁ ସେସବୁ କାର୍ଯ୍ୟକ୍ଷମ ହେବା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଆର୍ଥିକ, ସାମାଜିକ ଏବଂ ପାରିବେଶିକ ପ୍ରଭାବ ଆକଳନ ଏକାନ୍ତ ଜରୁରି ବୋଲି କୃଷି ବିଶେଷଜ୍ଞ ଏବଂ ପରିବେଶବିତ୍‌ମାନେ ଗୁରୁତ୍ୱ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ସାଇବର୍ ଅପରାଧୀଙ୍କ...

ଯୌନ ପିପାସା ପୂରଣ କରିବାର ପ୍ରଲୋଭନ ଦେଖାଇ ସୁନ୍ଦରୀ ତରୁଣୀମାନେ କେବଳ ଯେ ପ୍ରତିପକ୍ଷ ସେନାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରୁଛନ୍ତି ତାହା ନୁହେଁ, ସାଇବର୍ ଅପରାଧୀମାନେ ଏହାର ଦୁରୂପଯୋଗ କରି ବିତ୍ତଶାଳୀ ପୁରୁଷ ଓ ମହିଳାଙ୍କୁ ଫସାଇ ସେମାନଙ୍କୁ ମନଇଚ୍ଛା ଲୁଟୁଛନ୍ତି। ଲୋକଲଜ୍ଜା ଭୟରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପୁଲିସ୍ କିମ୍ବା ଅନ୍ୟାନ୍ୟ ଆଇନ୍ ରକ୍ଷାକାରୀ ସଂସ୍ଥାରେ ଅଭିଯୋଗ କରୁନାହାନ୍ତି। ଫଳରେ ସେମାନେ ସର୍ବସ୍ୱାନ୍ତ ହେଉଛନ୍ତି। ସାଇବର୍ ଅପରାଧୀମାନେ ଛାତ୍ରୀ, ନାବାଳିକାଙ୍କୁ ଫସାଇ ସେମାନଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ନଗ୍ନଛବି କଏଦ୍ କରୁଛନ୍ତି ମୋବାଇଲ୍ କିମ୍ବା ଲାପ୍‌ଟପ୍‌ରେ। ଏହାପରେ ସେମାନଙ୍କୁ ମାନସିକ ଓ ଆର୍ଥିକ ଶୋଷଣ କରାଯାଉଛି। ଏନ୍‌ସିଆର୍‌ବି ତଥ୍ୟ ଅନୁସାରେ ମହିଳାଙ୍କ ବିରୋଧରେ ସଂଘଟିତ ସାଇବର୍ ଅପରାଧ ଓଡ଼ିଶାରେ ସର୍ବାଧିକ। ଏସବୁ ଅପରାଧରେ ଓଡ଼ିଶାରେ ବର୍ଷକୁ ହାରାହାରି ୫୦୦ରୁ ଅଧିକ ମାମଲା ରୁଜୁ ହେଉଛି। ୨୦୨୨ ଓ ୨୦୨୩ରେ ଆମ ରାଜ୍ୟରେ ଏହି ମାମଲା ସଂଖ୍ୟା ୫୫୦ ଟପିଥିଲା ବେଳେ ଏହା ପଛକୁ ଥିଲେ ସର୍ବାଧିକ ଜନବହୁଳ ଉତ୍ତର ପ୍ରଦେଶ ଓ ତାପରେ କର୍ଣ୍ଣାଟକ। ଏହି ଦୁଇ ରାଜ୍ୟରେ ଯଥାକ୍ରମେ ୪୫୭ ଓ ୨୩୫ଟି ଏଭଳି ମାମଲା ରୁଜୁ ହୋଇଥିଲା। ମୁଖ୍ୟତଃ ହତାଶ ପ୍ରେମିକମାନେ ଛାତ୍ରୀ ଓ ନାବାଳିକାଙ୍କ ଅଶ୍ଳୀଳ ଭିଡ଼ିଓ ପ୍ରସ୍ତୁତ କରି ଏହାଦ୍ୱାରା ସେମାନଙ୍କୁ ବ୍ଲାକ୍‌ମେଲ୍ କରୁଥିବା ମାମଲା ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ସ୍ଥାନ ଦ୍ୱିତୀୟ। ପ୍ରଥମ ସ୍ଥାନରେ ଉତ୍ତର ପ୍ରଦେଶ ଥିଲେ ମଧ୍ୟ ଜନସଂଖ୍ୟା ତୁଳନାରେ ଏଭଳି ମାମଲା ହାର ଓଡ଼ିଶାରେ ସର୍ବାଧିକ। ଅପର ପକ୍ଷରେ ରକ୍ଷଣଶୀଳ ସମାଜିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଅନେକ ପୀଡ଼ିତା ଲୋକଲଜ୍ଜା ଭୟରେ ମାମଲା ରୁଜୁ କରୁନଥିବାରୁ ଏଭଳି ମାମଲାର ସଂଖ୍ୟା ବେଶ୍ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ମୋଟାମୋଟି ଭାବେ ଏଭଳି ଅନ୍‌ଲାଇନ୍ ଅପରାଧ ଦୈନନ୍ଦିନ ଘଟଣା ପାଲଟିଛି । ଗତବର୍ଷ ରାଜଧାନୀ ଭୁବନେଶ୍ୱରର ଜଣେ ମହିଳା କିଛି ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତକୁ ସିସି କ୍ୟାମେରାରେ କଏଦ୍ କରି ସେମାନଙ୍କଠାରୁ ମୋଟା ଅଙ୍କର ଅର୍ଥ ଅସୁଲ କରିଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଥିଲା। ତାଙ୍କ ହନୀ ଟ୍ରାପ୍‌ରେ କିଛି ସେଲିବ୍ରିଟି ଓ ରାଜନେତା ଫସିଥିଲେ ବୋଲି ଜୋରଦାର୍ ଚର୍ଚ୍ଚା ହୋଇଥିଲା। ଶେଷରେ ସମ୍ପୃକ୍ତ ମହିଳା ଓ ତାଙ୍କ ସହଯୋଗୀମାନେ ଗିରଫ ହୋଇ ଇତିମଧ୍ୟରେ ଜାମିନ୍‌ରେ ଆସିଥିଲେ ହେଁ ମାମଲା ବିଚାରାଧୀନ ରହିଛି।

**ଡିଜିଟାଲ୍ ଗିରଫ:** କିଛି ବର୍ଷ ହେଲା ସାଇବର୍ ଠକ ଆପଣାଇଛନ୍ତି ଡିଜିଟାଲ୍ ଆରେଷ୍ଟ କୌଶଳ। ବିଶେଷକରି ହ୍ୱାଟ୍ସ ଆପ୍ ଦୁରୂପଯୋଗ କରି ସେମାନେ ଧନୀ ତଥା ମଧ୍ୟବିତ୍ତଙ୍କୁ ଟାର୍ଗେଟ୍ କରୁଛନ୍ତି। ସାଇବର୍ ଠକ ଗୋଷ୍ଠୀ ନିଜକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି), ସୀମା ଶୁଳ୍କ (କଷ୍ଟମ୍ସ) ଅବା ସିବିଆଇ ଅଫିସର ସଜାଇ ଜମାକାରୀଙ୍କ ନାମରେ ମାମଲା ରୁଜୁ ହୋଇଥିବାର ଭୟ ଦେଖାଉଛନ୍ତି। ଏଥିରେ ଛାନିଆ ହେବାମାତ୍ରେ ସେମାନଙ୍କୁ ମାମଲା ରଫାଦଫା କରିଦେବାର ଆଶ୍ୱାସନା ଦେଇ ସେମାନଙ୍କ ବ୍ୟାଙ୍କ ତଥ୍ୟ ହାସଲ କରୁଛନ୍ତି ଓ ନିମିଷକ ମଧ୍ୟରେ ତାହାକୁ ସଫା କରିଦେଉଛନ୍ତି। ହଡ଼ପ ଅର୍ଥ ରାଶିକୁ ସେମାନଙ୍କ ଦ୍ୱାରା ପରିଚାଳିତ ଜାଲ୍ ଆକାଉଣ୍ଟକୁ ସ୍ଥାନାନ୍ତର କରି ଠକମାନେ ନିରାପଦ ରହୁଛନ୍ତି। ଓଡ଼ିଶାରେ ଏକାଧିକ ବ୍ୟକ୍ତି ଡିଜିଟାଲ୍ ଗିରଫର ଶିକାର ହୋଇଥିବା ମାମଲାର ଅନୁସନ୍ଧାନ ଜାରି ରହିଛି। କିଛିଦିନ ତଳେ କଟକ ସିଡିଏ ବାସିନ୍ଦା ତଥା ସେନାବାହିନୀର ପୂର୍ବତନ ଡାକ୍ତର ଶଙ୍କର ପ୍ରସାଦ ମିଶ୍ରଙ୍କୁ ସାଇବର ଠକ ଡିଜିଟାଲ୍ ଗିରଫ କରି ତାଙ୍କ ଜମାରୁ ୧ କୋଟି ୯ ଲକ୍ଷ ଟଙ୍କା ୪୨ ହଜାର ଟଙ୍କା ହଡ଼ପ କରିଥିଲେ। ମାମଲା ରୁଜୁ ହେବାପରେ ରାଜ୍ୟ ସାଇବର୍ ପୁଲିସ୍ ପଶ୍ଚିମବଙ୍ଗର ୩ ଜଣଙ୍କୁ ଚଳିତ ମାସ ୧୮ ତାରିଖରେ ଗିରଫ କରି ସେମାନଙ୍କଠାରୁ ୩ଟି ମୋବାଇଲ୍ ଫୋନ୍, ଅନେକ ଜାଲ ସିମ୍‌କାର୍ଡ଼, ୧୯ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ଼ ସମେତ ୪୦ଟି ବ୍ୟାଙ୍କ ଖାତା ଜବତ କରିଛି। ଡାକ୍ତର ମିଶ୍ରଙ୍କଠାରୁ ଅପରାଧୀମାନେ ଠକି ନେଇଥିବା ଟଙ୍କା ମିଆଁମାର୍‌ର ଏକ ବ୍ୟାଙ୍କକୁ ଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ସେହିପରି ଗତ ଜୁଲାଇ ୧୬ରେ ଜଗତସିଂହପୁରର ୩ ଜଣ ଠକ କୋଲ୍ ଇଣ୍ଡିଆର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଡିଜିଟାଲ୍ ଗିରଫ୍‌ରେ ଫସାଇ ତାଙ୍କଠାରୁ ୧ କୋଟି ୧୦ ଲକ୍ଷ ଟଙ୍କା ଠକି ଧରାପଡ଼ିଥିଲେ।

**ଅନ୍ଲାଇନ୍ ଟ୍ରେଡ଼ିଂ:** ସାଇବର ଠକ ଏବେ ଆପଣେଇଛନ୍ତି ଅନ୍‌ଲାଇନ୍ ଟ୍ରେଡିଂ କୌଶଳ। ଅନ୍‌ଲାଇନ୍ ଟ୍ରେଡିଂରେ ଅର୍ଥ ବିନିଯୋଗ କଲେ ସେୟାର୍ ମୂଲ୍ୟ ବଢ଼ି ବିପୁଳ ରିଟର୍ଣ୍ଣ ମିଳିବ ବୋଲି ସେମାନେ ଲୋଭ ଦେଖାଉଛନ୍ତି। କଲ୍ ସେଣ୍ଟର୍, ହ୍ୱାଟ୍ସ ଆପ୍ କିମ୍ବା ଫେସ୍‌ବୁକ୍‌ରେ ଠକ ସିଣ୍ଡିକେଟ୍‌ର ମହିଳା ପ୍ରତିନିଧିମାନେ ଜାଲ ବିଛାଇ ଟାର୍ଗେଟ୍ କରୁଛନ୍ତି ଧନୀ ବ୍ୟକ୍ତିମାନଙ୍କୁ। ଏଥିରେ ପ୍ରଲୋଭିତ ହୋଇ ଯେଉଁମାନେ ସେୟାର୍ କିଣା ନାମରେ ଅର୍ଥ ପୈଠ କରୁଛନ୍ତି, ତାହା ଯାଉଛି ସାଇବର୍ ଠକଙ୍କ ଦ୍ୱାରା ବିଜ୍ଞାପିତ ଜାଲ୍ ବିଦେଶୀ କମ୍ପାନିଙ୍କୁ। ବିନିଯୋଗକାରୀଙ୍କୁ ଅଧିକ ପ୍ରଲୋଭିତ କରିବା ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ ସେମାନଙ୍କ ଆକାଉଣ୍ଟକୁ ଆସୁଛି ମନଲୋଭା ରିଟର୍ଣ୍ଣ। ଏହା ପରେ ସାଇବର୍ ଠକମାନେ ସେମାନଙ୍କୁ ଅଧିକ ବିନିଯୋଗ କରିବାକୁ ପ୍ରବର୍ତ୍ତାଉଛନ୍ତି। ସେଥିରେ ଫସୁଥିବା ଲୋକ ଶେଷରେ ସର୍ବସ୍ୱାନ୍ତ ହେଉଛନ୍ତି। ଦେଶ ତଥା ରାଜ୍ୟର ଅନେକ ଲୋକେ ଏଥିରେ ବିପୁଳ ଟଙ୍କା ହରାଇଲେଣି। ତଥାପି ଅନେକେ ଫସୁଛନ୍ତି ସାଇବର୍ ଠକଙ୍କ ଇନ୍ଦ୍ରଜାଲରେ। ବ୍ରହ୍ମପୁରର ଜଣେ ଅଳଙ୍କାର ବ୍ୟବସାୟୀ ଗତ ବର୍ଷ ଜୁଲାଇରେ କ୍ରିପ୍ଟୋ ମୁଦ୍ରାରେ ପୁଞ୍ଜି ବିନିଯୋଗ କରି ୬ କୋଟି ଟଙ୍କା ହରାଇବା ଓ ଏହାର କିଙ୍ଗପିନ୍ ବିଜୁ କୁମାରକୁ କ୍ରାଇମ୍ ବ୍ରାଞ୍ଚ ପୁଲିସ୍ ଲୁଧିଆନାରୁ ଗିରଫ କରି ଏବେ ହେପାଜତକୁ ଆଣିବା ଏହାର ସଦ୍ୟତମ ଦୃଷ୍ଟାନ୍ତ। ସାଇବର୍ ଠକଙ୍କ ଦ୍ୱାରା ଖୋଲାଯାଇଥିବା ଜାଲ୍ ଜାପାନୀ କମ୍ପାନି 'ଜୈଫ୍'ରେ ବିନିଯୋଗ କରି ଠକେଇରେ ଶିକାର ହେବା ପରେ ଅଳଙ୍କାର ବ୍ୟବସାୟୀ ପୁଲିସ୍‌ର ଆଶ୍ରୟ ନେଇଥିଲେ। ତାଙ୍କ ବ୍ୟାଙ୍କ ଜମାରୁ ଯେଉଁ ଆକାଉଣ୍ଟଗୁଡ଼ିକୁ ଟଙ୍କା ଯାଇଥିଲା ତାହାକୁ ଠାବ କରିବା ପରେ ସୁରତ୍ (ଗୁଜରାଟ)ରୁ ୪ ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ବର୍ଷେ ପୂର୍ବରୁ ହୋଇଥିବା ଏହି ଠକେଇର ଅର୍ଥ ଫେରିବା ସମ୍ଭାବନା କ୍ଷୀଣ। କେନ୍ଦ୍ର ସରକାର ନିକଟରେ ନିଷିଦ୍ଧ କରିଥିବା ଜୁଆଭିତ୍ତିକ ବିଭିନ୍ନ ଅନ୍ଲାଇନ୍ ଗେମିଂ ପ୍ଲାଟ୍‌ଫର୍ମ ଦ୍ୱାରା ଯେ ଲକ୍ଷାଧିକ କୋଟି ଟଙ୍କା ଠକେଇ ହୋଇଛି, ସେଥିରେ ସନ୍ଦେହ ନାହିଁ।

**କଳାବଜାରରେ ଆମ ତଥ୍ୟ:** ଅନ୍ତର୍ଜାତୀୟ ହ୍ୟାକର୍‌ମାନେ ବିଭିନ୍ନ ଦେଶର ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ, ସିମ୍‌କାର୍ଡ଼, କ୍ରେଡିଟ୍ କାର୍ଡ଼ ନମ୍ବର ସମେତ ଜମାକାରୀଙ୍କ ସବିଶେଷ ସୂଚନା ଏବଂ ସଫ୍ଟୱେର୍ ଇତ୍ୟାଦି ଗୋପନୀୟ ତଥ୍ୟ ହାସଲ କରି ତାହାକୁ କଳାବଜାରରେ ବିକୁଛନ୍ତି। ସାଇବର୍ ସିଣ୍ଡିକେଟ୍‌ର ଡନ୍‌ମାନେ ଟଙ୍କା ଦେଇ ତାହାକୁ ସଂଗ୍ରହ କରିବା ପରେ ଜମାକାରୀଙ୍କୁ ଟାର୍ଗେଟ୍ କରୁଛନ୍ତି। ସାଇବର୍ ସିଣ୍ଡିକେଟ୍ ଏବେ ବିଶ୍ୱବ୍ୟାପୀ। ଆଫ୍ରିକୀୟ ରାଷ୍ଟ୍ର ନାଇଜେରିଆ, ଘାନା ଓ କେନିଆର ଯୁବକମାନେ ସଫ୍ଟୱେର୍ ଦୁରୂପଯୋଗରେ ସବୁଠୁ ଅଧିକ ଧୂର୍ତ୍ତ । ସେମାନେ ଭାରତ ସମେତ ବିଭିନ୍ନ ଦେଶ ଏପରିକି ଓଡ଼ିଶାକୁ ଟାର୍ଗେଟ୍ କରି ବ୍ୟକ୍ତିବିଶେଷଙ୍କ ଠାରୁ ଶତାଧିକ କୋଟି ଟଙ୍କା ଠକି ନେଇଥିବାର ରିପୋର୍ଟ ଅଛି। ସେମାନଙ୍କ ମଧ୍ୟରୁ କେତେକ ଧରାପଡ଼ି ଜେଲ୍‌ରେ ଅଛନ୍ତି ତ ଆଉ କେତେକ ଖସି ଯାଇଛନ୍ତି। କାମ୍ବୋଡ଼ିଆ, କୁଏତ ସମେତ ଅନେକ ବିଦେଶୀ ରାଷ୍ଟ୍ରରେ ସକ୍ରିୟ ସାଇବର୍ ସିଣ୍ଡିକେଟ୍ ଚୀନ୍, ଭାରତ ସମେତ ବିଭିନ୍ନ ଦେଶରୁ କମ୍ପ୍ୟୁଟର ଇଞ୍ଜିନିୟରମାନଙ୍କୁ ନିଯୁକ୍ତି ଲୋଭ ଦେଖାଇ ନିଜ କବ୍‌ଜାକୁ ନେଇଥିଲେ। ସେମାନଙ୍କୁ ବନ୍ଧକ ରଖି ସେଠାରେ ବେଶ୍ କିଛି ବର୍ଷ ଧରି ସିଣ୍ଡିକେଟ୍ ଚଳାଇଥିଲେ। ତେବେ ଅନ୍ତର୍ଜାତୀୟ ପୁଲିସ୍ ସଂସ୍ଥା ଇଣ୍ଟରପୋଲ୍, ଆମେରିକୀୟ ପୁଲିସ୍ ସଂସ୍ଥା ଏଫ୍‌ବିଆଇ ଚାପରେ ଧରପଗଡ଼ ବ୍ୟାପକ ହେବାପରେ ନାଇଜେରିଆ, ଘାନା, କେନିଆ, ଜାପାନ୍, ଚୀନ୍, କୁଏତ୍ ଭଳି ବିଭିନ୍ନ ଦେଶରେ ସାଇବର୍ ସିଣ୍ଡିକେଟ୍ କାର୍ଯ୍ୟକଳାପ କିଛିଟା ହ୍ରାସ ପାଇଛି। ତେବେ ଦୁବାଇ ଭଳି ସହରରେ ସିଣ୍ଡିକେଟ୍ କାର୍ଯ୍ୟକଳାପ ପୂର୍ବପରି ଜାରି ରହିଛି। ବର୍ଷେ ତଳେ ହୋଇଥିବା ଚଢ଼ାଉରେ କାମ୍ବୋଡ଼ିଆରେ ଥିବା ୩ ହଜାରରୁ ଅଧିକ ବିଦେଶୀ ନାଗରିକ ଗିରଫ ହୋଇଥିଲେ। ସେମାନଙ୍କ ମଧ୍ୟରେ ସର୍ବାଧିକ ୧୦୨୮ ଜଣ ଚୀନ୍ ନାଗରିକ। ଏହାପଛକୁ ଭିଏତ୍‌ନାମର ୬୯୩, ଇଣ୍ଡୋନେସିଆର ୩୬୬, ଭାରତର ୧୦୫, ବାଂଲାଦେଶର ୧୦୧ , ଥାଇଲ୍ୟାଣ୍ଡର ୮୨, କୋରିଆର ୫୭, ପାକିସ୍ତାନର ୮୧ ନାଗରିକ ଥିଲେ। ସେଥିରୁ ଜଣାପଡ଼ିଥିଲା ଯେ ବିଭିନ୍ନ ଦେଶର କମ୍ପ୍ୟୁଟର୍ ଇଞ୍ଜିନିୟର୍‌ମାନଙ୍କୁ ଚାକିରି ଲୋଭ ଦେଖାଇ ବିଦେଶୀ ସାଇବର୍ ସିଣ୍ଡିକେଟ୍‌ଗୁଡ଼ିକ ସେମାନଙ୍କୁ ନେବାପରେ ବନ୍ଧକ ରଖି ସେମାନଙ୍କ ଦ୍ୱାରା ଅନ୍ତର୍ଜାତୀୟ ସାଇବର୍ ନେଟ୍‌ୱର୍କ ଚଳାଉଥିଲେ।

**ବେନାମୀ ସିମ୍, ଫୋନ୍ ହ୍ୟାକିଂ ଓ ଜାଲ୍ ଆକାଉଣ୍ଟ୍:** ଏକ ସାଇବର ଠକେଇ ମାମଲାରେ ଯାଞ୍ଚ ଚାଲିଥିବା ବେଳେ ରାଉରକେଲା ସାଇବର୍ ସେଲ୍ ପୁଲିସ୍ ଗତ ୧୨ ତାରିଖରେ ରାଉରକେଲାରୁ ଦୁଇଟି ବ୍ୟାଙ୍କ୍‌ର ଅଫିସରଙ୍କ ସମେତ ୧୪ ଜଣଙ୍କୁ ଗିରଫ କରିଥିଲା। ସାଇବର୍ ଠକ ପରିଚାଳନା କରୁଥିବା ୧୨ଟି ଜାଲ୍ ଜମା ଖାତା ଗିରଫ ୧୨ ଜଣ ସ୍ଥାନୀୟ ଯୁବକଙ୍କ ନାମରେ ଥିଲା। ଏଥିରୁ ସ୍ପଷ୍ଟ ଯେ ସାଇବର୍ ଠକଙ୍କ ପ୍ରରୋଚନାରେ ରାଜ୍ୟର କିଛି ଯୁବକ ବ୍ୟାଙ୍କ ଆକାଉଣ୍ଟ ଖୋଲି ସାମାନ୍ୟ କିଛି ଟଙ୍କା ଲୋଭରେ ସେମାନଙ୍କୁ ହସ୍ତାନ୍ତର କରୁଛନ୍ତି। ପୁଣି ଅନେକ ଯୁବକ ଜାଲ୍ ପରିଚୟ ଦେଇ ମୋବାଇଲ୍ ସିମ୍ ଆଣିବା ପରେ ତାହାକୁ ସାଇବର୍ ଠକଙ୍କୁ ହସ୍ତାନ୍ତର କରୁଥିବା ଅଭିଯୋଗରେ ଧରାପଡ଼ିଛନ୍ତି। ଏସବୁ ଜାଲ୍ ସିମ୍‌ର ଦୁରୂପଯୋଗ କରି ରାଜ୍ୟ ବାହାରର ସାଇବର୍ ଠକମାନେ ଓଡ଼ିଶାରେ ଜାଲ ବିଛାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ବିନା ପରିଶ୍ରମରେ ରାତାରାତି ଧନୀ ହେବାର ଲାଳସାରେ ଆକ୍ରାନ୍ତ ରାଜ୍ୟର କିଛି ଯୁବକ ଏବେ ସାଇବର ଠକଙ୍କ ସ୍ଲିପର ସେଲ୍ ଭାବେ କାର୍ଯ୍ୟ କରୁଥିବାର ଯଥେଷ୍ଟ ପ୍ରମାଣ ମିଳିଛି। ଏମାନେ ସାଇବର ଠକଙ୍କୁ ରାଜ୍ୟରେ ତାଙ୍କ ନେଟ୍‌ୱର୍କ ବିସ୍ତାର କରିବାରେ ସହଯୋଗ କରୁଛନ୍ତି।

**ପୁରସ୍କାର/ବିଦେଶୀ ପାର୍ସଲ୍ ତରିକା:** ନିରୀହ ଜମାକାରୀଙ୍କୁ ପ୍ରଲୋଭିତ କରିବା ପାଇଁ ସାଇବର୍ ଠକମାନେ କେତେବେଳେ 'ଆପଣଙ୍କ ମୋବାଇଲ୍ ନମ୍ବର ମୋଟା ଅଙ୍କର ପୁରସ୍କାର ଜିତିଛି' ବୋଲି କହି ତ ପୁଣି କେତେବେଳେ ଫ୍ଲାଟ୍, ଘର ମିଳିବାର ଲୋଭ ଦେଖାଇ କ୍ୟୁଆର୍ କୋଡ୍‌ରେ କ୍ଲିକ୍ କରିବାକୁ ୱାନ୍ ଟାଇମ୍ ପାସ୍‌ୱାର୍ଡ (ଓଟିପି) ରିସେଣ୍ଡ କରିବାକୁ କହୁଛନ୍ତି। ପ୍ରଲୋଭିତ ଜମାକାରୀ ତାହା କରିବା ମାତ୍ରେ ଖାଲି ହୋଇଯାଉଛି ଜମା ରାଶି। ଆଉ ଏକ ତରିକା ହେଲା, ସେମାନଙ୍କ ଟାର୍ଗେଟ୍‌ରେ ଥିବା ଜମାକାରୀଙ୍କୁ ବିଦେଶରୁ ଦାମୀ ପାର୍ସଲ୍ ଆସିଥିବା କହି ପ୍ରଲୋଭିତ କରି ସେମାନଙ୍କୁ ବିଭିନ୍ନ କୌଶଳରେ ଫସାଇ ଲୁଟୁଛନ୍ତି। ପୁଣି ଜମାକାରୀଙ୍କ ତଥ୍ୟ ହାସଲ କରିବାକୁ ସେମାନେ ଫୋନ୍ ହ୍ୟାକ୍ କରି ପାସ୍‌ୱାର୍ଡ ସଂଗ୍ରହ କରିବା ପରେ ତାହାର ଦୁରୂପଯୋଗ କରି ଜମା ଅର୍ଥ ହଡ଼ପ କରୁଛନ୍ତି। ସାଇବର୍ ଠକମାନେ ଦୁର୍ନୀତିଗ୍ରସ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ହାତକରି ଜମାକାରୀଙ୍କ ଆକାଉଣ୍ଟ ତଥ୍ୟ ନେଉଛନ୍ତି ତ ପୁଣି କେତେବେଳେ ଜମାକାରୀଙ୍କ ଫୋନ୍ ହ୍ୟାକ୍ କରି ସେମାନଙ୍କ ସିମ୍ ବଦଳାଇ ନେଟ୍ ବ୍ୟାଙ୍କିଂ ଜରିଆରେ ଟଙ୍କା ଲୁଟୁଛନ୍ତି।

**ଦେଶୀ ସିଣ୍ଡିକେଟ୍:** ଦଶ ବର୍ଷ ତଳେ ସାଇବର୍ ଠକେଇର କୁଟୀର ଶିଳ୍ପ ପାଲଟିଥିବା ପଡ଼ୋଶୀ ଝାଡ଼ଖଣ୍ଡର ଜାମତାରା ସାରା ଦେଶରେ ଚହଳ ସୃଷ୍ଟି କରିଥିଲା। ପଡ଼ୋଶୀ ରାଜ୍ୟର ବାସିନ୍ଦାଙ୍କୁ ସହଜ ଟାର୍ଗେଟ୍ କରୁଥିବା ଜାମତାରା ଠକମାନେ ସାରା ଦେଶରେ ନେଟ୍‌ୱର୍କ ବିସ୍ତାର କରି ଏକପ୍ରକାର ଆତଙ୍କ ସୃଷ୍ଟି କରିଥିଲେ। ତେବେ ଦିଲ୍ଲୀ ଓ ମୁମ୍ବାଇ ପୁଲିସ୍‌ଠାରୁ ଆରମ୍ଭ କରି ପଡ଼ୋଶୀ ରାଜ୍ୟ ପୁଲିସ୍ ବାରମ୍ବାର ଚଢ଼ାଉ କରିବା ପରେ କୁଖ୍ୟାତ ଜାମତାରା ସିଣ୍ଡିକେଟ୍‌ର କାର୍ଯ୍ୟକଳାପ ହ୍ରାସ ପାଇଛି। ଆଇଆଇଟି କାନପୁରର ସଦ୍ୟ ଅନୁଧ୍ୟାନ ରିପୋର୍ଟ ଅନୁସାରେ ରାଜସ୍ଥାନର ଭରତପୁର, ଉତ୍ତର ପ୍ରଦେଶର କୃଷ୍ଣ ଜନ୍ମସ୍ଥଳୀ ମଥୁରା, ହରିଆଣାର ନୁହ ଆଦି ଛୋଟ ସହରଗୁଡ଼ିକ ପାଲଟିଛି ସାଇବର ଠକେଇର କେନ୍ଦ୍ର। ଏହାପଛକୁ ଝାଡ଼ଖଣ୍ଡର ଦେଓଘର, ହରିଆଣାର ଗୁରୁଗ୍ରାମ, ରାଜସ୍ଥାନର ଅଲୱର୍, ଝାଡ଼ଖଣ୍ଡର ବୋକାରୋ, କର୍ମାଟାଣ୍ଡ ଓ ଗିରଡ଼ିହ ଆଦିରେ ଗଢ଼ିଉଠିଛି ସାଇବର୍ ଠକେଇର ନୂଆ ଷ୍ଟାର୍ଟଅପ୍। ବିଭିନ୍ନ ସମୟରେ ବିଦେଶୀ ନାଗରିକମାନେ ମଧ୍ୟ ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ ଭଳି ମହାନଗରୀରେ ଅନ୍‌ଲାଇନ୍ ଠକେଇ କରି ଧରାପଡୁଛନ୍ତି। ଦେଶୀ ଓ ବିଦେଶୀ ଠକମାନେ ମୁଖ୍ୟତଃ ବିଦେଶୀ ପର୍ଯ୍ୟଟକଙ୍କୁ ଟାର୍ଗେଟ୍ କରୁଥିବା କେତେକ ମାମଲାର ଅନୁସନ୍ଧାନରୁ ଜଣାପଡ଼ିଛି।

କମ୍ପ୍ୟୁଟର ଓ ଇଣ୍ଟରନେଟ୍ ଦ୍ୱାରା ଅପରାଧୀମାନେ ପ୍ରଚ୍ଛଦପଟରେ ରହି ଅପରାଧ ଘଟାଇଥାନ୍ତି। ଏହାକୁ ରୋକିବା ପାଇଁ ଏବେ ପୁଲିସ ବିଭାଗରେ ଅନେକ ବ୍ୟବସ୍ଥା ରହିଛି। ମାତ୍ର ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ନପାଇବା ଯାଏ ଏହି ଆଶଙ୍କା ଦୂର



ହେବା ସହଜ ହେବନାହିଁ। ଅଜଣା ବ୍ୟକ୍ତିଙ୍କ କଥାରେ ଓଟିପି ଦେବା, ସେମାନଙ୍କୁ ବ୍ୟକ୍ତିଗତ/ପାରିବାରିକ ସୂଚନା କିମ୍ବା ବ୍ୟାଙ୍କ ଆକାଉଣ୍ଟ୍‌ରେ ସବିଶେଷ ତଥ୍ୟ ଦେବାରୁ ବିରତ ରହିବା ଜରୁରି। ଯଦି କେହି ଏଭଳି ଉଦ୍ୟମ କରୁଛନ୍ତି, ତେବେ ତୁରନ୍ତ ବ୍ୟାଙ୍କ ଅଧିକାରୀ କିମ୍ବା ୧୯୩୦କୁ ଜଣାଇବା ଉଚିତ। କମ୍ପ୍ୟୁଟର ଗେମ୍ ଖେଳୁଥିବା ପିଲାମାନେ ସାଇବର୍ ଅପରାଧୀଙ୍କ ହାବୁଡ଼ରେ ପଡୁଥିବାରୁ ସେମାନଙ୍କୁ କୌଣସି ପରିସ୍ଥିତିରେ ବ୍ୟାଙ୍କ ଆକାଉଣ୍ଟ୍ ତଥ୍ୟ ଦିଆଯିବା ବୋକାମି ହେବ।

**ରାଜକିଶୋର ଦୋରା,**
**ପୂର୍ବତନ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା**

ଅନ୍‌ଲାଇନ୍ ଠକେଇରୁ ନିରାପଦ ରହିବାକୁ ହେଲେ, ମୋବାଇଲ୍, ଇମେଲ୍ ଆଦି ଡାଟା ସୁରକ୍ଷିତ ରଖିବା ଆବଶ୍ୟକ। ଏସବୁ ଆକାଉଣ୍ଟଗୁଡ଼ିକର



ପାସ୍‌ୱାର୍ଡ଼ ଜଟିଳ ରହିଲେ ହ୍ୟାକର୍‌ମାନେ ତାହାକୁ ଠାବ କରିବା ସହଜ ହେବ ନାହିଁ। କୃତ୍ରିମ ବୁଦ୍ଧିମତା (ଏଆଇ) ମଧ୍ୟ ଅନେକ ସମୟରେ ବିପଦ ଆମନ୍ତ୍ରଣ କରିବା ଆଶଙ୍କା ଅଛି। ତେଣୁ ସେ ଦିଗରେ ସାବଧାନ ରହିବା ଜରୁରି। ମୋଟାମୋଟି ଭାବେ ସଚେତନତା ଦ୍ୱାରା ସାଇବର୍ ଆକ୍ରମଣ ଆଶଙ୍କାକୁ ରୋକାଯାଇ ପାରିବ।

**ବିବେକାନନ୍ଦ ମହାନ୍ତି, ବରିଷ୍ଠ**
**ଆଇନଜୀବୀ, ପୂର୍ବତନ ଜାତୀୟ ପରିଷଦ**
**ସଦସ୍ୟ, ଅଲ୍ ଇଣ୍ଡିଆ ଫେଡ଼େରେସନ୍ ଅଫ୍**
**ଟ୍ୟାକ୍ସ ପ୍ରାକ୍ଟିସନର୍ସ**

ସାଇବର୍ ଠକେଇରୁ ନିସ୍ତାର ପାଇବା ଲାଗି ସାଇବର୍ ସେଲ୍ ପୁଲିସ ଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ସଂସ୍ଥା ଓ ଟ୍ରାଇ ନିର୍ଦ୍ଦେଶରେ ମୋବାଇଲ୍ କମ୍ପାନୀମାନେ ଫୋନ୍ ମେସେଜ୍ ଓ ବିଜ୍ଞାପନ ଜରିଆରେ ଜନସାଧାରଣଙ୍କୁ ନିୟମିତ ସତର୍କ କରାଉଥିଲେ ମଧ୍ୟ କ୍ଷଣିକ ପ୍ରଲୋଭନର ବଶବର୍ତ୍ତୀ ହୋଇ ଅନେକ ଲୋକ ସାଇବର୍ ଅପରାଧୀଙ୍କ ହାବୁଡ଼ରେ ପଡ଼ି ସର୍ବସ୍ୱାନ୍ତ ହେଉଛନ୍ତି। ସାଇବର୍ ଠକଙ୍କ ବାର୍ତ୍ତାଳାପ କିମ୍ବା ଅନଲାଇନ୍‌ରେ ଯୋଗାଯୋଗରେ ସନ୍ଦେହ ସୃଷ୍ଟି ହେଲେ ତୁରନ୍ତ ଜାତୀୟ ସାଇବର୍ ଅପରାଧ ହେଲ୍ପ ଲାଇନ୍ ୧୯୩୦କୁ ଜଣାଇବା ଲାଗି ପ୍ରଚାର କରାଯାଉଛି। ଏହାସତ୍ତ୍ୱେ ସାଇବର୍ ଗ୍ରାଫ୍ ତଳକୁ ଆସିବା ବଦଳରେ ଦିନକୁ ଦିନ ଉପର ମୁହାଁ ହେବାରେ ଲାଗିଛି। ନ୍ୟାସ୍‌ନାଲ୍ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ୍ (ଏନ୍ସିଆର୍ପି) ତଥ୍ୟ ଅନୁଯାୟୀ ୨୦୨୨ଏପ୍ରିଲ୍‌ରୁ ୨୦୨୩ ଡିସେମ୍ବର ମଧ୍ୟରେ ଦେଶର ୧୫.୫୬ ଲକ୍ଷ ଲୋକ ସାଇବର୍ ଅପରାଧୀଙ୍କ ଶିକାର ହୋଇଥିବା ବେଳେ ସେମାନେ ହରାଇଛନ୍ତି ୧୦ ହଜାର ୩୧୯ କୋଟି ଟଙ୍କା। ଓଡ଼ିଶାରେ କ୍ରମବର୍ଦ୍ଧିଷ୍ଣୁ ସାଇବର୍ ଅପରାଧକୁ ଦୃଷ୍ଟିରେ ରଖି ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର ସାଇବର ପୁଲିସ୍ ସେଲ୍ ଖୋଲିବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି। ତେବେ ସ୍ୱତନ୍ତ୍ର ପ୍ରଶିକ୍ଷିତ ମାନବସମ୍ବଳ ବିନା ଜିଲ୍ଲା ସାଇବର୍ ସେଲ୍‌ଗୁଡ଼ିକ ଯେ ଦକ୍ଷ ହୋଇପାରିବ ନାହିଁ-ତାହାକୁ ନେଇ ବିଭିନ୍ନ ସ୍ତରରେ ସଂଶୟ ଲାଗି ରହିଛି।




# ‘ଲୋକ ନ ଆସିଲେ ନାଇଁ, ତମେ ତାଙ୍କ ପାଖକୁ ଯାଅ’

## ଅତୀତ ପୃଷ୍ଠାରୁ



ନଟବର ଖୁଣ୍ଟିଆ

ସ୍ୱାଧୀନୋତ୍ତର ଭାରତର ଇତିହାସରେ ୧୯୬୯ ମସିହା ଜୁଲାଇ ମାସ ୧୯ ତାରିଖ ଥିଲା ଏକ ସ୍ମରଣୀୟ ଦିବସ। ସେଦିନ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଅତି ନାଟକୀୟ ଢଙ୍ଗରେ ଦଶର ୧୪ଟି ବଡ଼ ବଡ଼ ତଫସିଲ ଭୁକ୍ତ ବାଣିଜ୍ୟିକ ବ୍ୟାଙ୍କକୁ ଜାତୀୟକରଣ କଲେ। ଯଦିଓ ଜାତୀୟକରଣ ନିଷ୍ପତ୍ତି ଇନ୍ଦିରା ଗାନ୍ଧୀ ସମ୍ମୁଖୀନ ହୋଇଥିବା ରାଜନୈତିକ ସଂକଟକୁ ପରାହତ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଏଥିରେ ସନ୍ଦେହ ନାହିଁ ଯେ ଏହାଦ୍ୱାରା ପ୍ରଥମ ଥର ପାଇଁ ବ୍ୟାଙ୍କଗୁଡ଼ିକ ଦ୍ୱାର ଗରିବ ଓ ନିମ୍ନ ମଧ୍ୟବିତ୍ତଙ୍କ ପାଇଁ ଖୋଲିଲା। କିନ୍ତୁ ଦଶନ୍ଧି ଦଶନ୍ଧି ଧରି ଚାଷୀ,କ୍ଷୁଦ୍ର ବ୍ୟବସାୟୀ ,କ୍ଷୁଦ୍ର ଆତ୍ମ ନିଯୁକ୍ତିକାରୀ,ଛୋଟ କାରିଗର,ଛୋଟ ପରିବହନକାରୀ ଆଦି ଛୋଟ ଉଦ୍ୟୋଗୀଙ୍କୁ ବ୍ୟାଙ୍କ ସେବାରୁ ବଞ୍ଚିତ କରି କେବଳ ବଡ଼ ବଡ଼ ସହରରେ ବାସ କରୁଥିବା ବଡ଼ ବଡ଼ ଲୋକ ଓ ବଡ଼ ବଡ଼ ଶିଳ୍ପପତି ଓ ବ୍ୟବସାୟୀଙ୍କୁ ସାହାଯ୍ୟ କରାଯାଉଥିଲା। ଶ୍ରୀମତୀ ଗାନ୍ଧୀ ବ୍ୟାଙ୍କ ଜାତୀୟକରଣ ଘୋଷଣା ନିଷ୍ପତ୍ତି କରିବା ଅବସରରେ ନିଜ ରେଡ଼ିଓ ବାର୍ତ୍ତାରେ କହିଥିଲେ , ‘ବ୍ୟାଙ୍କ ପରି ଏକ ଅନୁଷ୍ଠାନ, ଯେକି ଲୋକଙ୍କ ସେବାରେ ନିୟୋଜିତ, ତାହା ନିୟୁତ ନିୟୁତ ଲୋକଙ୍କ ଜୀବନ ସହ ସମ୍ପୃକ୍ତ ହୋଇ ଜାତୀୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ହାସଲ କରିବା ପାଇଁ ଆଗଭର ହୋଇ ଆସିବା ଉଚିତ। ବ୍ୟାଙ୍କ ସେବାକୁ ଉପରେ ମୁଷ୍ଟିମେୟ ଲୋକଙ୍କ ନିୟନ୍ତ୍ରଣରୁ ମୁକ୍ତ କରି ଚାଷୀ, କ୍ଷୁଦ୍ର ଉଦ୍ୟୋଗୀ ଓ ଆତ୍ମନିଯୁକ୍ତିକାରୀମାନଙ୍କୁ ଋଣ ଯୋଗାଇ ଦେବା ଉଚିତ। ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ଗାନ୍ଧୀ ବିଭିନ୍ନ ସମୟରେ ବ୍ୟାଙ୍କମାନଙ୍କୁ କିପରି ବ୍ୟାଙ୍କ ସେବାରୁ ବଞ୍ଚିତ ବର୍ଗଙ୍କୁ ସାହାଯ୍ୟର ହାତ ବଢ଼ାଇବା ସହ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଉଥିଲେ। କହୁଥିଲେ ଗାଁ ଗହଳିର ମଳିମୁଣ୍ଡିଆ ଲୋକଟିଏ ଯଦି ସହରରେ ଥିବା ବଡ଼ ବଡ଼ ବ୍ୟାଙ୍କ ପରିସରକୁ ଆସିବାକୁ ଭୟ କରୁଛନ୍ତି ତେବେ ବ୍ୟାଙ୍କ କର୍ମଚାରୀମାନେ ତାଙ୍କ ପାଖକୁ ଯାଆନ୍ତୁ।’ (If they donot step in, you step out)। ସେହି ସମୟରେ ମୁଁ ବ୍ୟାଙ୍କ ସେବାରେ ଯୋଗଦାନ କଲି। ଇନ୍ଦିରା ଗାନ୍ଧୀଙ୍କର ଏହି ବହୁ ଚର୍ଚ୍ଚିତ ଉକ୍ତିଟି ମୋର ଅସ୍ଥି ମଜ୍ଜାଗତ ହୋଇ ଯାଇଥିଲା ଏବଂ ବ୍ୟାଙ୍କ ସେବାରେ ଥିବା ପର୍ଯ୍ୟନ୍ତ ଏହାକୁ ମୁଁ ପାଳନ କରୁଥିଲି। ମୁଁ ଷଷ୍ଠ ଶ୍ରେଣୀରେ ପଢ଼ିବା ଦିନଠାରୁ କେଉଁ ବୃତ୍ତି ଆପଣେଇବି, ସେ ସମ୍ପର୍କରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ୱପ୍ନ ଦେଖୁଥିଲି। କିନ୍ତୁ ଜଣେ ବ୍ୟାଙ୍କର ହେବା ସେ ସବୁ ସ୍ୱପ୍ନରେ ଅନ୍ତର୍ଭୁକ୍ତ ନଥିଲା। ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବ୍ୟାଙ୍କ ଜାତୀୟକରଣ ନ କରନ୍ତି ନା ମୁଁ ବ୍ୟାଙ୍କ ସେବାରେ ଯୋଗ ନ ଦିଏ। ମୁଁ ୧୯୬୮ ମସିହା ଅକ୍ଟୋବର ମାସରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ କୃଷି ବିଜ୍ଞାନର କୃଷି ନିଦାନ ବିଭାଗରେ ସ୍ନାତକୋତ୍ତର ଡିଗ୍ରୀ ପାଇଲା ପରେ ପରେ ସମ୍ବଲପୁର ସଦର ବ୍ଲକରେ ସହକାରୀ ଶସ୍ୟ ସଂରକ୍ଷଣ ଅଫିସର ଭାବରେ ଯୋଗ ଦେବାର ନ'ମାସ ହୋଇଛି କି ନାହିଁ ଜୁଲାଇ ୧୯ ତାରିଖରେ ବ୍ୟାଙ୍କ ଜାତୀୟକରଣ ହେଲା ଏବଂ ବ୍ୟାଙ୍କମାନେ ଏଥର ଗାଁ ଗହଳିରେ କୃଷି ଋଣ ଦେବେ ବୋଲି ପ୍ରଚାର ହେଲା। ବ୍ୟାଙ୍କଗୁଡ଼ିକ ଗ୍ରାମାଞ୍ଚଳରେ କୃଷି ଋଣ ପରିଚାଳନାରେ ସାହାଯ୍ୟ କରିବା ପାଇଁ କୃଷି ସ୍ନାତକମାନଙ୍କୁ ନିଯୁକ୍ତି ଦେବାର ବାଟ ଫିଟିଲା। ଅକ୍ଟୋବର ମାସରେ ଜାତୀୟକରଣ ହୋଇଥିବା ଇଉନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ କୃଷି ଅର୍ଥ ବିଭାଗରେ ଶିକ୍ଷାନବିସ ଅଫିସର ପାଇଁ ବିଜ୍ଞାପନ ପ୍ରକାଶ ପାଇଲା।ଏହି ବ୍ୟାଙ୍କର ହେଡ୍ ଅଫିସ କଲିକତାରେ ଥିଲା। ମୁଁ ଦରଖାସ୍ତ କଲି । ମନୋନୟନ ପ୍ରକ୍ରିୟା ଦେଇ ଗଲାପରେ ଜାନୁଆରୀ ମାସ ବେଳକୁ ମୁଁ ମନୋନୀତ ହୋଇଛି ବୋଲି ବ୍ୟାଙ୍କରୁ ପତ୍ର ପାଇଲି। ଚାକିରିରେ ଯୋଗଦାନ ପୂର୍ବରୁ ମୋର ଡାକ୍ତରୀ ମାଇନା ହେବ। ବ୍ୟାଙ୍କର ରାଉରକେଲା ଶାଖାର ମ୍ୟାନେଜରଙ୍କୁ ଏହି ଭାର ଦିଆଯାଇଥିଲା। ଏସବୁ ହେବାପରେ ମୋତେ କୁହାଗଲା ସରକାରୀ ଚାକିରିରୁ ଇସ୍ତଫା ଦେଇ ଅବ୍ୟାହତି ଚିଠି ଓ ସମସ୍ତ ସାର୍ଟିଫିକେଟ ନେଇ କଲିକତାର ୪,ଏନ୍ .ସି. ଦତ୍ତ ସରଣୀରେ ଥିବା ବ୍ୟାଙ୍କର ହେଡ ଅଫିସରେ ଯୋଗ ଦେବାକୁ। ଏନ୍. ସି. ଦତ୍ତ ସରଣୀର ପୂର୍ବ ନାମ ଥିଲା କ୍ଲାଇବ ଷ୍ଟ୍ରିଟ୍। ମୁଁ ୧୯୭୦ ମସିହା ମାର୍ଚ୍ଚ ୫ ତାରିଖରେ ବ୍ୟାଙ୍କର ହେଡ୍ ଅଫିସର କୃଷି ଅର୍ଥ ବିଭାଗରେ ଶିକ୍ଷାନବିସ ଅଫିସର ଭାବରେ ଯୋଗଦେଲି। ମୁଁ ହେଲି ଜାତୀୟକରଣ ବ୍ୟାଙ୍କର ପ୍ରଥମ ବ୍ୟାଚ୍ ଗ୍ରାମ୍ୟ ଉନ୍ନୟନ ଅଫିସରଙ୍କ ମଧ୍ୟରୁ ଜଣେ। ମୋ ସହିତ ଆମ କଲେଜର ଆଉ ଦୁଇ ଜଣ ମଧ୍ୟ ଯୋଗଦେଲେ। ଜଣେ ହେଲେ ଶରତ ଚନ୍ଦ୍ର ବସନ୍ତିଆ ଯେକି କଲେଜରେ ମୋର ଦୁଇବର୍ଷ ସିନିଅର ଥିଲେ। ଆଉ ଜଣେ ହେଲେ ଶ୍ରୀପତି ବାରିକ ଯେକି ମୋର କ୍ଲାସମେଟ୍ ଥିଲେ। କୃଷି ଅର୍ଥ ବିଭାଗର ମୁଖ୍ୟ ଥିଲେ ଡକ୍ଟର ଏସ. ଏନ୍. ଘୋଷାଲ। ତାଙ୍କୁ ସୁପରିନଟେନଡେଣ୍ଟ କୁହାଯାଉଥିଲା। ବ୍ୟାଙ୍କରେ ଯୋଗଦେବା ପୂର୍ବରୁ ସେ ପଶ୍ଚିମବଙ୍ଗର ସମବାୟ ବିଭାଗ ଦ୍ୱାରା ପରିଚାଳିତ ସମବାୟ ପ୍ରଶିକ୍ଷଣ ତାଲିମ ସଂସ୍ଥାର ଅଧ୍ୟକ୍ଷ ଥିଲେ। ତାଙ୍କର କୃଷି ଋଣ ସମ୍ବନ୍ଧରେ ଗଭୀର ଅଧ୍ୟୟନ ଓ ଦୀର୍ଘ ଅନୁଭୂତି ଥିଲା। ସେଇଥିପାଇଁ ବ୍ୟାଙ୍କ ତାଙ୍କୁ ଆଣି କୃଷି ଅର୍ଥ ବିଭାଗର ମୁଖ୍ୟ କରିଥିଲା। ସେ ଥିଲେ ଭାରି କଡ଼ା ଲୋକ, ଯାହାଙ୍କୁ କହନ୍ତି ହାର୍ଡ ‘ଟାସ୍କ ମାଷ୍ଟର’। ଆମେ ଯେତେ ଜଣ ଶିକ୍ଷାନବିସ ଅଫିସର ରୂପେ ଯୋଗ ଦେଇଥିଲୁ ଆମକୁ ଜଣେ ଜଣେ ସିନିୟର୍ ଅଫିସରଙ୍କ ସହ ଯୋଡ଼ି ଦିଆ ଯାଇଥିଲା। ତାଙ୍କ ସହ ଆମେ କାମ ଶିଖୁଥିଲୁ। ଡକ୍ଟର ଘୋଷାଲ ସବୁ ପ୍ରୋବେସନରମାନଙ୍କୁ କହିଥାନ୍ତି ଅଫିସ ପରେ ତାଙ୍କୁ ଦେଖା କରି ସେଦିନ କି କାମ ଶିଖିଲ ଓ ସମସ୍ୟା କଣ ଅନୁଭବ କଲ ତାହା ତାଙ୍କ ସହିତ ଆଲୋଚନା କରିବା ପାଇଁ। ଆମର ତାଙ୍କୁ ଭାରି ଭୟ। ବେଳେ ବେଳେ କିଛି ଭୁଲ୍ କହିଦେଲେ କଡ଼ା କଥା କହନ୍ତି। କିନ୍ତୁ କାହାର କେତେ ଦକ୍ଷତା ଅଛି ଠିକ୍ ସେ ଠଉରେଇ ନିଅନ୍ତି। ଦିନେ କୈଣସି ଏକ କଥାରେ ସେ ମୋ ଉପରେ ଟିକେ ରାଗିଲେ। ମୁଁ ଆସି ମୋ ସିନିୟର୍ ଅଫିସରଙ୍କୁ କହିଲି, ‘ମୁଁ ଏ ଚାକିରି ଛାଡ଼ି ପୁଣି ଓଡ଼ିଶାର କୃଷି ବିଭାଗକୁ ଚାଲିଯିବି।’ ସେ ମୋତେ କହିଲେ, ‘ତୁମେ ଜାଣିଛ ସାର୍ ତୁମ କାମରେ ବହୁତ ଖୁସି। ଆମ ଆଗରେ ସଦାବେଳେ ତୁମର ପ୍ରଶଂସା କରନ୍ତି।’ ତାଙ୍କ କଥାଶୁଣି ମନ ପରିବର୍ତ୍ତନ କଲି।

ମୁଁ ଯୋଗଦେବାର ୧୦/୧୨ ଦିନ ହୋଇଛି। ଶନିବାର ଦିନ ୨ଟା ପରେ ବ୍ୟାଙ୍କ ଛୁଟି ହୋଇଯାଏ। ଦିନେ ଶନିବାର ଦିନ ଛୁଟି ହେଓ୍ୱା ପୂର୍ବରୁ ମୋତେ ଡକ୍ଟର ଘୋଷାଲ ଚାମ୍ବରକୁ ଡାକି କହିଲେ,କାଲି ରବିବାର ଛୁଟି। ମୋ ହାତକୁ ବ୍ୟାଙ୍କର ଗୋଟିଏ ଶାଖାରୁ କୁକୁଡ଼ା ଚାଷ ପାଇଁ ଆସିଥିବା ଆବେଦନ ପତ୍ର ବଢ଼ାଇ ଦେଲେ।ସେହି ଶାଖାର ନାମ ଆଜି ମୋର ମନେନାହିଁ।ଏହା କଲିକତାର ସହର ତଳି ଅଞ୍ଚଳର। କହିଲେ, ‘କାଲି ଛୁଟି, ବ୍ୟାଙ୍କ ବନ୍ଦ। କୁକୁଡା ଫାର୍ମ କରିବା ପାଇଁ ଆବେଦନ କରିଥିବା ଚାଷୀଟିର ଘର ବ୍ୟାଙ୍କ ପାଖାପାଖି। ତା'ର ଘର ନମ୍ବର ଦିଆ ଯାଇଛି। ସେହି ଶାଖା ପାଖ ଦେଇ ବସ୍ ଚଳାଚଳ କରୁଛି। ତୁମେ କାଲି ସକାଳୁ ଜଳଖିଆ ଖାଇ ଏସ୍‌ପ୍ଲାନେଡରୁ ବସ ଧରି କୁକୁଡ଼ା ଚାଷୀ ପାଖକୁ ଯାଇ ତା' ଫାର୍ମ ଦେଖି ତା ସହିତ ଆଲୋଚନା କରି ସେ ଋଣ ପାଇବାକୁ ଯୋଗ୍ୟ କି ନୁହେଁ ରିପୋର୍ଟ ଦେବ। ତାପରେ ତା' ଋଣ ମଞ୍ଜୁର କଥା ବିଚାରକୁ ନିଆଯିବ।’ ମୁଁ ‘ହଁ’ ଭରି ତାଙ୍କ ହାତରୁ ଆବେଦନ ପତ୍ର ଧରି ଚାମ୍ବର ବାହାରକୁ ଆସି ସିନିୟର୍ ଅଫିସରଙ୍କୁ ପଚାରିଲି କେଉଁ ବସରେ ଯାଇ କେଉଁଠି ଓହ୍ଲାଇବି। ମୁଁ ଯଦିଓ ବଙ୍ଗଳା ଭାଷା ୯୦ ଭାଗ ବୁଝି ପାରୁଥାଏ କିନ୍ତୁ ଭଲ ପଢି ପାରୁ ନଥାଏ।ଏହା ମଧ୍ୟରେ ତ୍ରିଭାଷୀ ବହି ପଢ଼ି ଶିଖିଥିଲି କିଛି କିଛି। ଯାହାହେଉ ପରଦିନ ମୁଁ ବସରେ ଯାଇ ଠିକଣା ଜାଗାରେ ପହଞ୍ଚି ଆବେଦନକାରୀଙ୍କୁ ସାକ୍ଷାତ କଲାରୁ ସେ ଯେତେବେଳେ ଜାଣିଲେ ମୁଁ ଓଡ଼ିଆ ପୁଣି ହେଡ୍ ଅଫିସରେ କାମ କରୁଛି, ସେ ଟିକେ ଆଶ୍ଚର୍ଯ୍ୟ ହୋଇଗଲା ପରି ମୁଁ ଅନୁଭବ କଲି। ସେ ବୋଧହୁଏ ଭାବୁଥିଲେ ଇଉନାଇଟେଡ ବ୍ୟାଙ୍କ ଏକ ବଙ୍ଗାଳୀ ବ୍ୟାଙ୍କ ଆଉ ଏହାର ହେଡ୍ ଅଫିସରେ ଜଣେ ଓଡ଼ିଆ ଅଫିସର କେମିତି କାମ କରିବ? ମୁଁ ଖଣ୍ଡି ବଙ୍ଗଳା କହି ତାଙ୍କ ଠାରୁ ସମସ୍ତ ତଥ୍ୟ ସଂଗ୍ରହ କରି ମୋ ପରିଦର୍ଶନ ରିପୋର୍ଟ ଦେଲି। ସେ ଋଣ ପାଇବାକୁ ଯୋଗ୍ୟ ବୋଲି ମୋ ରିପୋର୍ଟରେ ଦର୍ଶାଇଥିଲି। ତାଙ୍କ ଋଣ ମଞ୍ଜୁର ହୋଇଥିଲା।

ମୋ:୯୯୩୭୯୫୧୨୬୨



ଆନନ୍ଦ ମହାପାତ୍ର

# ବିଜୁଳି ବିଲ୍ କାର୍ସାଦି: କମ୍ପାନୀ ଲୁଟିଲେଣି ୬୧୪୦ କୋଟି

## ଫେରସ୍ତ ଆଦେଶ ନଦେଇ ଆୟୋଗ ଚୁପ୍




ରାଜ୍ୟ ତଥା ଦେଶର ନିରନ୍ତର ବିକାଶ ପ୍ରକ୍ରିୟାରେ ପ୍ରତିଯୋଗିତାକ୍ଷମ ବିଦ୍ୟୁତ ମୂଲ୍ୟ (ଟାରିଫ୍)ର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଦେଶର ପ୍ରଥମ ରାଜ୍ୟ ଭାବେ ବିଦ୍ୟୁତ ସଂସ୍କାର କାର୍ଯ୍ୟକାରୀ କରିଥିବା ଓଡ଼ିଶାର ତତ୍କାଳୀନ ସରକାର ୧୯୯୫ରେ ବିଦ୍ୟୁତ ସଂସ୍କାର ଆଇନ ପ୍ରଣୟନ କରିଥିଲେ। ଦୀର୍ଘ ତିନି ଦଶନ୍ଧି ଅତିକ୍ରାନ୍ତ ହୋଇ ସାରିଥିବା ସତ୍ତ୍ୱେ ଓଡ଼ିଶା ଉପଭୋକ୍ତା ସଂସ୍କାରରୁ ଆୟୋଗ ତାହାର ସମୀକ୍ଷା କରୁନାହାନ୍ତି କି ପରବର୍ତ୍ତୀ ବର୍ଷର ଟାରିଫ୍ ନିର୍ଣ୍ଣୟ ପ୍ରକ୍ରିୟାରେ ଉପଭୋକ୍ତାଙ୍କଠାରୁ ଅସୁଲ ଅତିରିକ୍ତ ରାଶିକୁ ହିସାବକୁ ନେଉ ନାହାନ୍ତି। ଟାରିଫ୍ ନିର୍ଣ୍ଣୟ ପାଇଁ ଉଦ୍ଦିଷ୍ଟ ଆଇନରେ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିଲେ ହେଁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି) ତାହାକୁ ବାରମ୍ବାର ଅଣଦେଖା କରିଚାଲିବା ଏହି ବୈଧାନିକ ସଂସ୍ଥାର ଉପଭୋକ୍ତା ମାରଣ ନୀତିକୁ ଇଙ୍ଗିତ କରୁଛି। ପରିଣାମସ୍ୱରୂପ ରାଜ୍ୟର ଉପଭୋକ୍ତାମାନେ ବର୍ଷ ବର୍ଷ ଧରି ଘରୋଇ କମ୍ପାନୀଙ୍କ ଶୋଷଣର ଶିକାର ହେଉଛନ୍ତି; ଯାହା ସାରା ଦେଶରେ ବିରଳ।

ଓଇଆରସି ତଥ୍ୟ ଅନୁସାରେ ୨୦୧୭-୧୮ ପାଇଁ ଆୟୋଗ ୟୁନିଟ୍ ପିଛା ହାରାହାରି ଟାରିଫ ୪ ଟଙ୍କା ୭୦ ପଇସା ଧାର୍ଯ୍ୟ କରିଥିଲେ। କିନ୍ତୁ ବିତରକ କମ୍ପାନୀ ଉପଭୋକ୍ତାଙ୍କ ଠାରୁ ୫ ଟଙ୍କା ୫୩ ପଇସା ହିସାବରେ ବିଲ୍ ଅସୁଲ କଲେ। ଫଳରେ ସେ ବର୍ଷ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ଟାରିଫ ଠାରୁ ବିତରକ କମ୍ପାନୀ ୟୁନିଟ୍ ପିଛା ଅଧିକ ୮୩ ପଇସା ହିସାବରେ ସମୁଦାୟ ବିଦ୍ୟୁତ ବିକ୍ରିରୁ ଅଧିକ ୧୪୬୫ କୋଟି ଟଙ୍କା ବିଲ୍ ଆଦାୟ କରିଥିଲେ। ପରବର୍ତ୍ତୀ ୨୦୧୮-୧୯ ବର୍ଷ ପାଇଁ ଆୟୋଗ ବିଦ୍ୟୁତ ୟୁନିଟ ପିଛା ୪ ଟଙ୍କା ୬୯ ପଇସା ଟାରିଫ୍ ଧାର୍ଯ୍ୟ କଲେ କିନ୍ତୁ ଆବଣ୍ଟନ କମ୍ପାନୀ ବିଲ୍ ଅସୁଲ କଲେ ୟୁନିଟ ପିଛା ୨୨ ବର୍ଷରେ ୟୁନିଟ ପିଛା ଅଧିକ ୩୮ ପଇସା ହିସାବରେ ଉପଭୋକ୍ତାଙ୍କଠାରୁ ବିଲ୍ ବାବଦରେ ଅଧିକ ୮୨୩ କୋଟି ଟଙ୍କା ଆଦାୟ କଲେ। ଧାର୍ଯ୍ୟ ଟାରିଫ୍‌କୁ ଉଲ୍ଲଂଘନ କରି ବିତରକ କମ୍ପାନୀମାନେ ଅସୁଲ କରିଥିବା ବିଲ୍‌କୁ ସୁଧ ସହ ଉପଭୋକ୍ତାଙ୍କୁ ଫେରାଇବା ଲାଗି ସେ ବର୍ଷ ଟାରିଫ୍ ନିର୍ଣ୍ଣୟ ପାଇଁ ବସିଥିବା ବୈଠକରେ ଆପତ୍ତିକାରୀମାନେ ଜୋରଦାର ଦାବି କରିଥିଲେ ମଧ୍ୟ ଆୟୋଗ ସେଥିପ୍ରତି କର୍ଣ୍ଣପାତ ନକରି ବରଂ ଘରୋଇ କମ୍ପାନୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ପୁଣି ଖୁଚୁରା ଟାରିଫକୁ ୟୁନିଟ ପିଛା ୨୦ ପଇସା ବୃଦ୍ଧିକଲେ। ପୂର୍ବ ଦୁଇ ବର୍ଷରେ ଆୟୋଗ ଖୁଚୁରା ଟାରିଫ୍‌କୁ ୟୁନିଟ୍ ପିଛା ୫୦ ପଇସା ବୃଦ୍ଧି କରିବା ପ୍ରତିବାଦରେ ବିରୋଧୀ ଦଳ ବିଧାନସଭାକୁ ୩ ଦିନଧରି ଅଚଳ କରିଥିଲେ। ସେହିପରି ୨୦୨୨-୨୩ ଓ ୨୦୨୩-୨୪ ଦୁଇ ବର୍ଷରେ ଧାର୍ଯ୍ୟ ଟାରିଫ୍‌ଠାରୁ ଆବଣ୍ଟନ କମ୍ପାନୀମାନେ ୟୁନିଟ ପିଛା ଯଥାକ୍ରମେ ୬୧ ପଇସା ଓ ୩୫ ପଇସା ଅଧିକ କଷି ବିଲ୍ ଅସୁଲ କରିବାରୁ ଉପଭୋକ୍ତାମାନେ ଯଥାକ୍ରମେ ୧୬୪୯ କୋଟି ଓ ୯୯୩ କୋଟି ଟଙ୍କା ଅଧିକ ଗଣିବାକୁ ବାଧ୍ୟ ହେଲେ। ଧାର୍ଯ୍ୟ ଟାରିଫ୍‌କୁ ବାରମ୍ବାର ଉଲ୍ଲଂଘନ କରି ବିତରକ କମ୍ପାନୀମାନେ ୨୦୨୪ ସୁଦ୍ଧା ବିଗତ ୭ ବର୍ଷରେ ବେଆଇନ୍ ଭାବେ ଅଧିକ ୬,୧୪୦ କୋଟି ଟଙ୍କା ବିଲ୍ ଅସୁଲ କରିଥିଲେ। ବିଦ୍ୟୁତ ଆଇନ-୨୦୦୩ର ଧାରା ବର୍ଷ (୨୦୨୩-୨୪) ପାଇଁ ଆମ ଉପଭୋକ୍ତା ଅଧିକ ବିଲ୍ ଗଣିଲେ ତାହା ନୁହେଁ ବିଗତ ବର୍ଷଗୁଡ଼ିକରେ ମଧ୍ୟ ସେମାନେ ଅନୁରୂପ ଶୋଷଣର ଶିକାର ହୋଇଆସିଛନ୍ତି। ବିଗତ ବର୍ଷଗୁଡ଼ିକରେ ପ୍ରକାଶିତ ପିଏଫ୍‌ସି ରିପୋର୍ଟରୁ ସ୍ପଷ୍ଟ ଯେ ୨୦୧୭-୧୮ରୁ ୨୦୨୩-୨୪ ମଧ୍ୟରେ ଜାତୀୟ ହାର ଠାରୁ ଓଡିଶା ଉପଭୋକ୍ତାମାନେ ୟୁନିଟ ପିଛା ଯଥାକ୍ରମେ ୪୬ ପଇସା, ୧୯ ପଇସା, ୨୪ ପଇସା, ୧୫ ପଇସା, ୯୦ ପଇସା, ୪୭ ପଇସା ଓ ୨୪ ପଇସା ଲେଖାଏଁ ଅଧିକ ବିଲ୍ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୧-୨୨ ବର୍ଷରେ ଓଡ଼ିଶା ଉପଭୋକ୍ତାମାନେ ହାରାହାରି ଜାତୀୟ ମୂଲ୍ୟଠାରୁ ସର୍ବାଧିକ ୯୦ ପଇସା ହିସାବରେ ଅଧିକ ବିଲ୍ ଭରଣା କରିଥିବା ବେଳେ ସେ ବର୍ଷ ଆସାମ, ମିଜୋରାମ, ମହାରାଷ୍ଟ୍ର ଏବଂ କେନ୍ଦ୍ର ଶାସିତ ଅଞ୍ଚଳ କେବଳ ଦିଲ୍ଲୀକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପଭୋକ୍ତାଙ୍କ ଠାରୁ ଆମ ଉପଭୋକ୍ତା ଅଧିକ ବିଲ୍ ଗଣିଥିଲେ। ଯଦି ଏହାକୁ ହିସାବ କରାଯାଏ ତେବେ ଉପରୋକ୍ତ ବର୍ଷଗୁଡ଼ିକରେ ଆମ ବିଦ୍ୟୁତ ଉପଭୋକ୍ତାମାନେ ଯେ ଅନ୍ୟାନ୍ୟ ରାଜ୍ୟର ଉପଭୋକ୍ତାଙ୍କ ତୁଳନାରେ ଅଧିକ ଶହ ଶହ କୋଟି ଟଙ୍କାର ବିଲ୍ ଗଣିଛନ୍ତି, ସେଥିରେ ସନ୍ଦେହ ନାହିଁ।

କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ୨୦୨୪ରେ ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଭାରତର ଲାଭ ପାଇବା ବଦଳରେ ଜାତୀୟ ହାର ତୁଳନାରେ ଅଧିକ ବିଦ୍ୟୁତ ମୂଲ୍ୟ ପୈଠ କରିବାକୁ ବାଧ୍ୟ ହେବା ଓ ତ୍ରୁଟିପୂର୍ଣ୍ଣ ଟାରିଫ୍ ନିର୍ଣ୍ଣୟ ଯୋଗୁଁ ଘରୋଇ ବିତରଣ କମ୍ପାନୀଙ୍କ ଦ୍ୱାରା ଗତ ୭ ବର୍ଷରେ ୬୧୦୦ କୋଟି ଟଙ୍କାରୁ ଅଧିକ ଶୋଷଣ ହେବା ଆମ ବିଦ୍ୟୁତ ସଂସ୍କାର ପ୍ରତି କ୍ରୂର ଉପହାସ।

ବିଦ୍ୟୁତ ଆଇନ-୨୦୦୩ର ଧାରା ୬୨(୬)ରେ ଥିବା ଟାରିଫ୍ ନିର୍ଣ୍ଣୟ ପ୍ରଣାଳୀ ଅନୁସାରେ ଆୟୋଗ ଧାର୍ଯ୍ୟ କରିଥିବା ଟାରିଫ୍ ଠାରୁ ଅଧିକ କଷି ଆବଣ୍ଟନ କମ୍ପାନୀମାନେ ଅଧିକ ବିଲ୍ ଆଦାୟ କଲେ, ସେ ବାବଦରେ ଅସୁଲ ଅତିରିକ୍ତ ରାଶିକୁ ସୁଧ ସହ ଉପଭୋକ୍ତାଙ୍କୁ ଫେରସ୍ତ ଲାଗି ନିୟାମକ ଆୟୋଗ ଆଦେଶ ଜାରି କରିପାରିବେ। ମାତ୍ର ଆମ ଉପଭୋକ୍ତାମାନେ ବର୍ଷ ବର୍ଷ ଧରି ଧାର୍ଯ୍ୟ ଟାରିଫ୍ ଠାରୁ ଅଧିକ ମୂଲ୍ୟରେ ବିଲ୍ ପୈଠ କରିବାକୁ ବାଧ୍ୟ ହେଉଥିଲେ ମଧ୍ୟ ଆୟୋଗ ବିଦ୍ୟୁତ ଆଇନର ନିର୍ଦ୍ଦିଷ୍ଟ ଧାରା ପ୍ରୟୋଗ ନକରି ନିଦାବିଷ୍ଣୁ ସାଜିବାର ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପ୍ରତି ଆୟୋଗ କେତେ ସମ୍ବେଦନଶୀଳ ଜଣାପଡୁଛି। ଦ୍ୱିତୀୟରେ ଧାର୍ଯ୍ୟ ଟାରିଫ୍ ଠାରୁ ଆବଣ୍ଟନ କମ୍ପାନୀ ଅଧିକ ଅସୁଲ କରୁଥିଲେ ମଧ୍ୟ ୪ ଟଙ୍କା ୮୭ ପଇସା ହିସାବରେ। ଅର୍ଥାତ୍ ୟୁନିଟ ପିଛା ଅଧିକ ୧୯ ପଇସା ହିସାବରେ ଉପଭୋକ୍ତା ଗଣିଲେ ଅଧିକ ୩୬୪ କୋଟି ଟଙ୍କାର ବିଲ୍। ତେବେ ୨୦୧୯-୨୦ରେ ଧାର୍ଯ୍ୟ ଟାରିଫ୍ ଠାରୁ ୟୁନିଟ ପିଛା ୩ ପଇସା କମ ଆଦାୟ କରି ବିତରକ କମ୍ପାନୀ ସମୁଦାୟ ୬୧ କୋଟି ଟଙ୍କା କ୍ଷତି ସହିଲେ। କୋଭିଡ୍ ମହାମାରୀ ବର୍ଷ ୨୦୨୦-୨୧ ପାଇଁ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ ଟାରିଫ୍ ଠାରୁ ୟୁନିଟ ପିଛା ଅଧିକ ୪୫ ପଇସା ହିସାବରେ ଘରୋଇ ବିତରକ କମ୍ପାନୀ ଉପଭୋକ୍ତାଙ୍କଠାରୁ ଅଧିକ ୮୪୬ କୋଟି ଟଙ୍କା ବିଲ୍ ଆଦାୟ କଲେ। ସବୁଠୁ ଆଶ୍ଚର୍ଯ୍ୟଜନକ ହେଲା- କୋଭିଡ ସଂକ୍ରମଣର ପୂର୍ବ ୩ ବର୍ଷରେ ଧାର୍ଯ୍ୟ ଟାରିଫ୍‌ଠାରୁ ଅଧିକ ବିଲ୍ ଦେଇ ବିତରକ କମ୍ପାନୀ ପ୍ରାୟ ୧୫୦୦ କୋଟିରୁ ଅଧିକ ଟଙ୍କା ଅସୁଲ କରିଥିଲେ ହେଁ ନିୟମ ଅନୁସାରେ ତାହାକୁ ସୁଧ ସହ ଉପଭୋକ୍ତାଙ୍କୁ ଫେରସ୍ତ କଲେ ନାହିଁ। ବରଂ ଏହା ପରେ ଆୟୋଗ ଖୁଚୁରା ବିଦ୍ୟୁତ ମୂଲ୍ୟକୁ ୟୁନିଟ୍ ପିଛା ୩୦ ପଇସା ବୃଦ୍ଧି କରି ସାଧାରଣ ଉପଭୋକ୍ତାଙ୍କ ପ୍ରତି ଅମାନବୀୟ ଆଚରଣ ପ୍ରଦର୍ଶନ କଲେ। ଏଥିରୁ ଅନୈତିକ ଫାଇଦା ଉଠାଇ ବିତରକ କମ୍ପାନୀ ୨୦୨୧-୬୨(୬) ଅନୁସାରେ ଓଡ଼ିଶାର ବିତରକ କମ୍ପାନୀମାନେ ୭ ବର୍ଷରେ ବେଆଇନ୍ ଭାବେ ଅସୁଲ କରିଥିବା ଅତିରିକ୍ତ ମୁନାଫାକୁ ସୁଧ ସହ ଉପଭୋକ୍ତାଙ୍କୁ ଫେରାଇବା ଲାଗି ସ୍ପଷ୍ଟ ବ୍ୟବସ୍ଥା ଅଛି। ଏହି ଆଧାରରେ ଆଇନଗତ ନିର୍ଦ୍ଦେଶ ଜାରି କରିବା ବଦଳରେ ଆୟୋଗ ବର୍ଷ ବର୍ଷ ଧରି ନିରବ ରହିବା ନିଶ୍ଚିତ ଭାବେ ବିସ୍ମୟଜନକ।

ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିଦ୍ୟୁତ ଉପଭୋକ୍ତାମାନେ ଅଧିକ ଶୋଷଣର ସମ୍ମୁଖୀନ ହେଉଥିବାର ଆଉ ଏକ ଚିତ୍ର ଏଠାରେ ପ୍ରଣିଧାନସାପେକ୍ଷ। ରାଷ୍ଟ୍ରାୟତ୍ତ ସଂସ୍ଥା ପାୱାର ଫାଇନାନ୍ସ କର୍ପୋରେସନ(ପିଏଫ୍‌ସି) ଦ୍ୱାରା ପ୍ରକାଶିତ ୨୦୨୩-୨୪ ରିପୋର୍ଟ ଅନୁଯାୟୀ ସର୍ବଭାରତୀୟ ସ୍ତରରେ ବିଦ୍ୟୁତ ଉପଭୋକ୍ତାମାନେ ୟୁନିଟ ପିଛା ହାରାହାରି ୫ ଟଙ୍କା ୬୪ ପଇସା ହିସାବରେ ବିଦ୍ୟୁତ ବିଲ୍ ଭରଣା କରିଥିବା ବେଳେ ଓଡିଶା ବିଦ୍ୟୁତ ଉପଭୋକ୍ତାମାନେ ଗଣିଛନ୍ତି ୟୁନିଟ ପିଛା ୫ ଟଙ୍କା ୮୮ ପଇସା। ଅର୍ଥାତ ଆମ ରାଜ୍ୟର ଉପଭୋକ୍ତାମାନେ ଜାତୀୟ ମୂଲ୍ୟଠାରୁ ୟୁନିଟ୍ ପିଛା ହାରାହାରି ଅଧିକ ୨୪ ପଇସା ହିସାବରେ ବିଲ୍ ପୈଠ କରୁଛନ୍ତି। କେବଳ ଯେ ସେହି ଗୋଟିଏ ମୋଟ ୩୫ କୋଟି ଉପଭୋକ୍ତାଙ୍କ ମଧ୍ୟରୁ ୩୨ କୋଟି ଉପଭୋକ୍ତା ସରକାରୀ ଆବଣ୍ଟନ କମ୍ପାନୀଙ୍କ ଠାରୁ ବିଦ୍ୟୁତ କିଣୁଥିବା ବେଳେ ମାତ୍ର ୩ କୋଟି ଉପଭୋକ୍ତା ଘରୋଇ କମ୍ପାନୀଙ୍କ ଗ୍ରାହକ। ଓଡ଼ିଶାର ସମସ୍ତ ୧ କୋଟି ଉପଭୋକ୍ତା ୧୯୯୯ରୁ ଘରୋଇ କମ୍ପାନୀଠାରୁ ବିଦ୍ୟୁତ କିଣି ଆସୁଛନ୍ତି। ରିଲାଏନ୍ସ ଇନଫ୍ରା କମ୍ପାନୀର ବିଦ୍ୟୁତ ବିତରଣ ଲାଇସେନ୍ସକୁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି) ୨୦୧୫ ମାର୍ଚ୍ଚରେ ରଦ୍ଦ କରିବା ବେଳକୁ ପାଇକାରୀ ବିଦ୍ୟୁତ କିଣା ବାବଦରେ ସରକାରୀ ସଂସ୍ଥା ଗ୍ରୀଡ୍‌କୋକୁ ପ୍ରାୟ ୪୨୩୪ କୋଟି ଟଙ୍କା ପୈଠ କରି ନଥିଲା। ଏ ପର୍ଯ୍ୟନ୍ତ ସେହି ବକେୟା ରାଶି ଆଦାୟ ହୋଇପାରି ନାହିଁ। ଏହାକୁ କେନ୍ଦ୍ର କରି କୋର୍ଟରେ ମାମଲା ଚାଲିଥିବାରୁ ରିଲାଏନ୍ସଠାରୁ କେବେ ବକେୟା ପ୍ରାପ୍ୟ ମିଳିବ, ତାହା ଅନିଶ୍ଚିତ। ତେବେ ବିଦ୍ୟୁତ ବିତରଣରୁ ରିଲାଏନ୍ସ ଅନ୍ତର ହେବାପରେ ରାଜ୍ୟ ସରକାର ୫ ବର୍ଷ ଧରି ବିଦ୍ୟୁତ ବିତରଣ ଦାୟିତ୍ୱ ସମ୍ଭାଳିଥିଲେ। ସେହି ୫ ବର୍ଷର ସରକାରୀ କାର୍ଯ୍ୟଦକ୍ଷତାକୁ ସମୀକ୍ଷା କରି ଆବଶ୍ୟକ ସଂସ୍କାର ତ୍ୱରାନ୍ୱିତ କରିବା ବଦଳରେ ସରକାର ୨୦୨୦ ଜୁନ୍‌ରୁ

▶ ଅବଶିଷ୍ଟ ପୃଷ୍ଠା ୭




## ● ତ୍ରୁଟିପୂର୍ଣ୍ଣ ନିୟାମକ ବ୍ୟବସ୍ଥା
## ● ଉପଭୋକ୍ତାଙ୍କୁ ଶୋଷଣ, ଆୟୋଗ ନିଦାବିଷ୍ଟ
## ● ଓଡ଼ିଶା ଉପଭୋକ୍ତାଙ୍କ ବିଦ୍ୟୁତ ଦେୟ ଦେଶରେ ସର୍ବାଧିକ

ପୁନର୍ବାର ଘରୋଇକରଣ କରି ବିଦ୍ୟୁତ ବିତରଣ ଦାୟିତ୍ୱ ଟେକିଦେଲେ ଟାଟା ପାୱାର୍ ହାତରେ । ତେବେ ସର୍ବଭାରତୀୟ ସ୍ତରରେ ଘରୋଇ ଓ ସରକାରୀ ବିତରଣ କମ୍ପାନୀଙ୍କ ମଧ୍ୟରେ ବିଦ୍ୟୁତ ମୂଲ୍ୟର ପାର୍ଥକ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ସରକାରୀ କମ୍ପାନୀଙ୍କ ତୁଳନାରେ ଘରୋଇ ବିତରକ ସଂସ୍ଥା ଉପଭୋକ୍ତାଙ୍କଠାରୁ ଅଧିକ ବିଲ୍ ଅସୁଲ କରୁଛନ୍ତି। ପିଏଫ୍‌ସି ରିପୋର୍ଟ ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷରେ ଘରୋଇ କମ୍ପାନୀଙ୍କ ବିଦ୍ୟୁତ ଗ୍ରାହକ ସରକାରୀ କମ୍ପାନୀଙ୍କ ଉପଭୋକ୍ତାଙ୍କ ଠାରୁ ୟୁନିଟ ପିଛା ହାରାହାରି ୧ ଟଙ୍କା ୮୮ ପଇସା ଅଧିକ ବିଲ୍ ଦେଇଥିଲେ। ୨୦୧୮-୧୯ରୁ ୨୦୨୩-୨୪ ମଧ୍ୟରେ ସରକାରୀ ସଂସ୍ଥାର ବିଦ୍ୟୁତ ଗ୍ରାହକଙ୍କ ତୁଳନାରେ ଘରୋଇ କମ୍ପାନୀଙ୍କ ଉପଭୋକ୍ତାମାନେ ୟୁନିଟ ପିଛା ଯଥାକ୍ରମେ ୧ ଟଙ୍କା ୭୪ ପଇସା, ୧ ଟଙ୍କା ୬୭ ପଇସା, ୧ ଟଙ୍କା ୩୭ ପଇସା, ୧ ଟଙ୍କା ୫୧ ପଇସା, ୧ ଟଙ୍କା ୩୫ ପଇସା ଏବଂ ୧ ଟଙ୍କା ୪୯ ପଇସା ହିସାବରେ ଅଧିକ ବିଲ୍ ପୈଠ କରିଥିଲେ।

ଓଡ଼ିଶାରେ ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ (କୋଇଲା) ଯଥେଷ୍ଟ ପରିମାଣରେ ମହଜୁଦ ଥିବାରୁ ଏବଂ ଏହାର ସହଜ ପରିବହନ ପାଇଁ ସମସ୍ତ ସୁବିଧା ଥିବାରୁ ଏଠାରେ ଉତ୍ପାଦନ ଖର୍ଚ୍ଚ ଅନ୍ୟ ରାଜ୍ୟ ତୁଳନାରେ କମ୍ ହେବା କଥା। କିନ୍ତୁ ଏସବୁ ସତ୍ତ୍ୱେ ରାଜ୍ୟର ଉପଭୋକ୍ତାମାନେ ଯଦି ହାରାହାରି ଜାତୀୟ ଦରଠାରୁ ଅଧିକ ଦେୟ ଗଣୁଛନ୍ତି, ସେଥିପାଇଁ ନିୟାମକ ଆୟୋଗ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି। ସେମାନଙ୍କ ମତରେ ଆୟୋଗର ଅପାରଗତା ଯୋଗୁଁ ଓଡିଶାର ବିଦ୍ୟୁତ ମୂଲ୍ୟ ଅନ୍ୟ ରାଜ୍ୟ ସହିତ ପ୍ରତିଯୋଗିତା କରିବାରେ ବିଫଳ ହେଉଛି। ଫଳରେ ବିଦ୍ୟୁତର ଚଢ଼ା ଦରକୁ ଦେଖି ଓଡ଼ିଶାରେ ଶିଳ୍ପ ସ୍ଥାପନ ଲାଗି ପୁଞ୍ଜି ନିବେଶକାରୀମାନେ ଆଗ୍ରହୀ ହେଉ ନାହାନ୍ତି। ପୂର୍ବରୁ ଏଠାରେ ଶିଳ୍ପ ସ୍ଥାପନ କରିଥିବା ସଂସ୍ଥା ରାଜ୍ୟର ଉଚ୍ଚ ଟାରିଫ୍‌କୁ ଦେଖି ଆମ ବିତରଣ ବ୍ୟବସ୍ଥାରୁ ବିଦ୍ୟୁତ ନ ନେଇ ବିକଳ୍ପ ବ୍ୟବସ୍ଥା କରୁଥିବା ଦେଖାଯାଉଛି। ପରିଣାମସ୍ୱରୂପ ଆମ ରାଜ୍ୟରେ ନିରନ୍ତର ବିକାଶ ବାଧାପ୍ରାପ୍ତ ହେଉଛି। ପୁନଶ୍ଚ ଆମ ବିଦ୍ୟୁତ ବିତରଣ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଘରୋଇକରଣ ଯୋଗୁଁ ଓଡ଼ିଶାରେ ବିଦ୍ୟୁତ ଦର ନିୟନ୍ତ୍ରିତ ହେବା ବଦଳରେ ବଢ଼ି ଚାଲିଥିବାରୁ ଅନ୍ୟ କୌଣସି ରାଜ୍ୟ ଅଦ୍ୟାବଧି ବିଦ୍ୟୁତ ବିତରଣ ବ୍ୟବସ୍ଥାର ଘରୋଇକରଣ ପାଇଁ ସାହସ କରୁନାହାନ୍ତି। ସୁତରାଂ ବିଦ୍ୟୁତ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଘରୋଇକରଣ ଦୃଷ୍ଟିରୁ ଓଡ଼ିଶାକୁ ଦେଶର ପ୍ରଥମ ତଥା ଶେଷ ରାଜ୍ୟ ଭାବେ ଧରି ନିଆଯାଇ ପାରେ।

ନିରନ୍ତର ବିକାଶ ପ୍ରକ୍ରିୟାରେ ସୁଲଭ ଟାରିଫ୍‌ର ଅନୁକୂଳ ପ୍ରଭାବକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ସରକାର ରାଜ୍ୟର ସାଢ଼େ ୩ କୋଟି ଉପଭୋକ୍ତାଙ୍କ ପାଇଁ ବହୁବର୍ଷୀୟ ଟାରିଫ୍ ହ୍ରାସ କରିଛନ୍ତି। ମହାରାଷ୍ଟ୍ର ବିଦ୍ୟୁତ ନିୟାମକ ଆୟୋଗ ଜାରି କରିଥିବା ପାଞ୍ଚବର୍ଷୀୟ ଟାରିଫ୍ ଆଦେଶରେ ଚଳିତ ବର୍ଷ ପାଇଁ ୧୦% ଟାରିଫ୍ ହ୍ରାସ କରିଥିବାବେଳେ ୨୦୨୯-୩୦ ବେଳକୁ ତାହା ୨୬% ହ୍ରାସ ପାଇବ। ଅନ୍ୟାନ୍ୟ ରାଜ୍ୟରେ ବହୁବର୍ଷୀୟ ଟାରିଫ୍ ନିର୍ଣ୍ଣୟ ବ୍ୟବସ୍ଥା ଚାଲୁ ରହିଥିଲେ ମଧ୍ୟ ଓଡିଶା ଆୟୋଗ ଗତ ୧୫ ବର୍ଷଧରି ଏହାକୁ ଏଡ଼ାଇ ଚାଲିବା କେନ୍ଦ୍ରୀୟ ଆଇନର ସ୍ପଷ୍ଟ ଉଲ୍ଲଂଘନ। ଏଥିରେ ହସ୍ତକ୍ଷେପ ନକରି ସରକାର ନିରବ ରହୁଥିବାରୁ ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ପ୍ରତି ତାଙ୍କ ଉଦାସୀନତାକୁ ଇଙ୍ଗିତ କରୁଛି। ବିହାର ସରକାର ଇତିମଧ୍ୟରେ ରାଜ୍ୟର ୧ କୋଟି ୬୭ ଲକ୍ଷ ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କୁ ୨୦୨୫ ଅଗଷ୍ଟ ପହିଲାରୁ ମାସିକ ୧୨୫ ୟୁନିଟ୍ ମାଗଣା ବିଦ୍ୟୁତ ଯୋଗାଣ ଆରମ୍ଭ କରିଛନ୍ତି। ଦେଶର ଅଧିକାଂଶ ରାଜ୍ୟ କୃଷିକ୍ଷେତ୍ର ପାଇଁ ମାଗଣା କିମ୍ବା ରିହାତି ଦରରେ ବିଦ୍ୟୁତ ଯୋଗାଉଥିବା ବେଳେ ଓଡିଶା ସେ ଦୃଷ୍ଟିରୁ ବ୍ୟତିକ୍ରମ। ଅନ୍ୟ ପକ୍ଷରେ ଓଡ଼ିଶାରେ ବିଦ୍ୟୁତ ବିତରଣ ସମ୍ପୂର୍ଣ୍ଣ ଘରୋଇକରଣ ହୋଇଥିବାରୁ ରାଜ୍ୟର ଘରୋଇ ଉପଭୋକ୍ତାଙ୍କ ପାଇଁ ମାଗଣା ବିଦ୍ୟୁତ ବସ୍ତୁତଃ ସ୍ୱପ୍ନ ପାଲଟିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥାଟି ହେଉଛି ଉପଭୋକ୍ତାଙ୍କ ପାଇଁ ଆୟୋଗ ବିଜ୍ଞାପିତ କରୁଥିବା ବାର୍ଷିକ ଖୁଚୁରା ବିଦ୍ୟୁତ ମୂଲ୍ୟ ସହିତ ଟାରିଫ୍ ନିର୍ଣ୍ଣୟ ପ୍ରକ୍ରିୟାର କୌଣସି ସମ୍ପର୍କ ନାହିଁ। ଆୟୋଗ କେବଳ ହାରାହାରି ଟାରିଫ୍ ନିର୍ଣ୍ଣୟ କରୁଛନ୍ତି, ମାତ୍ର ଖୁଚୁରା ବିଦ୍ୟୁତ ମୂଲ୍ୟରେ ତାହାର ପ୍ରତିଫଳନ କେତେ ବାସ୍ତବ, ତାହାର ହିସାବ-ନିକାଶ ନିମନ୍ତେ ଟାରିଫ୍ ଆଦେଶରେ ବ୍ୟବସ୍ଥା ନାହିଁ। ସୁତରାଂ ରାଜ୍ୟର ବିଭିନ୍ନ ବର୍ଗର ଏକ କୋଟି ଉପଭୋକ୍ତାଙ୍କୁ ବୋକା ବନେଇ ଆୟୋଗ ଯେ ମନମୁଖୀ ଭାବେ ବିଦ୍ୟୁତ ମୂଲ୍ୟ ବୃଦ୍ଧି କରି ଘରୋଇ କମ୍ପାନୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଉଛନ୍ତି, ସେଥିରେ ସନ୍ଦେହ ନାହିଁ।

ସୁଲଭ ତଥା ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଲକ୍ଷ୍ୟରେ ରାଜ୍ୟର ବିଦ୍ୟୁତ ବିତରଣ ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ରୀୟ ଅନୁଦାନରେ ୨୫ ହଜାର କୋଟି ଟଙ୍କାରୁ ଅଧିକ ବିନିଯୋଗ କରାଯାଇଛି। ଏହାକୁ ହିସାବକୁ ନଆଣି ଆୟୋଗ ଟାରିଫ୍ ନିର୍ଣ୍ଣୟ କରୁଥିବାରୁ ଉପଭୋକ୍ତାଙ୍କୁ ଏ ପର୍ଯ୍ୟନ୍ତ ଟାରିଫ୍ ହ୍ରାସ ଫାଇଦା ମିଳୁନାହିଁ। ସୁତରାଂ ଆମ ରାଜ୍ୟର ଟାରିଫ୍ ନିର୍ଣ୍ଣୟ ପ୍ରଣାଳୀ ଯେ ତ୍ରୁଟିପୂର୍ଣ୍ଣ ଏବଂ ଦକ୍ଷତା ଓ ସାଧୁତାଠାରୁ ବହୁ ଦୂରରେ, ସେଥିରେ ସନ୍ଦେହ ନାହିଁ। ଟାରିଫ୍ ନିର୍ଣ୍ଣୟ ପ୍ରଣାଳୀରେ କେନ୍ଦ୍ରୀୟ ବିଦ୍ୟୁତ ଆଇନ-୨୦୦୩ର ଧାରା ୬୧ ଓ ୬୨ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଆୟୋଗ ଏହାକୁ ବାରମ୍ବାର ଉଲ୍ଲଂଘନ କରି ଦକ୍ଷତା ବୃଦ୍ଧିକୁ ପ୍ରୋତ୍ସାହନ ଦେବାରେ କିମ୍ବା ପୁରସ୍କୃତ କରିବାରେ ବିଫଳ ହୋଇଛନ୍ତି। ଏହି କାରଣରୁ ଓଡିଶାରେ ଭିତ୍ତିଭୂମି ଦୁର୍ବଳ ହେଉଛି ଓ ବିଦ୍ୟୁତ ମୂଲ୍ୟ ବୃଦ୍ଧି ପାଉଛି। ଫଳରେ ଉପଭୋକ୍ତା ଶୋଷଣର ଶିକାର ହେଉଛନ୍ତି ଓ ରାଜ୍ୟର ଅର୍ଥନୈତିକ ପ୍ରଗତି ବାଧାପ୍ରାପ୍ତ ହେଉଛି। ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତ୍ରୁଟିପୂର୍ଣ୍ଣ ନିୟାମକ ବ୍ୟବସ୍ଥାର ସୁଧାର ଆଣିବା ନିମନ୍ତେ ସରକାର ବିଦ୍ୟୁତ ଆଇନର ଧାରା ୧୦୮କୁ ପ୍ରୟୋଗ କରି ଓଇଆର୍‌ସିଙ୍କୁ ନିର୍ଦ୍ଦେଶ ଦେବା ଅପରିହାର୍ଯ୍ୟ ବୋଲି ବିଦ୍ୟୁତ ସମୀକ୍ଷକମାନେ ଦୃଢ଼ମତ ପୋଷଣ କରିଛନ୍ତି।



ଦୁରଭାଷ: ୮୮୯୫୪୧୮୧୬୯

ଦ୍ୱିତୀୟ ପୃଷ୍ଠାରୁ...

## ଜ୍ୟୋର୍ତିବାସ୍ତୁ...

ଜଳସଂପଦ କେନ୍ଦ୍ର। ଏହାଛଡ଼ା କୌଣସି ସ୍ଥାନ ଯେଉଁଠି ସୁଷମ ଖାଦ୍ୟ, ସ୍ୱାସ୍ଥ୍ୟ ରକ୍ଷା ଏବଂ ପରିବେଶ ସୁରକ୍ଷା ଦିଗରେ ପ୍ରୟାସ କରାଯାଇଥାଏ। ସିଂହ ଏକ ପ୍ରମୁଖ ଗର୍ବୀ ଏବଂ ସ୍ରଷ୍ଟାର ସ୍ଥାନ। ଏଠାରେ ପଦମର୍ଯ୍ୟାଦାର ପ୍ରଭାବ ଦେଖିବାକୁ ମିଳେ। ଏହା ଏପରି ଏକ ସ୍ଥାନ ଯେଉଁଠି ନୂଆ କିଛି ସୃଷ୍ଟି ହୁଏ। ଯଥା- ସିନେମା ଷ୍ଟୁଡିଓ, ସଙ୍ଗୀତ ଷ୍ଟୁଡିଓ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଇତ୍ୟାଦି। କନ୍ୟା ଏଭଳି ଏକ ସ୍ଥାନ ଯେଉଁଠି ସୂକ୍ଷ୍ମାତିସୂକ୍ଷ୍ମ ନିର୍ଯ୍ୟାସ ହୁଏ ଯଥା- ପ୍ୟାଥୋଲ୍ୟାବ, ଫରେନ୍ସିକ ବିଭାଗ, ସହରୀ ଯୋଜନା ବିଭାଗ (Town planning Department) ଦର୍ଜୀ ଦୋକାନ, ଲେଦ୍। ତୁଳା ହେଉଛି ନ୍ୟାୟ, ନୈତିକତା ଏବଂ ମୂଲଚାଲର ସ୍ଥାନ ତେଣୁ ସହରରେ ଏପରି ଏକ ସ୍ଥାନ ଯେଉଁଠି ମୂଲଚାଲ ଚାଲେ। ଯଥା- ହୋଲସେଲ୍ ମାର୍କେଟ, ଦୋକାନର ଏଭଳି ଜାଗା ଯେଉଁଠି ଦ୍ରବ୍ୟ ସବୁ ଓଜନ କରାଯାଏ। ବିଛା ହେଉଛି ଗୁପ୍ତ, ତୀବ୍ର, ଆବେଗପୂର୍ଣ୍ଣ ଏବଂ ରହସ୍ୟମୟ। ତେଣୁ ସହରରେ ଏଭଳି ସ୍ଥାନ ଯେଉଁଠି ଗୁପ୍ତ କାମ ସବୁ କରାଯାଏ। ଯଥା- ଗୁଇନ୍ଦା ବିଭାଗ, ବୈଷୟିକ ଅନୁଷ୍ଠାନ, କ୍ୟାସିନୋ, ଅପରାଧିକ ଦୁନିଆ (ଅଣ୍ଡରୱାର୍ଲଡ), ପରିମଳ ବିଭାଗ। ଧନୁ ହେଉଛି ଅଧୈର୍ଯ୍ୟ, ଅସ୍ଥିର ଓ ସ୍ୱାଧୀନଧର୍ମୀ। ତେଣୁ, ଧନୁ ଏକ ସ୍ୱାଧୀନ ଭାବରେ ପରିଚାଳିତ ସ୍ଥାନ ଯଥା- ମନ୍ଦିର, ଆଶ୍ରମ, ଖବର ପ୍ରସାରଣ ସଂସ୍ଥାନ, ଅନୁସନ୍ଧାନ ବିଭାଗ। ମକର ଏକ ସୈଦ୍ଧାନ୍ତିକ ଓ ମହତ୍ତ୍ୱାକାଂକ୍ଷୀ ସ୍ଥାନ। ତେଣୁ ଏହା ଏପରି ଏକ ସ୍ଥାନ ଯେଉଁଠି ସିଦ୍ଧାନ୍ତ ନିଆଯାଏ। ଯଥା- ଗ୍ରାମ ପଞ୍ଚାୟତ, ପାର୍ଟି ହାଇକମାଣ୍ଡ ଅଫିସ୍, ସିଏମଓ, ପିଏମଓ। କୁମ୍ଭ ଏଭଳି ଏକ ସ୍ଥାନ ଯେଉଁଠି ଲୋକମାନେ ଏକତ୍ରିତ ହୁଅନ୍ତି ଏବଂ ପରସ୍ପର ସହଯୋଗ କରନ୍ତି କିଛି ନୂତନତ୍ୱ ପାଇଁ। ଯଥା- କ୍ଲବ୍, ରେଜିଷ୍ଟ୍ରିଭୁକ୍ତ ସାମାଜିକ ଅନୁଷ୍ଠାନ, ରିସର୍ଚ୍ଚ ଅନୁଷ୍ଠାନ। ଏଭଳି ଜାଗାରେ ଆମେ ଆମର ଭବିଷ୍ୟତ କର୍ମପନ୍ଥା ସ୍ଥିର କରୁ। ମୀନ ଏଭଳି ଏକ ସ୍ଥାନ ଯେଉଁଠି ଆମର ପାରମ୍ପାରିକ କଳା, ସାହିତ୍ୟ ଓ ମାନ୍ୟତାକୁ ଗୁରୁତ୍ୱ ମିଳିବା ସହ ସେ ଦିଗରେ ପ୍ରୟାସ ଜାରି ରୁହେ। ଯଥା- ପାରମ୍ପାରିକ ନୃତ୍ୟ କଳା ସ୍ଥାନ, ଚାରୁକଳା ସ୍ଥାନ, ଦର୍ଶନଶାସ୍ତ୍ରର ସ୍ଥାନ, ପରୋପକାରୀ ସ୍ଥାନ, ମଠ, ସତ୍‌ସଙ୍ଗ ସ୍ଥାନ, ଯୋଗକେନ୍ଦ୍ର ( ଯେଉଁଠି ଯୋଗାସନ ଶିଖାଯାଏ ନାହିଁ) ଇତ୍ୟାଦି। ଏଥିରୁ ଅନୁମେୟ, ଯେତେବେଳେ କର୍କଟ ରାଶିର/ ଲଗ୍ନର ବ୍ୟକ୍ତି କର୍କଟ ରାଶି ସମ୍ବନ୍ଧୀୟ ସ୍ଥାନ ଯଥା- ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶିଶୁ ଓ ମହିଳା ବିକାଶ କେନ୍ଦ୍ର ଆଦି ସ୍ଥାନକୁ ଭ୍ରମଣ କରେ ସେ ସେଠାରେ ନିଜକୁ ଅତି ସହଜ ତଥା ଆନନ୍ଦ ଅନୁଭବ କରେ। ଠିକ୍ ସେହିପରି ରାଶି ବା ଲଗ୍ନରୁ ଦ୍ୱିତୀୟ ଭାବ ଧନ ସ୍ଥାନ ଓ ଏକାଦଶ ଭାବ ଲାଭ ସ୍ଥାନକୁ ସୂଚାଏ। ଫଳତଃ କର୍କଟ ରାଶିର ବ୍ୟକ୍ତି ଯେତେବେଳ ସିଂହ ରାଶିର ଅବା ବୃଷଭ ରାଶିର ଉପର ସୂଚିତ ସ୍ଥାନମାନଙ୍କୁ (ଜିଲ୍ଲାପାଳ କାର୍ଯ୍ୟାଳୟ, ମ୍ୟୁଜିକ୍ ଷ୍ଟୁଡିଓ, ସିନେମା ଷ୍ଟୁଡିଓ, ବ୍ୟାଙ୍କ, ଶୀତଳ ଭଣ୍ଡାର, ୱେୟାର ହାଉସ୍)କୁ ଭ୍ରମଣ କଲେ ଅର୍ଥାଗମର ରାସ୍ତା ଖୋଲିଯାଏ। ଏହା ହେଉଛି ଜ୍ୟୋର୍ତିବାସ୍ତୁର ସହଜ ଏବଂ ସରଳ ପ୍ରତିକାର। ଠିକ୍ ସେହିପରି ମେଷ ରାଶିର ବ୍ୟକ୍ତି ମେଷର ବର୍ଣ୍ଣିତ ସ୍ଥାନ ଭ୍ରମଣ କଲେ ସେ ସୁଖଦ ଅନୁଭୂତି ପାଏ । ଏବଂ ମେଷ ରାଶିର ଦ୍ୱିତୀୟ ଗୃହ ବୃଷ ଓ ଏକାଦଶ ସ୍ଥାନ ମୀନ ରାଶିର ବର୍ଣ୍ଣିତ ସ୍ଥାନକୁ ଭ୍ରମଣ କଲେ ଧନପ୍ରାପ୍ତି ଓ ଲାଭର ସୂଚନା ମିଳେ। ଏହିପରି ଭାବେ ସବୁ ରାଶିର ବ୍ୟକ୍ତି ନିଜ ରାଶିର ସ୍ଥାନକୁ ବୁଝି ସେଠାକୁ ଭ୍ରମଣ କଲେ ସୁଖଦ ଅନୁଭୂତି ହେବା ସହ ସେହି ରାଶିର ଦ୍ୱିତୀୟ ଓ ଏକାଦଶ ଭାବର ସ୍ଥାନକୁ ବାରମ୍ବାର ଭ୍ରମଣ କଲେ ଅର୍ଥାଗମର ରାସ୍ତା ପ୍ରଶସ୍ତ ହେବ। ଏହା ଜ୍ୟୋର୍ତିବାସ୍ତୁ ବିଜ୍ଞାନର ଅନୁଭୂତି ମାତ୍ର। ଶାସ୍ତ୍ର କହେ ''କବିଃ କରୋତି କାବ୍ୟାନି, ରସମ୍ ଆସାଦାୟନ୍ତି ପଣ୍ଡିତଃ'' – ''କବି କବିତା ରଚନା କରେ, ଜ୍ଞାନୀ ତା'ର ମଜା ନିଅନ୍ତି''।

ଫୋନ୍:୯୩୩୮୦୧୭୧୩୪



# ହିମାଳୟର କ୍ରୋଧ

**ଉତ୍ତରାଖଣ୍ଡ, ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶରୁ 'ଆମ ଓଡ଼ିଶା' ରିପୋର୍ଟ**

ହିମାଳୟ ଅଞ୍ଚଳର ରାଜ୍ୟଗୁଡ଼ିକର ବିକାଶମୂଳକ କାର୍ଯ୍ୟକଳାପ ଏବଂ ବିଚାରଧାରାକୁ ବିଜ୍ଞାନ କ୍ୱଚିତ ପ୍ରଭାବିତ କରିଛି। ଏଠାରେ ନିର୍ମାଣ ହେଉଥିବା ଅଧିକାଂଶ ରାସ୍ତା ନିର୍ମାଣ ପ୍ରକଳ୍ପର ଅନୁମୋଦନ ପାଇଁ ସାଧାରଣତଃ ଭୂତାତ୍ତ୍ୱିକ କିମ୍ବା ପାରିବେଶିକ ପ୍ରଭାବ ଆକଳନ ବା ଅଧ୍ୟୟନ କରାଯାଏ ନାହିଁ। ଚାରିଧାମ ରାସ୍ତା ନିର୍ମାଣ ପରି ପ୍ରକଳ୍ପଗୁଡ଼ିକ ସକାଶେ ପାରିବେଶିକ ପ୍ରଭାବ ଆକଳନ ବାଧ୍ୟତାମୂଳକ। ମାତ୍ର ଏହାକୁ ଏଡ଼ାଇବା ପାଇଁ କେନ୍ଦ୍ର ସରକାର ଏହି ପ୍ରକଳ୍ପକୁ ଚଞ୍ଚକତା କରି ଛୋଟ ଛୋଟ ଖଣ୍ଡରେ ଭାଗ କରି ଦେଇଥିଲେ। ଏପରି କରାଯିବାର ପରିଣାମ ହେଲା ଏହି ରାଜପଥର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ବାରମ୍ବାର ଭୂସ୍ଖଳନ, ଆକସ୍ମିକ ବନ୍ୟା ଏବଂ ଜଙ୍ଗଲ କ୍ଷୟ । ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ଧରାଲିରେ ଚଳିତ ମାସ ଏକ ହିମହ୍ରଦର ବନ୍ଧ ଭୁଶୁଡ଼ିବା ଫଳରେ ଏହି ସମଗ୍ର ଅଞ୍ଚଳ ଆକସ୍ମିକ ବନ୍ୟାର ସମ୍ମୁଖୀନ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ଧରାଲି ମଧ୍ୟ ଚାରିଧାମ ରାଜପଥରେ ଅବସ୍ଥିତ।

ରାଜ୍ୟ ସରକାରମାନେ ସଂପ୍ରସାରିତ ରାଜପଥ ନିକଟରେ ଯୋଜନାବିହୀନ ନିର୍ମାଣକୁ ରୋକିବାରେ ବିଫଳ ହୋଇଛନ୍ତି। କ୍ରମାଗତ ଭାବରେ ଅଧିକରୁ ଅଧିକ ସଂଖ୍ୟକ ପର୍ଯ୍ୟଟକମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ହିମାଳୟ ଅଞ୍ଚଳରେ ହୋଟେଲ, ରିସର୍ଟ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଘରୋଇ ବ୍ୟବସ୍ଥାମାନ ଛତୁ ଫୁଟିଲା ପରି ଗଢ଼ିଉଠିଛି। ପୌରାଞ୍ଚଳ ବାହାରେ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ହିମାଳୟର ଭଙ୍ଗୁର ଅଞ୍ଚଳରେ ନିର୍ମାଣଜନିତ କାର୍ଯ୍ୟ କରାଯିବା ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ନାହିଁ।

ରାସ୍ତାର ପ୍ରଶସ୍ତିକରଣ ଏବଂ କୋଠାବାଡ଼ି ନିର୍ମାଣ ପାଇଁ ମାଟି ଖୋଳିବା ଓ ବୋହିବା ସକାଶେ ବଡ଼ ବଡ଼ ଯାନମାନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ହିମାଳୟ ଅଞ୍ଚଳରେ ବନ୍ୟା ପ୍ଲାବନ କ୍ଷେତ୍ରରେ ପରିଚାଳନା ପ୍ରାୟତଃ ନାହିଁ କହିଲେ ଚଳେ। ଜାମ୍ମୁ ଓ କାଶ୍ମୀରରେ ବାଦଲ ଫାଟିଥିବା ଉଭୟ ଧରାଲି ଓ ଚିଶୋତି ଅଞ୍ଚଳର ବନ୍ୟା ପ୍ଲାବନ କ୍ଷେତ୍ରରେ ହିଁ କୋଠାମାନ ନିର୍ମାଣ କରାଯାଇଛି। ପ୍ରବଳ ବର୍ଷା ଯୋଗୁଁ ଫୁଲି ଉଠିଥିବା ନଦୀଗୁଡ଼ିକ ବନ୍ୟା ପ୍ଲାବନ କ୍ଷେତ୍ରରେ ଆକସ୍ମିକ ବନ୍ୟା ସୃଷ୍ଟି କରିଥିଲେ। ଯୋଜନାବିହୀନ ନଦୀବନ୍ଧ ଓ ଜଳବିଦ୍ୟୁତ ପ୍ରକଳ୍ପମାନ ଅନୈତିକ ଭାବେ ନିର୍ମାଣ କରାଯିବା ଫଳରେ ହିମାଳୟର ନଦୀଗୁଡ଼ିକ ପୋତି ହୋଇଯିବା ପ୍ରକ୍ରିୟା ମଧ୍ୟ ତ୍ୱରାନ୍ୱିତ ହେଉଛି।

ବନ୍ୟା ପ୍ଲାବନ କ୍ଷେତ୍ରର ଭୂମିକୁ ସମତଳ କରି ଚିଶୋତି ଠାରେ ଏକ ତୀର୍ଥଯାତ୍ରୀ ଶିବିର ନିର୍ମାଣ କରାଯାଇଥିଲା। ୨୦୨୨ ମସିହାରେ ଅମରନାଥ ଯାତ୍ରା ସକାଶେ ନଦୀର ଶୁଖିଲା ଅଂଶରେ ନିର୍ମିତ ଏକ ତୀର୍ଥଯାତ୍ରୀ ଶିବିର ବାଦଲଫଟା ବର୍ଷା ଯୋଗୁଁ ଧୋଇ ଯାଇଥିଲା ଏବଂ ଶହ ଶହ ଲୋକ ମୃତ୍ୟୁବରଣ କରିଥିଲେ। ଅତୀତର ଏହି ଘଟଣାରୁ କୌଣସି ଶିକ୍ଷା ମିଳିଲା ନାହିଁ, ୨୦୨୫ରେ ଏହାର ପୁନରାବୃତ୍ତି ଘଟିଲା। ସମଗ୍ର ହିମାଳୟ ପାର୍ବତ୍ୟାଞ୍ଚଳର ବନ୍ୟା ପ୍ଲାବନ କ୍ଷେତ୍ରରେ ଏପରି ବିପର୍ଯ୍ୟୟମାନ ଘଟିବାର ବହୁ ଉଦାହରଣମାନ ରହିଛି।

ଏହି ଅଞ୍ଚଳରେ କୌଣସି ବିକାଶମୂଳକ କାର୍ଯ୍ୟକଳାପ ପାଇଁ ନିଷିଦ୍ଧାଞ୍ଚଳ କିମ୍ବା ଦୁର୍ବଳ ଅଞ୍ଚଳମାନ ଚିହ୍ନଟ କରିବା ସକାଶେ କୌଣସି ଅଧ୍ୟୟନ କରାଯାଉ ନାହିଁ। ଏପରି ଅଞ୍ଚଳଗୁଡ଼ିକର ଚିହ୍ନଟ କରାଯିବାର ପ୍ରୟାସ ସ୍ଥାନୀୟ ଜନସାଧାରଣଙ୍କ ବିରୋଧର ସମ୍ମୁଖୀନ ହୋଇପାରେ, କାରଣ ବହୁ ସ୍ଥାନୀୟ ଲୋକ ବିଶ୍ୱାସ କରନ୍ତି ଯେ ଏପରି ନିଷିଦ୍ଧ ଅଞ୍ଚଳଗୁଡ଼ିକର ଚିହ୍ନଟ ବା ସୀମା ନିର୍ଦ୍ଧାରଣ ସେମାନଙ୍କର ଆର୍ଥିକ କାରବାରକୁ ବାଧାପ୍ରାପ୍ତ କରିପାରେ। ବିପଦପ୍ରବଣ ଅଞ୍ଚଳର ଚିହ୍ନଟକୁ ସମର୍ଥନ କରୁଥିବା ଲୋକଙ୍କର ସଂଖ୍ୟା ଖୁବ୍ କମ୍, କାରଣ ରାଜନୈତିକ ଦଳମାନେ ସେମାନଙ୍କର ନ୍ୟସ୍ତ ସ୍ୱାର୍ଥ ସକାଶେ ସ୍ଥାନୀୟ ଜନସାଧାରଣଙ୍କ ମନରେ ସେମାନଙ୍କର ଆର୍ଥିକ କ୍ଷୟକ୍ଷତି ସଂପର୍କିତ ଚିନ୍ତାକୁ ତୀବ୍ରତର କରିଦେଇ ଥାଆନ୍ତି ବୋଲି ସ୍ଥାନୀୟ ବାସିନ୍ଦା ପୁଷ୍ପେନ୍ଦ୍ର ସିଂ କୁହନ୍ତି।

୨୦୧୮-୧୯ ମସିହାରେ କେନ୍ଦ୍ରୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ହିମାଳୟ ଅଞ୍ଚଳ ପାଇଁ ଏକ ବିପଦପ୍ରବଣତା ମାତ୍ରାର ଏକ ଅଧ୍ୟୟନ କରାଯାଇଥିଲା। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହି ଅଞ୍ଚଳର ଅଧିକାଂଶ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ଦୃଷ୍ଟିରୁ ଅଧିକ ବିପଦପ୍ରବଣ। ଏହି ବିପଦପ୍ରବଣତା କେବଳ ଜଳବାୟୁ ପରିବର୍ତ୍ତନ ଯୋଗୁଁ ନୁହେଁ, ଜନସଂଖ୍ୟା ବୃଦ୍ଧି ମଧ୍ୟ ଏହାର ଏକ ବଡ଼ କାରଣ।

୨୦୧୩ରୁ ୨୦୨୨ ପର୍ଯ୍ୟନ୍ତ ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ମୁତାବକ ଦେଶରେ ସମସ୍ତ ବିପର୍ଯ୍ୟୟ ମଧ୍ୟରୁ ୪୪% ବିପର୍ଯ୍ୟୟ କେବଳ ହିମାଳୟ ଅଞ୍ଚଳରେ ହିଁ ଘଟିଥିଲା। ଏହି ସମୟ ମଧ୍ୟରେ ଏହି ଅଞ୍ଚଳ ୧୯୨ଟି ବନ୍ୟା, ଭୂସ୍ଖଳନ ଓ ବଜ୍ରପାତର ସମ୍ମୁଖୀନ ହୋଇଛି।

**ଏକଦା ଭାରତର ଚାଷୀ, ଚାଷ ତଥା ଜଙ୍ଗଲ ପାଇଁ ନବୀକରଣର ସମୟ ମୌସୁମୀ ଋତୁ ଏବେ ହିମାଳୟର ପାର୍ବତ୍ୟାଞ୍ଚଳରେ ମୃତ୍ୟୁ ଓ ଆତଙ୍କର ସମୟ ପାଲଟିଛି। ହିମାଳୟର ପାର୍ବତ୍ୟାଞ୍ଚଳରେ, ବିଶେଷ କରି ଏହାର ଉତ୍ତର-ପଶ୍ଚିମ ଅଞ୍ଚଳରେ ବାଦଲଫଟା ବର୍ଷାର ତୀବ୍ରତା ବିଗତ ଦଶନ୍ଧି ଗୁଡ଼ିକରେ କ୍ରମାଗତ ବୃଦ୍ଧି ପାଇଚାଲିଛି। ଏହା ଫଳରେ ବ୍ୟାପକ କ୍ଷୟକ୍ଷତି ହେବା ସାଙ୍ଗକୁ ଧନଜୀବନ ହାନି ଘଟୁଛି। ହିମାଳୟର ସର୍ବାଧିକ ବିପଦପ୍ରବଣ ଅଞ୍ଚଳ ଗୁଡ଼ିକରେ ଅନିୟନ୍ତ୍ରିତ ଓ ବିଜ୍ଞାନ ବିବର୍ଜିତ ଉନ୍ନୟନ କାର୍ଯ୍ୟଗୁଡ଼ିକ ହିଁ ଏହି ବିପର୍ଯ୍ୟୟର ମୁଖ୍ୟ କାରଣ। ଏହି ଅଞ୍ଚଳକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୌଣସି ସାମଗ୍ରିକ ଏବଂ ଦୀଘସୂତ୍ରୀ ବିକାଶମୂଳକ ଆଭିମୁଖ୍ୟ ନାହିଁ। ରାଜ୍ୟ ସରକାରମାନେ ଏକ ଖଣ୍ଡିତ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସ୍ଥାନୀୟ ରାଜନୈତିକ ଚାପ ଏବଂ ଅବ୍ୟବସ୍ଥିତ ପ୍ରଶାସନିକ ନିଷ୍ପତ୍ତି ଆଧାରରେ ଏହି ଅଞ୍ଚଳରେ ହସ୍ତକ୍ଷେପ କରି ତଥାକଥିତ ବିକାଶ କରା ଯାଉଛି। କିନ୍ତୁ ଏହାଦ୍ୱାରା 'ବିକାଶ' ବଦଳରେ 'ବିନାଶ' ହିଁ ଘଟୁଛି।**

ଏହି ରିପୋର୍ଟ ସତର୍କ କରିଦେଇଛି ଯେ ୨୦୨୨ ଓ ୨୦୨୩ରେ ବାଦଲ ଫାଟିବା ଏପରି ଅଞ୍ଚଳଗୁଡ଼ିକ ବିପର୍ଯ୍ୟୟର ପୂର୍ବ ସୂଚନା ଥିଲା।

ଭାରତର ଅନ୍ୟ ଅଂଶ ତୁଳନାରେ ହିମାଳୟ ଅଞ୍ଚଳର ତାପମାତ୍ରା ଅଧିକ ମାତ୍ରାରେ ବଢ଼ୁଛି। ଆନ୍ତଃସରକାରୀ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ଗୋଷ୍ଠୀ (ଆଇ.ପି.ସି.ସି.) ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ଜାତୀୟ ସ୍ତରରେ ତାପମାତ୍ରା ବୃଦ୍ଧି ହାରାହାରି ୧.୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିଥିବାବେଳେ ହିମାଳୟ ଅଞ୍ଚଳରେ ଏହା ୨.୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ଅଟେ। ହିମାଳୟ ଅଞ୍ଚଳ ଏହାର ୪୦%ରୁ ଅଧିକ ବରଫ ହରାଇ ସାରିଲାଣି। ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଏହି ଅଞ୍ଚଳ ପ୍ରାୟ ୭୫% ପର୍ଯ୍ୟନ୍ତ ବରଫ ହରାଇବାର ଆଶଙ୍କା ରହିଛି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।

ହିମାଳୟ ଅଞ୍ଚଳରେ କରାଯାଉଥିବା କୃଷିର ପ୍ରାୟ ୯୦% ହେଉଛି- ବର୍ଷାପୁଷ୍ଟ। ବରଫ ତରଳିବା ଫଳରେ ଏପରି ଅଞ୍ଚଳରେ ଚାଷବାସ ଉଜୁଡ଼ିବା ସହିତ ଜୀବିକା ନିର୍ବାହ କରିବା ମଧ୍ୟ କଷ୍ଟକର ହୋଇପଡ଼ିବ। ହିମାଳୟର ବରଫ ତରଳା ପାଣି ଉପରେ ନିର୍ଭର କରି କୃଷି କରୁଥିବା ଲୋକମାନଙ୍କର ଜୀବନ ବିପଦରେ ପଡ଼ିବ ବୋଲି ଆଇ.ପି.ସି.ସି.ର ରିପୋର୍ଟରେ ଦର୍ଶାଯାଇଛି।

୨୦୨୫ରେ ଜୁଲାଇ ୩୧ ତାରିଖ ସୁଦ୍ଧା ଭୂସ୍ଖଳନ ଓ ବନ୍ୟା ଯୋଗୁଁ ୧,୨୯୭ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୪ ମସିହାରେ ମୃତ୍ୟୁସଂଖ୍ୟା ୧,୨୮୭ ଓ ୨୦୨୩ରେ ୮୬୨ ଥିଲା। ଚଳିତ ୨୦୨୫ ଅଗଷ୍ଟ ମାସରେ ଉତ୍ତରାଖଣ୍ଡ ଓ ଜାମ୍ମୁ-କାଶ୍ମୀରରେ ଆକସ୍ମିକ ବନ୍ୟାରେ ୧୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ଆଗାମୀ ବର୍ଷମାନଙ୍କରେ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ସ୍ଥାନୀୟ ପରିବେଶବିତ୍ ପ୍ରୀତି ଶର୍ମା କୁହନ୍ତି।।

ଅଧ୍ୟୟନରୁ ଏକଥା ଜଣା ପଡ଼ିଛି ଯେ ହିମାଳୟ ଅଞ୍ଚଳରେ ଚରମ ବୃଷ୍ଟିପାତ ଘଟଣାମାନ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ତଥ୍ୟ ଏବଂ ବୈଜ୍ଞାନିକ ଅଧ୍ୟୟନ ଦର୍ଶାଉଛି ଯେ ଏକ ସମନ୍ୱିତ ବିଜ୍ଞାନ-ଆଧାରିତ ହିମାଳୟ ପ୍ରଣୟନ ଜରୁରି ହୋଇପଡ଼ିଛି। ଏକ କେନ୍ଦ୍ରୀୟ ମନ୍ତ୍ରଣାଳୟ ଅଥବା ବିଭାଗ ହିଁ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ହିମାଳୟ ପାଇଁ ଏକ ସାମଗ୍ରିକ ପାରିବେଶିକ ବିଜ୍ଞାନ ଆଧାରିତ ନିରନ୍ତର ବିକାଶ ପ୍ରଦାନ କରିପାରିବ। ଏହି ମନ୍ତ୍ରଣାଳୟ ବା ବିଭାଗର ଏପରି କ୍ଷମତା ରହିବା ଉଚିତ ଯେ ଏହା ରାଜ୍ୟଗୁଡ଼ିକୁ ବନ୍ୟା ପ୍ଲାବନ କ୍ଷେତ୍ରରୁ ଜନବସତି ହଟାଇବା ସକାଶେ ନିର୍ଦ୍ଦେଶ ଦେଇପାରିବ। ଏହା ସହିତ ପରିବେଶ ଉପଯୋଗୀ ଓ ବିଜ୍ଞାନସମ୍ମତ ଘର ଓ ରାସ୍ତା ନିର୍ମାଣ ନିୟମାବଳୀକୁ ଲାଗୁ କରିବା ସହିତ ରାଜ୍ୟଗୁଡ଼ିକୁ ନିରନ୍ତର ଭାବେ ହିମାଳୟର ଜଳବାୟୁ ପରିବର୍ତ୍ତନ ସହ ଖାପ ଖୁଆଇ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ ପରିଚାଳନା କରାଗଲେ ଏହା ସ୍ଥାନୀୟ ଅଞ୍ଚଳକୁ ସାହାଯ୍ୟ କରିପାରିବ ବୋଲି ପ୍ରୀତି ଶର୍ମା କୁହନ୍ତି।

ହିମାଳୟ ପର୍ବତମାଳାର ସୌନ୍ଦର୍ଯ୍ୟ ଆଜିକାଲି ମଣିଷ ଜୀବନ ପାଇଁ କ୍ରମାଗତ ଭାବେ ଅଧିକ ବିପଦସଙ୍କୁଳ ହୋଇପଡୁଛି। ଅନେକ ସମୟରେ କୌଣସି ପୂର୍ବ ସୂଚନା

ବିନା ବିପର୍ଯ୍ୟୟ ମାଡ଼ି ଆସୁଛି। ଅଗଷ୍ଟ ୧୪ ତାରିଖରେ ମଚେଲ ଚଣ୍ଡୀମାତାଙ୍କ ମନ୍ଦିରକୁ ଯାଉଥିବା ତୀର୍ଥଯାତ୍ରୀଙ୍କ କ୍ଷେତ୍ରରେ ତାହା ହିଁ ଘଟିଥିଲା। ସେମାନଙ୍କ ପାଇଁ ଦିନଟି ଅନ୍ୟ ସବୁଦିନ ପରି ସାଧାରଣ ଥିଲା। କିନ୍ତୁ ହଠାତ୍ ପ୍ରବଳ ବେଗରେ ମାଡ଼ି ଆସିଲା କୁଢ଼ କୁଢ଼ ଆବର୍ଜନା ମିଶ୍ରିତ ଜଳର କରାଳ ସ୍ରୋତ। ମାତ୍ର କିଛି ମିନିଟ୍ ମଧ୍ୟରେ ୬୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କର ଜୀବନ ଚାଲିଗଲା। ୧୩୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଗଲେ।

ଏହି ଅଞ୍ଚଳ ପାଇଁ ବାଦଲଫଟା ବର୍ଷା କିଛି ନୂଆ କଥା ନୁହେଁ। କିନ୍ତୁ ବାରମ୍ବାର ଏହାର ତୀବ୍ରତା କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଥିଲା ବେଳେ ଦୁଇଟି ବିପର୍ଯ୍ୟୟ ମଧ୍ୟରେ ବ୍ୟବଧାନ କମି ଚାଲିଛି। ଫଳରେ ଏଗୁଡ଼ିକର ବିଧ୍ୱଂସୀ କ୍ଷମତା ମଧ୍ୟ ଦ୍ରୁତ ବୃଦ୍ଧି ପାଉଛି। ହିମାଳୟର ବିପର୍ଯ୍ୟୟ ଅନ୍ୟାନ୍ୟ ବିପର୍ଯ୍ୟୟ ତୁଳନାରେ ଭିନ୍ନ ଅଟେ। ଏହାର କାରଣ ହେଲା ଏକ ସଂକୀର୍ଣ୍ଣ ପାହାଡ଼ିଆ ସୁଡ଼ଙ୍ଗ ପଥରେ ତୀର୍ଥଯାତ୍ରୀଙ୍କର ପ୍ରବଳ ଭିଡ଼ ହୁଏ। ପ୍ରତ୍ୟେକ ଋତୁରେ ହଜାର ହଜାର ଲୋକ ଏହି ରାସ୍ତାଦେଇ ମାତାଙ୍କ ମନ୍ଦିରକୁ ଯାଇଥାନ୍ତି। ଅନେକେ ତୀଖ ପାହାଡ଼ ଚଢ଼ି ମନ୍ଦିରକୁ ଯାତ୍ରା କରିବା ପୂର୍ବରୁ ଚିଶୋତିରେ ଅଟକି ଯାଇଥାଆନ୍ତି। ହିମାଳୟର ଏହି ସ୍ଥାନର ଭୌଗୋଳିକ ସ୍ଥିତି ତୀର୍ଥଯାତ୍ରୀମାନଙ୍କର ଆସ୍ଥା ଓ ବିଶ୍ୱାସ ସହିତ ଷଡ଼ଯନ୍ତ୍ର ରଚେ। ସଂକୀର୍ଣ୍ଣ ଉପତ୍ୟକା, ଭଙ୍ଗୁର ଡାଲୁ ଏବଂ ଅତ୍ୟନ୍ତ ମୌଳିକ ସ୍ତରର ଭିତ୍ତିଭୂମି ସମ୍ବଳିତ ଏହି ଅଞ୍ଚଳ ବହୁ ଭକ୍ତମାନଙ୍କର ସମାବେଶକୁ ସ୍ୱାଗତ କରେ ଯେଉଁମାନଙ୍କର ଧ୍ୟାନ ପାରିପାର୍ଶ୍ୱିକ ପରିସ୍ଥିତିର ଆକଳନ ଆଧ୍ୟାତ୍ମିକତା ଉପରେ ଥାଏ। ହଠାତ୍ ଯେତେବେଳେ ପ୍ରକୃତିର କ୍ରୋଧର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ବର୍ତ୍ତିଯିବା ପାଇଁ ସମୟ ବା ସ୍ଥାନ ନ ଥାଏ। ବହୁ ବର୍ଷ ହେଲା ଆମେମାନେ ଜାଣିଛୁ ଯେ ଜଳବାୟୁ ପରିବର୍ତ୍ତନ ଏବଂ ମୌସୁମୀ ଅନିୟନ୍ତ୍ରିତ ହେବା ଫଳରେ ବାଦଲ ଫାଟିବା ଏବଂ ଆକସ୍ମିକ ବନ୍ୟା ହେବା ଘଟଣାଗୁଡ଼ିକ ବାରମ୍ବାର ଘଟି ଚାଲୁଛି। ଏହା ସତ୍ତ୍ୱେ ଏହାର ମୁକାବିଲା ପାଇଁ ଆମମାନଙ୍କ ପ୍ରସ୍ତୁତି ବ୍ୟାପକ ହୋଇପାରି ନାହିଁ ବୋଲି ପରିସଂସ୍ଥାନ ବିଶେଷଜ୍ଞ ଡ. ବିନୋଦ ଶର୍ମା କୁହନ୍ତି।

ଦୁର୍ଗମ ଅଞ୍ଚଳରେ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା ପ୍ରାୟତଃ ନ ଥାଏ। ବିପର୍ଯ୍ୟୟର ମୁକାବିଲା ପାଇଁ ଉପଯୁକ୍ତ ଆଶ୍ରୟ ସ୍ଥଳର ଅଭାବ ସାଙ୍ଗକୁ ସୁରକ୍ଷାଜନିତ ଉପଯୁକ୍ତ ବ୍ୟବସ୍ଥାର ଅଭାବ ବିପର୍ଯ୍ୟୟ ପରିସ୍ଥିତିକୁ ଅଣାୟତ୍ତ କରିଦେଉଛି। ବିଶେଷ କରି, ତୀର୍ଥଯାତ୍ରା ମାର୍ଗଗୁଡ଼ିକର ନିର୍ମାଣ ଯୋଜନା ପ୍ରାୟତଃ ବିପର୍ଯ୍ୟୟ ପ୍ରଶମନକୁ ବିଚାରକୁ ନେଇ କରାଯାଉ ନାହିଁ। ଯଦିଓ ସେଠାରେ ବିପୁଳ ସଂଖ୍ୟକ ଅସ୍ଥାୟୀ ଲୋକମାନଙ୍କର ସମାଗମ ହୋଇଥାଏ ଏବଂ ଏଗୁଡ଼ିକ ଦେଶର କେତେକ ସର୍ବାଧିକ ବିପଦପୂର୍ଣ୍ଣ ଅଞ୍ଚଳ ମଧ୍ୟରେ ଅନ୍ୟତମ କିନ୍ତୁ ଏହାକୁ ଅସୁରକ୍ଷିତ ଭାବେ ଛାଡ଼ି ଦିଆଯାଉଛି। ଏପରି ଘଟଣାଗୁଡ଼ିକୁ ଦୃଷ୍ଟିରେ ରଖି ଆମେ କିପରି ଯୋଜନା ପ୍ରସ୍ତୁତ କରିଛୁ, ସେ ସଂପର୍କରେ ପୁନର୍ବିଚାର କରାଯିବାର ଆବଶ୍ୟକତା ରହିଛି। ହିମାଳୟର ଯେଉଁସବୁ ରାସ୍ତାରେ ଜନସମାଗମ ଅଧିକ ସେ ସବୁର ପ୍ରାକ୍-ସତର୍କ ସୂଚନା ଦେବାର ବ୍ୟବସ୍ଥା କରାଯିବା ଏକାନ୍ତ ଆବଶ୍ୟକ। ଏହା ସଙ୍ଗେ ସଙ୍ଗେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ଦ୍ରୁତ ଉଦ୍ଧାର, ସ୍ଥାନାନ୍ତରଣ ଓ ପ୍ରଥମ ପଦକ୍ଷେପ ପାଇଁ ତାଲିମ ଦିଆଯିବା ଆବଶ୍ୟକ। ତୀର୍ଥଯାତ୍ରୀ କିମ୍ବା ପର୍ଯ୍ୟଟକଙ୍କ ଅଧିକ ଭିଡ଼ ଥିବା ସମୟରେ ଉଦ୍ଧାରକାରୀ ଦଳଗୁଡ଼ିକୁ ଯଥେଷ୍ଟ ସତର୍କତାର ସହିତ ସମସ୍ତ ପ୍ରସ୍ତୁତି ସହ ନିୟୋଜିତ କରାଯିବା ଆବଶ୍ୟକ।

କିସ୍ତୱାରରେ ମାନବକ୍ଷତି ହୃଦୟ ବିଦାରକ। କିନ୍ତୁ ଶୋକପାଳନ ମଧ୍ୟରେ ଏହି ବିପର୍ଯ୍ୟୟର ଶିକ୍ଷାକୁ ଆମେ ପାଶୋରି ପକାଇବା ଉଚିତ ନୁହେଁ। ପରବର୍ତ୍ତୀ ବାଦଲଫଟା ବର୍ଷା କେବେ ଏବଂ କେଉଁଠି ଘଟିବ ସେକଥା ଆମେ ଚିହ୍ନଟ ଓ ନିୟନ୍ତ୍ରଣ କରିପାରିବା ନାହିଁ। ମାତ୍ର ଏହା ଯେବେ ବି ଘଟିବ ସେଥିପାଇଁ ଆମେମାନେ କେତେଦୂର ପ୍ରସ୍ତୁତ ତାହାର ଆକଳନ କରି ମୁକାବିଲା ପାଇଁ ପ୍ରସ୍ତୁତ ରହିପାରିବା। ଯଦି ପର୍ବତଗୁଡ଼ିକ ଆସ୍ଥା, ବିଶ୍ୱାସ ଓ ଜୀବନଜୀବିକାର ସ୍ଥାନ ବୋଲି ବିଚାର କରିବା, ତେବେ ସେଗୁଡ଼ିକ ନିରାପଦ ସ୍ଥାନ ହେବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ।

ବିଶିଷ୍ଟ ଜଣାଶୁଣା ଜଳ ପରିଚାଳନା ବିଶେଷଜ୍ଞ ଓ ପରିବେଶବିତ୍ ତପନ ପାଢ଼ୀ କୁହନ୍ତି, "ହିମାଳୟ ପାଦଦେଶର ରାଜ୍ୟଗୁଡ଼ିକ ସକାଶେ ଏକ ସ୍ୱତନ୍ତ୍ର ଜଳବାୟୁ ଏବଂ ବିପର୍ଯ୍ୟୟ ପ୍ରଶମନ ପ୍ରତିରୋଧ ନୀତି ପ୍ରଣୟନ କରାଯିବାର ଜରୁରି ଆବଶ୍ୟକତା ରହିଛି। ଏ କ୍ଷେତ୍ରରେ ନିଷ୍କ୍ରିୟତା ପ୍ରଦର୍ଶନ କରାଗଲେ ପାର୍ବତ୍ୟାଞ୍ଚଳରେ ଯେ କେବଳ ଜୀବନହାନି ଘଟିବ ସେ କଥା ନୁହେଁ, ଏହା ସଙ୍ଗେ ସଙ୍ଗେ ସମତଳ ଅଞ୍ଚଳରେ ଜଳ ନିରାପତ୍ତାର ଅଭାବ, ଶକ୍ତି ଯୋଗାଣରେ ବ୍ୟତିକ୍ରମ ଏବଂ ପରିସଂସ୍ଥାନ ଭୁଶୁଡ଼ି ପଡ଼ିବା ପରି ସମସ୍ୟାମାନ ମଧ୍ୟ ଉପୁଜିବ। ଏହି ବିପର୍ଯ୍ୟୟଗୁଡ଼ିକ ପୃଥକ ପୃଥକ ଏକକ ଘଟଣା ନ ଥିଲା। ଚଳିତ ମୌସୁମୀରେ କେବଳ ଗୋଟିଏ ସପ୍ତାହ ମଧ୍ୟରେ ହିମାଚଳ ପ୍ରଦେଶରେ ୧୯ଟି ବାଦଲଫଟା ବର୍ଷା, ୨୩ଟି ଆକସ୍ମିକ ବନ୍ୟା ଏବଂ ୧୬ଟି ବଡ଼ଧରଣର ଭୂସ୍ଖଳନ ରେକର୍ଡ କରାଯାଇଛି ଯାହା ହଜାର ହଜାର ଲୋକଙ୍କୁ ବାସଚ୍ୟୁତ କରିଛି। କିନ୍ନୌର ଓ କୁଲୁ ଠାରୁ ଆରମ୍ଭ କରି ଚାମୋଲି ଓ ରୁଦ୍ରପ୍ରୟାଗ ପର୍ଯ୍ୟନ୍ତ ଧାରା ବେଶ୍ ସ୍ପଷ୍ଟ। ଚରମ ବୃଷ୍ଟିପାତ ଘଟଣାମାନ, ବାଦଲ ଫାଟିବା, ନଦୀ ଉଛୁଳିବା ଏବଂ ହିମବାହ ହ୍ରଦମାନ ଭୁଶୁଡ଼ି ବନ୍ୟା ହେବା- ଏଗୁଡ଼ିକ ଆଉ ବିରଳ ଆଘାତ ହୋଇ ରହିନାହାନ୍ତି, ବରଂ ଏଗୁଡ଼ିକ ଋତୁକାଳୀନ ନିଶ୍ଚିତତା ପାଲଟି ଯାଇଛନ୍ତି।"

ହିମାଳୟ ସର୍ବଦା ଭୂତାତ୍ତ୍ୱିକ ଦୃଷ୍ଟିରୁ ଭଙ୍ଗୁର। ଏହା ଭୂସ୍ଖଳନ, ଭୂମିକମ୍ପ ଏବଂ ବନ୍ୟାପ୍ରବଣ। ଉଷ୍ଣତର ତାପମାତ୍ରା, ମୌସୁମୀର ଧାରାରେ ପରିବର୍ତ୍ତନ ଏବଂ ଦ୍ରୁତ ହିମବାହ ତରଳିବା ମଧ୍ୟ ବିପଦକୁ ବଢ଼ାଇ ଦେଉଛି ବୋଲି ତପନ ପାଢ଼ୀ କୁହନ୍ତି।

## ହିମାଳୟରେ ବିପର୍ଯ୍ୟୟଗୁଡ଼ିକ ଅଧିକ ମାରାତ୍ମକ ହେଉଛି କାହିଁକି ?

ପ୍ରବଳ ବର୍ଷା ଏବଂ ହଠାତ୍ ବାଦଲ ଫାଟିବା ପାର୍ବତ୍ୟାଞ୍ଚଳ ପାଇଁ ସ୍ୱାଭାବିକ ହୋଇଥିଲେ ମଧ୍ୟ ଜନସଂଖ୍ୟା ବୃଦ୍ଧି ସହ ଅବିଚାରିତ ଆଧୁନିକ ଜୀବନଶୈଳୀ ଏହାର ଭୟାବହତାକୁ ବର୍ଦ୍ଧିଗୁଣିତ କରିଛି। ଜଳବାୟୁ ପରିବର୍ତ୍ତନ ହିମବାହ ତରଳିବାକୁ ତ୍ୱରାନ୍ୱିତ କରୁଛି, ଭୂଭାଗକୁ ଅଧିକ ଅସ୍ଥିର କରୁଛି ଏବଂ ହିମବାହ ହ୍ରଦ ବିସ୍ଫୋରଣଜନିତ ବନ୍ୟାର ବିପତ୍ତିକୁ ବୃଦ୍ଧି କରୁଛି। ଏହା ସଙ୍ଗେ ସଙ୍ଗେ ସ୍ୱତଃସ୍ଫୂର୍ତ୍ତ ସହରୀକରଣ ଯୋଗୁଁ ଅସ୍ଥିର, ଭଙ୍ଗୁର ଡାଲୁଗୁଡ଼ିକରେ ଥିବା ପାରମ୍ପରିକ କୋଠାଗୁଡ଼ିକ ସ୍ଥାନରେ ଏବେ କଂକ୍ରିଟ୍ ଘରମାନ ଗଢ଼ିଉଠିଛି। ଅନେକ କ୍ଷେତ୍ରରେ ଏପରି ପକ୍କା ଘରମାନ



ନିର୍ମାଣ କରାଯିବା ପୂର୍ବରୁ ପର୍ଯ୍ୟାପ୍ତ ଭୂତାତ୍ତ୍ୱିକ ଆକଳନ ମଧ୍ୟ କରାଯାଇ ନ ଥାଏ। ଅପର୍ଯ୍ୟାପ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ନଦୀକୂଳରେ ଅତିକ୍ରମଣ ଓ ଜବରଦଖଲ ପ୍ରାକୃତିକ ଜଳ ପ୍ରବାହକୁ ବାଧା ଦେଉଛିଏବଂ ଭିତ୍ତିଭୂମିର ସଂପ୍ରସାରଣ ସମସ୍ୟାକୁ ଆହୁରି ତୀବ୍ରତର କରିଦେଉଛି କାରଣ ଜଳବିଦ୍ୟୁତ ପ୍ରକଳ୍ପ, ରାସ୍ତା ଓ ସୁଡ଼ଙ୍ଗମାନ ବିପଦପ୍ରବଣ ଅଞ୍ଚଳରେ ନିର୍ମାଣ କରାଯାଉଛି। ଏଗୁଡ଼ିକ ପାଇଁ ବିସ୍ଫୋରଣ ଘଟାଇବା, ଜଙ୍ଗଲ କାଟିବା ଇତ୍ୟାଦି ପାହାଡ଼ର ପାର୍ଶ୍ୱଗୁଡ଼ିକୁ ଅଧିକ ଦୁର୍ବଳ କରିବା ସଙ୍ଗେ ସଙ୍ଗେ ସମଗ୍ର ନଦୀ ଅବବାହିକାରେ ବିପଦକୁ ବଢ଼ାଇ ଦେଉଛି। ଦୁର୍ବଳ ଶାସନ ବ୍ୟବସ୍ଥା ସମସ୍ୟାଗୁଡ଼ିକୁ ଆହୁରି ଅଧିକ ଜଟିଳ କରିଦିଏ କାରଣ ନିର୍ମାଣ ସଂହିତା, ବିପଦପ୍ରବଣ ଅଞ୍ଚଳର ଜୋନିଂ ଏବଂ ପରିବେଶ ସକାଶେ ସୁରକ୍ଷା ବ୍ୟବସ୍ଥାଗୁଡ଼ିକୁ ଅପର୍ଯ୍ୟାପ୍ତ ଭାବେ ଲାଗୁ କରାଯାଏ। ସେହିପରି ବିପର୍ଯ୍ୟୟ ପ୍ରଶମନ ପଦକ୍ଷେପଗୁଡ଼ିକୁ ମୁଖ୍ୟ ଧାରାରେ ଅନ୍ତର୍ଭୁକ୍ତ କରିବା ପରିବର୍ତ୍ତେ କେତେକ ବିଭାଗ ମଧ୍ୟରେ ବାଣ୍ଟି ଦିଆଯାଇଛି। ଏଭଳି ଅନେକ କାରଣ ଆଜି ହିମାଳୟକୁ କ୍ରୋଧିତ କରିଛି ବୋଲି ଭାରତର ସୁପ୍ରସିଦ୍ଧ ପରିବେଶ ଅର୍ଥନୀତିଜ୍ଞ ଭରତ ଝୁନଝୁନୱାଲା କୁହନ୍ତି।



## ବୈଜ୍ଞାନିକ ଦୃଷ୍ଟିକୋଣ

ବୈଜ୍ଞାନିକମାନେ ଏବେ ଚିଶୋତିରେ ଘଟିଥିବା ବନ୍ୟାର ପ୍ରକୃତ କାରଣ ଖୋଜିବାର ପ୍ରୟାସ କରୁଛନ୍ତି। କେତେକ ବିଶେଷଜ୍ଞ ଏହାକୁ ବାଦଲ ଫାଟିବା ସହିତ ଯୋଡୁଥିବା ବେଳେ ଅନ୍ୟମାନେ ଏହା ହିମହ୍ରଦର ବନ୍ଧ ଭୁଶୁଡ଼ିବା ଯୋଗୁଁ ହୋଇଥିବା ବନ୍ୟା ବୋଲି ମତ ଦେଉଛନ୍ତି। ଚିଶୋତି ଅଞ୍ଚଳରେ କୌଣସି ପାଣିପାଗ ପର୍ଯ୍ୟବେକ୍ଷଣ କେନ୍ଦ୍ର ନାହିଁ। ତେଣୁ ଏହି ଘଟଣା ସମୟରେ କେତେ ବର୍ଷା ହୋଇଥିଲା ସେ ସଂପର୍କରେ ସଠିକ୍ ତଥ୍ୟ ମିଳି ପାରୁନାହିଁ। ଶ୍ରୀନଗର ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମୁଖ୍ତାର ଅହମ୍ମଦ କହନ୍ତି, "ଉପଗ୍ରହ ଏବଂ ଡପ୍‌ଲର ରାଡାରର ତଥ୍ୟ ମୁତାବକ ଚିଶୋତିରେ ପ୍ରବଳ ବର୍ଷା ହୋଇଥିବାର ସୂଚନା ମିଳିଛି।"

ଶ୍ରୀନଗରସ୍ଥିତ ପାଣିପାଗ କେନ୍ଦ୍ରର ବିଶେଷଜ୍ଞ ମହମ୍ମଦ ହୁସେନ୍ ମୀର୍ କହିଛନ୍ତି, ପାହାଡ଼ିଆ ଅଞ୍ଚଳରେ ବାଦଲ ଫାଟିବା ଏବେ ସାଧାରଣ ଘଟଣା। ତାଙ୍କର ଯୁକ୍ତି ହେଲା ଯେ ଯେଉଁଠାରେ ଦୁଇଟି ପାହାଡ଼ ମିଶିଥାଏ, ସେଠାରେ ଏକ ଊର୍ଦ୍ଧ୍ୱମୁଖୀ ବାୟୁ ସ୍ରୋତ ସୃଷ୍ଟି ହୋଇଥାଏ ଏବଂ ବିଭିନ୍ନ ଦିଗରୁ ଆସୁଥିବା ବାୟୁ ଏହି ସ୍ରୋତରେ ଫସିଯାଏ। ଏହି ବାୟୁ ପ୍ରାୟ ୪ରୁ ୮ କିଲୋମିଟର ପର୍ଯ୍ୟନ୍ତ ଉପରକୁ ଉଠିଥାଏ। ଯଦି ଏହି ଅବସ୍ଥା ଅଧଘଣ୍ଟା ପର୍ଯ୍ୟନ୍ତ ବଳବତ୍ତର ରହେ, ତେବେ ବାୟୁରେ ଆର୍ଦ୍ରତା ଏତେ ବଢ଼ିଯାଏ ଯେ ଏହା ଜଳୀୟକଣାଗୁଡ଼ିକର ଓଜନକୁ ଆଉ ଧରି ରଖିପାରେ ନାହିଁ ଏବଂ ୫୦ ବର୍ଗମିଟରର ଏକ ଛୋଟ ଅଞ୍ଚଳରେ ଜଳୀୟବାଷ୍ପ ଘନୀଭୂତ ହୋଇ ବର୍ଷା ଆକାରରେ ମୂଷଳ ଧାରାରେ ଅଜାଡ଼ି ହୋଇପଡ଼ିଥାଏ। ଏହାକୁ ବାଦଲଫଟା ବର୍ଷା କୁହାଯାଏ। ମୀର୍ ଆହୁରି ମଧ୍ୟ କୁହନ୍ତି, ଏହି କାରଣରୁ ନିକଟସ୍ଥ ମନିଟରିଙ୍ଗ ଷ୍ଟେସନରେ କମ୍ ବୃଷ୍ଟିପାତ ରେକର୍ଡ କରାଯାଇପାରେ ଯେତେବେଳେ କି ଅନତିଦୂରରେ ଘଟଣା ଘଟୁଥିବା ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇଥାଏ।

## ଜଳ-ପାଣିପାଗ ସଂକ୍ରାନ୍ତୀୟ ବିପର୍ଯ୍ୟୟ

ରିପୋର୍ଟ ଲେଖାହେଲା ବେଳକୁ ୨୦୨୫ ଅଗଷ୍ଟ ମାସରେ ଉତ୍ତରଭାରତ ଚାରିଟି ବଡ଼ଧରଣର ଜଳ-ପାଣିପାଗ ସଂପର୍କିତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଚିଶୋତି, ଧରାଲି, ହର୍ଷିଲ ଓ ଥରାଲି ପ୍ରଭୃତି ସ୍ଥାନରେ ଏବେ ବି ପଙ୍କ ତଥା ପଥର ତଳେ ଅନେକ ଜୀବନ ପୋତି ହୋଇ ରହିଛି ଯାହାକୁ ଖୋଜା ଯାଉଛି ତଥା ଆଜି ବି ନିଖୋଜଙ୍କ ପତ୍ତା ମିଳୁନାହିଁ।

ଲୋକସଭାର ମୌସୁମୀ ଅଧିବେଶନରେ ଉପସ୍ଥାପିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରକାଶିତ ରିପୋର୍ଟ ଦର୍ଶାଇଛି, ୨୦୨୫ ଜୁଲାଇ ଶେଷ ସୁଦ୍ଧା ଜଳ-ପାଣିପାଗ ସଂକ୍ରାନ୍ତୀୟ ବିପର୍ଯ୍ୟୟରେ ୧,୬୦୦ରୁ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୩୪୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହା ପଛକୁ ମଧ୍ୟପ୍ରଦେଶର ୨୪୩ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଅବଧି ମଧ୍ୟରେ ହିମାଚଳ ପ୍ରଦେଶରେ ୧୯୫ ଜଣଙ୍କର ମୃତ୍ୟୁ ହୋଇଛି।

ଗତ ଦୁଇ ଦଶନ୍ଧିର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ବିଭାଗର ପରିସଂଖ୍ୟାନ ଅନୁଯାୟୀ, ୨୦୦୧-୦୨ ମସିହାରେ ପ୍ରାକୃତିକ ବିପର୍ଯ୍ୟୟରେ ୮୩୪ ଜଣ ପ୍ରାଣ ହରାଇଥିଲେ। ୨୦୦୪-୦୫ ମସିହାରେ ଏହି ସଂଖ୍ୟା ୧,୯୯୫କୁ ବୃଦ୍ଧି ପାଇଥିଲା ଏବଂ ପରବର୍ଷ ଏହା ୩୫% ବୃଦ୍ଧି ପାଇ ୨,୫୦୦ରୁ ଅଧିକ ହୋଇଯାଇଥିଲା। ୨୦୦୭-୦୮ ସୁଦ୍ଧା ମୃତ୍ୟୁସଂଖ୍ୟା ୩,୭୦୦ ଡେଇଁଥିଲା।


ପରବର୍ତ୍ତୀ ବର୍ଷମାନଙ୍କରେ ମଧ୍ୟ ପ୍ରତ୍ୟେକ ବର୍ଷ ମାନବ ଜୀବନହାନି ସଂଖ୍ୟା ୯୦୦ରୁ ୨୦୦୦ ମଧ୍ୟରେ ରହିଥିଲା। ମାତ୍ର ୨୦୧୩-୧୪ ମସିହାରେ ମାନବ ଜୀବନହାନି ପୂର୍ବ ବର୍ଷ ତୁଳନାରେ ପ୍ରାୟ ୫ ଗୁଣ ବୃଦ୍ଧି ପାଇ ୫,୬୭୭ରେ ପହଞ୍ଚିଥିଲା। ଜୁନ୍, ୨୦୧୩ ମସିହାରେ ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଯୋଗୁଁ ମୁଖ୍ୟତଃ କେଦାରନାଥ ଅଞ୍ଚଳରେ ହୋଇଥିବା ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଏପରି ହୋଇଥିଲା।

ଏହି ସମୟ ମଧ୍ୟରେ ବାସଗୃହର କ୍ଷୟକ୍ଷତି ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ୨୦୦୭-୦୮ ବର୍ଷରେ ପ୍ରାୟ ୩୫.୨ ଲକ୍ଷ ଘର କ୍ଷତିଗ୍ରସ୍ତ ହୋଇଥିଲା, ଯାହାକି ଥିଲା ଦୁଇ ଦଶନ୍ଧି ମଧ୍ୟରେ ସର୍ବାଧିକ। ଅପେକ୍ଷାକୃତ ଭାବେ ଅଳ୍ପସଂଖ୍ୟକ ମାନବ ମୃତ୍ୟୁ ଘଟିଥିବା ବର୍ଷଗୁଡ଼ିକରେ ମଧ୍ୟ ଧନସଂପତ୍ତି କ୍ଷତି ଅଧିକ ରହିଥିଲା: ୨୦୧୦-୧୧ରେ ୧୩.୩ ଲକ୍ଷ ଘର ଏବଂ ୨୦୧୭-୧୮ରେ ୯.୧ ଲକ୍ଷ। ୨୦୨୪-୨୫ ବର୍ଷରେ କ୍ଷତିଗ୍ରସ୍ତ ଘରର ସଂଖ୍ୟା ଥିଲା ୩.୬ ଲକ୍ଷରୁ ଅଧିକ।

ଏହି ବିପର୍ଯ୍ୟୟଗୁଡ଼ିକ ଯୋଗୁଁ ହିମାଳୟ ଅଞ୍ଚଳର ଚାଷକୁ ମଧ୍ୟ ଘୋର ପ୍ରଭାବିତ କରିଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଜଳ-ପାଣିପାଗ ସଂପର୍କିତ ବିପର୍ଯ୍ୟୟ ଯୋଗୁଁ ୧.୫୭ ଲକ୍ଷ ହେକ୍ଟର ଅଞ୍ଚଳରେ ଫସଲ ନଷ୍ଟ ହୋଇଛି। ୨୦୦୭-୦୮ ଆର୍ଥିକ ବର୍ଷରେ ପ୍ରାୟ ୮୫ ଲକ୍ଷ ହେକ୍ଟର ଚାଷଜମି ଜଳ-ପାଣିପାଗ ସଂପର୍କିତ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥିଲା ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ଗତ ଦୁଇ ଦଶନ୍ଧି ମଧ୍ୟରେ ସର୍ବାଧିକ ସ୍ତର ଛୁଇଁ ୧୧୪ ଲକ୍ଷ ହେକ୍ଟରରେ ପହଞ୍ଚିଥିଲା। ୨୦୨୩-୨୪ ବର୍ଷରେ ୧୩.୩ ଲକ୍ଷ ହେକ୍ଟର ଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨୦୨୪-୨୫ ବର୍ଷ ଏହା ୧୪.୨ ଲକ୍ଷ ହେକ୍ଟରରେ ପହଞ୍ଚିଥିଲା।

## ରିଲିଫ ବାବଦକୁ ଖର୍ଚ୍ଚ

ବିଗତ ବର୍ଷମାନଙ୍କରେ ବିପର୍ଯ୍ୟୟ ରିଲିଫ ବାବଦକୁ ଖର୍ଚ୍ଚ ବୃଦ୍ଧି ପାଇ ଚାଲିଛି। ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଅଧୀନରେ ପ୍ରଦାନ କରାଯାଇଥିବା ଅର୍ଥର ପରିମାଣ ୨୦୨୦-୨୧ ବର୍ଷ ୨୩,୧୮୬ କୋଟି ଥିବାବେଳେ ୨୦୨୫-୨୬ରେ ଏହା ବୃଦ୍ଧି ପାଇ ୨୮,୧୮୪ କୋଟି ହୋଇଥିଲା। ଏହା କେବଳ ଜୁଲାଇ ୩୦ ପର୍ଯ୍ୟନ୍ତର ପରିସଂଖ୍ୟାନ। ୨୦୨୦-୨୧ ତୁଳନାରେ ଏହା ୫୦୦୦ କୋଟି ଅଧିକ। ଇତିମଧ୍ୟରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ପ୍ରଦାନ କରାଯାଇଥିବା ସହାୟତା ୨୦୨୦-୨୧ରେ ୮,୨୫୭ କୋଟି ଟଙ୍କା ଥିବାବେଳେ ୨୦୨୩-୨୪ରେ ୮୬୯ କୋଟି ଟଙ୍କା, ୨୦୨୪-୨୫ ବର୍ଷରେ ଏହା ୫,୧୬୧ କୋଟି ଟଙ୍କା ଥିଲା।



# ଏକ ଶତାୟୁ ଲିପିର ସ୍ରଷ୍ଟାଙ୍କ ସଂପର୍କରେ

ପଣ୍ଡିତ ରଘୁନାଥ ମୁର୍ମୁ
୧୯୦୫-୧୯୮୨



ଅଭିରାମ ବିଶ୍ୱାଳ

ଓଡ଼ିଶାର ୬୨ ଗୋଟି ଜନଜାତିଙ୍କ ଭିତରୁ ଅନ୍ୟତମ ହେଲେ ସାନ୍ତାଳ ଓ ସେମାନଙ୍କ ମାତୃଭାଷା ହେଉଛି ସାନ୍ତାଳୀ। ଭିଲ ଓ ଗଣ୍ଡଙ୍କ ପରେ ସାନ୍ତାଳମାନେ ଭାରତର ତୃତୀୟ ବୃହତ୍ତମ ଆଦିବାସୀ ସଂପ୍ରଦାୟ। ୨୦୧୧ ମସିହାର ଜନଗଣନା ମୁତାବକ ସେମାନଙ୍କ ସଂଖ୍ୟା ପ୍ରାୟ ୭୦ ଲକ୍ଷ। ଓଡ଼ିଶା ସାଙ୍ଗକୁ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ତ୍ରିପୁରା ଓ ମିଜୋରାମର କେତେକ ଭାଗରେ ଲୋକେ ସାନ୍ତାଳୀ କହନ୍ତି। କିନ୍ତୁ ଆମ ଦେଶର ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ୍ ହେବା ପାଇଁ ସାନ୍ତାଳୀ ଭାଷାକୁ ଏକବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧି ଯାଏ ଅପେକ୍ଷା କରିବାକୁ ପଡ଼ିଥିଲା।

୨୦୦୩ ମସିହାର କଥା। ସେତେବେଳେ ଭାରତର ଏବେକାର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓଡ଼ିଶାରେ ମନ୍ତ୍ରୀ ଓ ବିଧାୟିକା ଥାଆନ୍ତି। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଭେଟି ଶ୍ରୀମତୀ ମୁର୍ମୁ ସାନ୍ତାଳୀ ଭାଷାକୁ ଉପରବର୍ଣ୍ଣିତ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ବିନମ୍ର ଯୁକ୍ତି ରଖିବା ସାଙ୍ଗକୁ ବାଜପେୟୀଙ୍କୁ ଉପହାର ଦେଇଥିଲେ ପରିମଳ ଚନ୍ଦ୍ର ମିତ୍ରଙ୍କ ରଚିତ ପ୍ରଭାବଶାଳୀ ପୁସ୍ତକ 'ସାନ୍ତାଳୀ: ଦି ବେସ୍ ଅଫ୍ ୱାର୍ଲଡ୍ ଲାଙ୍ଗୁଏଜେସ୍'। ବାଜପେୟୀ-ମୁର୍ମୁଙ୍କ ସେ ସାକ୍ଷାତର ମାସ କେଇଟା ପରେ ସାନ୍ତାଳୀ ଭାଷା ସ୍ଥାନ ପାଇଥିଲା ସମ୍ବିଧାନର ଅଷ୍ଟମ ଅନୁସୂଚୀରେ।

ଅନନ୍ତ କାଳରୁ ରହି ଆସିଥିବା ସାନ୍ତାଳୀ ଭାଷା ଏକ କଥିତ ବା ମୌଖିକ ଭାଷା ଭାବେ ପରିଗଣିତ ହେଉଥିଲା; କାରଣ ସେ ଭାଷା ପାଇଁ ଲିପି ନଥିଲା। ୧୯୨୫ ମସିହାରେ ସାନ୍ତାଳୀ ଭାଷା ସକାଶେ ଲିପି ମିଳି ଯାଇଥିଲା ଯାହାର ନାଁ ଥିଲା 'ଅଲ୍‌ଚିକି'। 'ଅଲ୍' ମାନେ ଲେଖିବା। 'ଚିକି' ଅର୍ଥ ଶିଖିବା। ଏ ଲିପି ଅଲ୍ 'ଚେମେଟ' ନାଁରେ ମଧ୍ୟ ଜଣା। ପଣ୍ଡିତ ରଘୁନାଥ ମୁର୍ମୁ ଥିଲେ 'ଅଲ୍‌ଚିକି'ର ଉଦ୍ଭାବକ, ସ୍ରଷ୍ଟା ଓ ଜନକ। ସେ ଜାଣିଥିଲେ ଗୋଟିଏ ଲୋକ ସମୂହର ସଂସ୍କୃତି, ପରଂପରା ଓ ଅସ୍ମିତା ତିଷ୍ଠି ରହିବା ନିର୍ଭର କରେ ସେ ସମୂହର ଭାଷା ଉପରେ ଏବଂ ଭାଷା ସର୍ବଦା ଲୋଡ଼ିଥାଏ ଲିପିର ଆଧାର ଶିଳା ସମ ସହାୟତା।

'ଗୁରୁ ଗମକେ' ରୂପେ ସମ୍ମାନରେ ସମ୍ବୋଧିତ ରଘୁନାଥ ମୁର୍ମୁଙ୍କ ଜନ୍ମ ଘଟିଥିଲା ୧୯୦୫ ମସିହାର ବୁଦ୍ଧ ପୂର୍ଣ୍ଣିମା ଦିନ ରାଇରଙ୍ଗପୁର ପାଖ ଡାହାରଡିହି (ଏବେକାର ଦାଣ୍ଡବୋସ୍) ଗାଁର ଏକ ଚାଷୀ ପରିବାରରେ। ନନ୍ଦଲାଲ ମୁର୍ମୁ ତାଙ୍କ ବାପା; ମା'ଙ୍କ ନା ସଲମା ମୁର୍ମୁ। ପିଲାଦିନେ ତାଙ୍କ ନାମକରଣ କରାଯାଇଥିଲା ଚୁନୁ। ପରେ ନାଁ ବଦଳେଇ ରଖାଯାଇଥିଲା ରଘୁନାଥ। ସେ ସମ୍ବନ୍ଧରେ ବଢ଼ିଆ ଉପାଖ୍ୟାନଟିଏ ଶୁଣିବାକୁ ପଢ଼ିବାକୁ ମିଳେ। କୁନି ଶିଶୁଟିଏ ଥିବାବେଳେ ସେ ଏମିତି କାନ୍ଦିଲେ ଯେ ତୁନି ପଡ଼ିଲେନି। ପିତାମାତା ତାଙ୍କର ଗଲେ ଜଣେ ଗୁଣିଆ ପାଖକୁ। ସେ ଗୁଣିଆଙ୍କ ନା ଥିଲା ରଘୁନାଥ। ସିଏ କହିଲେ ଚୁନୁ ନାଁଟି ଶୁଭ ନୁହେଁ। ବାପା ମା ନାଁ ବଦଳେଇ ରଖିଦେଲେ ରଘୁନାଥ। ତତ୍‌କ୍ଷଣାତ୍ ପୁଅର କାନ୍ଦ ବନ୍ଦ ହୋଇଯାଇଥିଲା।

ବାଳକ ରଘୁନାଥ ପ୍ରଥମେ ପାଠ ପଢ଼ା ଆରମ୍ଭ କରିଥିଲେ ଗମ୍ଭାରିଆ ବିଦ୍ୟାଳୟରେ। ସେଠୁ ସିଏ ଯାଇ ତୃତୀୟ ଶ୍ରେଣୀରେ ନାଁ ଲେଖେଇଥିଲେ ବହଳଦା ସ୍କୁଲରେ। ମାଇନର ଉତ୍ତୀର୍ଣ୍ଣ ହୁଅନ୍ତେ ରଘୁନାଥ ହାଇସ୍କୁଲ ଶିକ୍ଷା ଲାଭ କରିଥିଲେ ବାରିପଦା ହାଇସ୍କୁଲରୁ ଯାହା ଏବେ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ୍ ଭାବେ ପ୍ରସିଦ୍ଧ। ଗମ୍ଭାରିଆ ଥିଲା ତାଙ୍କ ଗାଁଠାରୁ ୩ କିଲୋମିଟର ଦୂରରେ। ସ୍କୁଲ୍‌ରେ ସେ ଜାଣିଲେ ଓ ଅନୁଭବ କଲେ ଯେ ପଢ଼ାପଢ଼ି ସାନ୍ତାଳୀରେ ହେଉନି। କାରଣ କଣ ତାଙ୍କ ବାପାଙ୍କୁ ପଚାରନ୍ତେ ନନ୍ଦଲାଲ ବାବୁ କହିଥିଲେ - 'ଆମ ଭାଷା ସାନ୍ତାଳୀର ଲିପି ନାହିଁ।' ସେଇ ଲିପି ନଥିବା କଥାଟି ତାଙ୍କୁ ସେବେଠୁଁ ବିଚଳିତ କରି ରଖିଲା। ବହଳଦାର ଦୂରତା ରଘୁନାଥଙ୍କ ଗାଁଠାରୁ ଥିଲା ୭ କିଲୋମିଟର। ନିଇତି ଯିବା ଆସିବା ଜନିତ ଅସୁବିଧା ଉପୁଜିଲା। ତେଣୁ ସ୍କୁଲ ପାଖରେ ଜଣେ ସଂପର୍କୀୟଙ୍କ ଜମିରେ ବଣ ଡୁଙ୍ଗୁରୀରେ କୁଡ଼ିଆଟିଏ କରି ରହିଲେ। ଯେତେବେଳେ ଅନ୍ୟ ପିଲାମାନେ ଖେଳପଡ଼ିଆରେ ସାଙ୍ଗହୋଇ ଖେଳୁଥିଲେ, ସେତେବେଳେ ରଘୁନାଥ ଏକୁଟିଆ ମାଟିରେ ଖେଳୁଥିଲେ ଏବଂ ବିଭିନ୍ନ ଆକୃତି ଆଙ୍କୁଥିଲେ ଓ ଅକ୍ଷର ଲେଖୁଥିଲେ। କୁହାଯାଏ ହୁଏତ ସେହି ସମୟରେ ତାଙ୍କ ମୁଣ୍ଡରେ 'ଅଲ୍‌ଚିକି' ଲିପି କଥା ଢୁକିଥିବ।

ବାରିପଦା ହାଇସ୍କୁଲରେ ଛାତ୍ର ଥିଲାବେଳେ ରଘୁନାଥଙ୍କ ମନର ଆଣ୍ଟେନା ଅଧିକରୁ ଅଧିକ ଧରିବାରେ ଲାଗିଥାଏ ଲିପି ଭାବନା ଓ ଚିନ୍ତା ଚେତନାକୁ। ଛୁଟିହେବା କ୍ଷଣି ସିଏ ପଳେଇ ଆସୁଥିଲେ ନିଜ ଗାଁକୁ ଏବଂ ଗାଁ ନିକଟସ୍ଥ କାପି-ବୁରୁ ଜଙ୍ଗଲକୁ ଏକାକୀ ଚାଲିଯାଉଥିଲେ ସାଙ୍ଗରେ ଖାତା ଓ ଲେଖନୀ ନେଇ। ମତ ପ୍ରକାଶ ପାଏ ସେଇ ଜଙ୍ଗଲରେ ହିଁ ସେ ଉଦ୍ଭାବନ କରିଥିଲେ 'ଅଲ୍‌ଚିକି' ଲିପି। ସେତେବେଳକୁ ତାଙ୍କର ମାଟ୍ରିକ ପଢ଼ା ସରିନଥାଏ। ଗୋଟିଏ ତଥ୍ୟାଧାରାନୁସାରେ ସେ ୧୯୨୮ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟରୁ ମାଟ୍ରିକ ପାସ୍ କଲେ। ଏବଂ ସେଇ ବର୍ଷ ଜାମଜଳା ଗ୍ରାମର ମାୟନା ବାସ୍କେଙ୍କୁ ବିବାହ କଲେ। ଅନ୍ୟ ସୂତ୍ର କୁହେ ଉଭୟ ମାଟ୍ରିକ ଉତ୍ତୀର୍ଣ୍ଣ ହେବା ଓ ବାହାଘରର ବର୍ଷଟି ଥିଲା ୧୯୨୪।

ରଘୁନାଥଙ୍କ ପ୍ରଥମ ଚାକିରି ଥିଲା ବାରିପଦା ପାୱାର ହାଉସ୍‌ରେ ଆପ୍ରେଣ୍ଟିସ୍ ରୂପେ। ସେବେକାର ମୟୂରଭଞ୍ଜ ଦେୱାନ୍ ରଘୁନାଥଙ୍କ କାର୍ପେଟ୍ ବୁଣା କାମରେ ମୁଗ୍‌ଧ ହୋଇ ଶିଳ୍ପ ତାଲିମ ନେବାପାଇଁ ତାଙ୍କୁ ପଠାଇଥିଲେ। ପଶ୍ଚିମବଙ୍ଗର ତିନୋଟି ଭିନ୍ନ ଭିନ୍ନ ଜାଗାକୁ - ଶ୍ରୀରାମପୁର, ଶାନ୍ତିନିକେତନ ଓ ଗୋସାବା। ଟ୍ରେନିଂ ନେଇସାରି ସେ ଆସି ଯୋଗ ଦେଇଥିଲେ ପୂର୍ଣ୍ଣଚନ୍ଦ୍ର ଇଣ୍ଡଷ୍ଟ୍ରିଆଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ। କିନ୍ତୁ ତାର ପ୍ରାୟ ଛ' ମାସ ପରେ ତାଙ୍କର ପିତୃବିୟୋଗ ଘଟିବାରୁ ଓ ଘରର ଦାୟିତ୍ୱ ବୁଝିବାକୁ ପଡ଼ିବାରୁ ରଘୁନାଥଙ୍କୁ ବାରିପଦା ଛାଡ଼ି ରାଇରଙ୍ଗପୁର ପାଖ ବଡ଼ାମତଳିଆ ସ୍କୁଲରେ ଆସି ଯୋଗଦେବାକୁ ହେଲା ପ୍ରଧାନ ଶିକ୍ଷକ ଭାବେ।

ଖାଲି ଲିପି ଉଦ୍ଭାବନ ସରିଲେ କ'ଣ ହେବ ଯଦି ଲିପି ବାଟେ ଭାଷାକୁ ଗତିଶୀଳ, ଚଳଚଞ୍ଚଳ ଓ ସମୂହ ସଂଯୁକ୍ତ କରିବା ପାଇଁ ନଥାଏ ପ୍ରେସ୍, ଅକ୍ଷର ଓ ସମୁଚିତ ସାହିତ୍ୟ। ଅନେକ ଚିନ୍ତା ଓ ଚେଷ୍ଟା ପରେ ବଡ଼ାମତଳିଆ ସ୍କୁଲରେ ଥିଲାବେଳେ ପିତଳ ଢଳାଇ ଅକ୍ଷର କାଷ୍ଟିଂ କରି କାଠରେ ହ୍ୟାଣ୍ଡ୍ ପ୍ରେସ୍‌ଟିଏ ତିଆରି କରିପାରିଲେ ରଘୁନାଥ ଯେଉଁଥିରେ କାଗଜ ପୂରେଇ ହ୍ୟାଣ୍ଡଲ ଘୂରାଇଲେ ଛାପା ହୋଇଯାଏ। କିନ୍ତୁ ସେଭଳି ହ୍ୟାଣ୍ଡ ପ୍ରେସ୍‌ରେ ତ ବହି ଛାପି ହୁଏନି ! ସେଥିପାଇଁ ଲୋଡ଼ା ପ୍ରେସ୍। ପୁଣି ପ୍ରେସ୍ ସକାଶେ ଦରକାର ଅକ୍ଷର ଟାଇପ୍। ସେଥିପାଇଁ ମୟୂରଭଞ୍ଜ ମହାରାଜାଙ୍କ ଅନୁମତି ନେଇ ଲିପିର ବ୍ୟବହାରଗତ ପ୍ରମାଣ ଦର୍ଶାଇ ଓ କଲିକତା ଯାଇ ସେଠୁ ଅକ୍ଷର ତିଆରି କରି ଆଣନ୍ତି କଲିକତାର ଫାଉଣ୍ଡାରୀରୁ ଓଜନିଆ, ହାଲୁକା, ଲମ୍ବା ଓ ଚଉଡ଼ା ଅକ୍ଷର। ସେ ପ୍ରୟାସରେ ତାଙ୍କୁ ସହଯୋଗ ମିଳେ ଜାମସେଦପୁର 'ଖେରୱାଲ ଜାରପା ସମିତି'ରୁ। ସେଇ ସଂସ୍ଥାର ସହାୟତାରେ ୧୯୪୬ ମସିହାରେ ଜାମସେଦପୁରଠାରେ ପ୍ରତିଷ୍ଠିତ ହୁଏ ସାନ୍ତାଳୀ ଲିପିର ପ୍ରଥମ ପ୍ରେସ୍ 'ଚାନ୍ଦାନ ପ୍ରେସ୍'। ଆଉ ସେଉଠୁ ବାହାରେ ସାନ୍ତାଳୀ ଭାଷାର ପ୍ରଥମ ପୁସ୍ତକ 'ଞେଲ୍‌ଜଂ ଲାଗିଦ୍ ଅଲ୍'।

ଘଟଣା କ୍ରମରେ ରଘୁନାଥ ମୁର୍ମୁଙ୍କର ପରିଚୟ ହୁଏ ଆଦିବାସୀ ମହାସଭାର ସଭାପତି, ସମ୍ବିଧାନ ପ୍ରଣୟନ ସଂସ୍ଥାର ସଦସ୍ୟ ଅକ୍ସଫୋର୍ଡ଼ ପଢ଼ୁଆ ଓ ଏକଦା ଭାରତୀୟ ହକି ଦଳର ଅଧିନାୟକ ଜୟପାଲ ସିଂ ମୁଣ୍ଡାଙ୍କ ସହ ଯିଏ କି ରଘୁନାଥ ମୁର୍ମୁଙ୍କୁ ପଣ୍ଡିତ ସମ୍ବୋଧାନ କରିଥିଲେ। ବିଭିନ୍ନ କାରଣରୁ କିଛି ବର୍ଷ ପାଇଁ ଓଡ଼ିଶା ବାହାରେ ବିହାରରେ ରହିବାକୁ ବାଧ୍ୟ ହୋଇଥିବା ପଣ୍ଡିତ ମୁର୍ମୁ ରାଇରଙ୍ଗପୁର ଅଞ୍ଚଳକୁ ଫେରିଆସି ସେଠି ୧୯୫୨ରେ ପ୍ରତିଷ୍ଠା କରିଥିଲେ 'ଅଲପ୍ରେସ୍' ନାମକ ଏକ ଅଲ୍‌ଚିକି ଛାପାଖାନା। 'ଅଲ ସମିତି' ସଂଗଠନ ମଧ୍ୟ ସେ ସ୍ଥାପନ କରିଥିଲେ।

ପଣ୍ଡିତ ରଘୁନାଥ ମୁର୍ମୁଙ୍କର ଜଣେ ଲେଖକ ଓ ଭାଷାବିତ୍ ଭାବେ ଅବଦାନ ଥିଲା କିମ୍ବଦନ୍ତୀ ପୁରୁଷ ଏବଂ ଅଗ୍ରଦୂତ ସମ। 'ଅଲ୍‌ଚିକି' ଲିପି ସହ ଭାଷା ଶିକ୍ଷା ପଇଁ ତାଙ୍କ ଲିଖିତ ପୁସ୍ତକମାନ ମୁଖ୍ୟତଃ ଚାରି ପ୍ରକାରର - ଲିପି ଶିକ୍ଷା ପୁସ୍ତକ, ସାନ୍ତାଳୀ ବ୍ୟାକରଣ, 'ଅଲ୍‌ଚିକି' ଗଣିତ ଏବଂ 'ଅଲ୍‌ଚିକି' ଲିପି ଓ ସାହିତ୍ୟରେ ଶିକ୍ଷକମାନଙ୍କ ପାଇଁ ନିର୍ଦ୍ଦେଶାବଳୀ। ପ୍ରଥମ ପ୍ରକାରର ପୁସ୍ତକ ଭିତରେ ଅନ୍ତର୍ଭୁକ୍ତ - 'ଞେଲ୍‌ଜଂ ଲାଗିଦ୍ ଅଲ୍' (ଦେଖିବା ପାଇଁ ଲେଖା), 'ଅଲଚେମେଦ୍' (ଅକ୍ଷର ଶିକ୍ଷା), 'ପାର୍ସିପୋହା' (ଶିଶୁପାଠ) ଓ 'ପାର୍ସିଆପାଦ୍' (କିଶୋର ପାଠ)। ତାଙ୍କ ରଚିତ ସାନ୍ତାଳୀ ବ୍ୟାକରଣ ପୁସ୍ତକର ନାଁ ଥିଲା 'ରନଲ୍'। ଗଣିତ ବହିଟିର ନାଁ ଥିଲା 'ଏଲଖା ପତବ'। ଲିପି ଓ ଭାଷା ଶିକ୍ଷକଙ୍କ ନିମନ୍ତେ ସିଏ ପ୍ରସ୍ତୁତ କରିଥିଲେ 'ପାର୍ସିଇତୁନ୍' (ଭାଷା ଶିକ୍ଷା)। ତାଙ୍କ ରଚିତ ପ୍ରଥମ କବିତା ସଂକଳନର ଶୀର୍ଷକ ଥିଲା - 'ହର ସେରେଞ୍ଜ' (ପଥପ୍ରାନ୍ତର ଗୀତ)। ପଣ୍ଡିତ ମୁର୍ମୁଙ୍କ ଅନ୍ୟ କେତେକ କାବ୍ୟକୃତି ହେଲା - 'ବାହାସେରେଞ୍ଜ' (ବସନ୍ତଗୀତି), 'ବାଖେଣ' (ଆବାହନ ଗୀତ), 'ହିତାଲ' (ଧର୍ମୋପଦେଶ) 'ଓଲାକଚାର ସେରେଞ୍ଜ' (ସଂସ୍କୃତି ସଂଗୀତ)। ଅନ୍ୟ ପ୍ରସଙ୍ଗ ଭିତରେ 'ବାଖେଣ'ରେ ଅଛି ଭଲ ବର୍ଷା ଓ ଭଲ ଫସଲ ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ମନ୍ତ୍ର। ରଘୁନାଥଙ୍କ ତିନୋଟି ନାଟକ ପୁସ୍ତକର ନାଁ ହେଲା - ବିଦୁ ଚାନ୍ଦାନ, ଖେରଓବାଳବୀର ଓ ଦାଲେଗେଧନା। ପ୍ରଥମଟି ସାନ୍ତାଳୀ ଭାଷାର ପ୍ରଥମ ନାଟକ ପୁସ୍ତକ। ଏସବୁ କୃତି ପ୍ରମାଣ କରେ ତାଙ୍କ ସଜର୍ନାମାନ କେବଳ କାଳ୍ପନିକ ସାରସ୍ୱତ ସର୍ଜନା ନଥିଲା; ସେସବୁ ଭିତରୁ ଅନେକ ଥିଲା 'ଜ୍ଞାନପୀଠ' ଶ୍ରେଣୀର। ନିଜ ଲିପି ଓ ଭାଷା ପାଇଁ ଜନଜାଗୃତି ସୃଷ୍ଟି କରିବା ପାଇଁ ବିଭିନ୍ନ ସମୟରେ ପଦଯାତ୍ରାରେ ଯାଉଥିବା ପଣ୍ଡିତ ମୁର୍ମୁ ସାନ୍ତାଳୀରେ ଯାହା ଉଦ୍‌ବୋଧନ ଦେଉଥିଲେ ତା'ର ସାରମର୍ମ ହେଲ - ଶିକ୍ଷା ଏକ ବରେହି ଦଉଡ଼ି ସଦୃଶ। ଏହା ଆମ୍ଭମାନଙ୍କୁ ଏକାଠି ବାନ୍ଧି ପ୍ରଗତି ପଥରେ ଟାଣିନେବ।

୧୯୮୨ ମସିହା ଫେବୃଆରୀ ୧ ତାରିଖ ଦିନ ପଣ୍ଡିତ ମୁର୍ମୁଙ୍କର ତିରୋଧାନ ଘଟିଥିଲା। 'ଅଲ୍‌ଚିକି'ର ଜନ୍ମ ଶତବାର୍ଷିକୀ ବର୍ଷରେ ସେଇ ଶତାୟୁ ଲିପିର ସ୍ରଷ୍ଟାଙ୍କୁ କୋଟି କୋଟି ପ୍ରଣାମ, 'ଜୁହାର୍'।

ମୋ : ୯୪୩୭୩୦୭୦୭୯

## କଥା ଓ ଗାଥା-୬

# 'ବ୍ରହ୍ମମୁନି' ସାରଳା ଓ 'ଦାରୁବ୍ରହ୍ମ'

ଅସିତ ମହାନ୍ତି

'ସ୍କନ୍ଦପୁରାଣ', 'ବ୍ରହ୍ମପୁରାଣ', 'କପିଳ ସଂହିତା' ଓ 'ଶ୍ରୀମହାପୁରୁଷବିଦ୍ୟା' ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ। ଏସବୁ ସଂସ୍କୃତରଚନା। କିନ୍ତୁ ଓଡ଼ିଆରେ ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥାର ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ହେଉଛି 'ସାରଳା ମହାଭାରତ'।

ସାରଳାଦାସ ଓଡ଼ିଶାର ଆଦିକବି। ପ୍ରାଚୀନ ମହାଭାରତ ପୋଥିମାନଙ୍କରେ ତାଙ୍କର ନାଆଁ 'ସାରୋଳଦାସ' ବୋଲି ଲେଖା ଅଛି। କାରଣ ସେ ସାରୋଳ ଚଣ୍ଡୀଙ୍କର ଦାସ। ପ୍ରାଚୀନ ପୋଥିମାନଙ୍କରେ 'ମହାଭାରତ'କୁ 'ମହାଭାରଥ' ବୋଲି ଲେଖାଅଛି- ଯେପରିକି 'ହାତ' ହୋଇଛି 'ହାଥ' ଓ 'ହାତୀ' ହୋଇଛି 'ହାଥୀ'। ତେବେ, 'ସାରଳାଦାସ' ଓ 'ମହାଭାରତ' ନାଆଁ ଦୁଇଟି ଓଡ଼ିଶାରେ ଓ ଓଡ଼ିଆରେ ସୁପ୍ରଚଳିତ।

ସାରଳାଦାସ 'ଶୂଦ୍ରମୁନି' ନାମରେ ମଧ୍ୟ ସୁଖ୍ୟାତ। ଓଡ଼ିଆ ସାହିତ୍ୟରେ ତାଙ୍କ ସଂପର୍କରେ ପ୍ରଥମ ଚର୍ଚ୍ଚାକାର ଥିଲେ ବ୍ୟାସକବି ଫକୀରମୋହନ ସେନାପତି। ତାହା ୧୮୯୫ ମସିହା ନଭେମ୍ବର ମାସର କଥା। ତାଙ୍କ ପରେ ୧୯୦୪ରେ ତାଙ୍କ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ ଶ୍ୟାମସୁନ୍ଦର ରାଜଗୁରୁ। ତାହା ପରଠାରୁ ଏଯାଏ ତାଙ୍କ ସଂପର୍କରେ କେତେ ଯେ ଚର୍ଚ୍ଚା, ଆଲୋଚନା ହୋଇଛି, ତାହାର ଠିକଣା ନାହିଁ।

ଶ୍ୟାମସୁନ୍ଦର ରାଜଗୁରୁଙ୍କ ଚର୍ଚ୍ଚାର ଶୀର୍ଷକ ଥିଲା 'ଶୂଦ୍ରମୁନି ଶାରଳାଦାସ (ମହାଭାରତର ରଚୟିତା)'। ତାହାର ଆରମ୍ଭରେ ସେ ଲେଖିଥିଲେ- ''ଓଡ଼ିଶାର ଭାଷାକବିମାନଙ୍କ ମଧ୍ୟରେ ଶୂଦ୍ରମୁନି ଶାରଳା ଦାସ ସର୍ବପ୍ରଥମ କବି। ଏହାଙ୍କ ପୂର୍ବେ କୌଣସି କୌଣସି କବି ଥାଇପାରନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କେହି ମହାଭାରତ ପରି ପ୍ରକାଣ୍ଡ ଗ୍ରନ୍ଥ ରଚନା କରିଥିଲା ପରି ବୋଧହୁଏ ନାହିଁ। ... ଚାରିପତ୍ରିଆ ପୁସ୍ତକ ଖଣ୍ଡେ ଖଣ୍ଡେ ଲେଖି ଲୋକେ କବି, ମହାକବି ବୋଲାଉଥିବାଠାରେ, ଯେ ଅଠରଖଣ୍ଡ ଭାରତର ପଦ୍ୟାନୁବାଦ କରିଅଛନ୍ତି, ସେ ଆପଣାକୁ 'କାଳିଦାସ', 'ଶୂଦ୍ରମୁନି' କାହିଁକି, 'ବ୍ରହ୍ମମୁନି' କହିଲେ କି ଦୋଷ ?

ଏହି 'ବ୍ରହ୍ମମୁନି' ସାରଳାଦାସ ହିଁ ଓଡ଼ିଶାର ଜନସମାଜକୁ ଦେଇଛନ୍ତି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ନୂତନ କଥା ଓ ଗାଥା। ଜନମାନସକୁ ଦେଇଛନ୍ତି ଶ୍ରୀଜଗନ୍ନାଥଙ୍କ ସଂପର୍କରେ ନୂତନ ଚିନ୍ତା ଓ ଚେତନା।

ସାରଳାଦାସଙ୍କ ଜନ୍ମସ୍ଥାନ ଓ ଜନ୍ମସମୟ ନିର୍ବିବାଦୀୟ ନୁହେଁ। ଏପରିକି ବିଗତ ଶହେବର୍ଷରୁ ଊର୍ଦ୍ଧ୍ୱକାଳ ମଧ୍ୟରେ ତାଙ୍କ ରଚିତ ମହାଭାରତର ବେଶ୍ କେତୋଟି ଭିନ୍ନ ଭିନ୍ନ ସଂସ୍କରଣ ମଧ୍ୟ ପ୍ରକାଶପାଇଛି। ଏପରିକି ସାରଳାଦାସଙ୍କୁ ଚିହ୍ନିତ କରି ପାରସ୍ପରିକ ସାମ୍ୟ ନ ଥିବା ଭିନ୍ନ ଭିନ୍ନ ଚିତ୍ର ଓ ମୂର୍ତ୍ତି ମଧ୍ୟ ପ୍ରଚଳିତ। ସେଥିରୁ ପ୍ରକୃତ ସାରଳା ଦାସ ଓ ତାଙ୍କ ରଚିତ ମହାଭାରତର ପ୍ରକୃତ ରୂପ ନିର୍ଦ୍ଧାରଣ କରିବା କଷ୍ଟକର।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ, ଯେ ଗୌରୀଶଙ୍କର ରାୟଙ୍କ ପ୍ରେରଣାରେ, କପିଳେଶ୍ୱର ନନ୍ଦ ଓ ତାଙ୍କର ସହଯୋଗୀମାନେ, ଦାଣ୍ଡିବୃତ୍ତରେ ରଚିତ 'ସାରଳା ମହାଭାରତ'କୁ ୧୪ ଅକ୍ଷରୀରେ ଓ ଆଧୁନିକ ଓଡ଼ିଆ ଭାଷାରେ ରୂପାନ୍ତରିତ କରି ପ୍ରକାଶ କରିଥିଲେ ୧୮୯୮ ମସିହାରେ । ତାହା ପ୍ରକାଶ ପାଇଥିଲା ଗୌରୀଶଙ୍କରଙ୍କ ପ୍ରତିଷ୍ଠିତ 'ପୁରାଣ ପ୍ରକାଶକ କମ୍ପାନୀ' ପକ୍ଷରୁ। ପରବର୍ତ୍ତୀ କାଳରେ, ୧୯୧୭ରେ ମନମୋହନ ପୁସ୍ତକାଳୟ, ୧୯୨୭ରେ ରାଧାରମଣ ପୁସ୍ତକାଳୟ, ଏବଂ ଆହୁରି ପରବର୍ତ୍ତୀ କାଳରେ ଧର୍ମଗ୍ରନ୍ଥ ଷ୍ଟୋର୍ ପ୍ରମୁଖ ଏହି 'ମହାଭାରତ' ପ୍ରକାଶ କରିଛନ୍ତି। ଏସବୁ ହେଉଛି ସାରଳାଦାସଙ୍କ 'ମହାଭାରତ'ର ଲୋକପ୍ରିୟ ସଂସ୍କରଣ।

କିନ୍ତୁ ଶ୍ୟାମସୁନ୍ଦର ରାଜଗୁରୁ, ଗୋପୀନାଥ ମହାନ୍ତି, କୃଷ୍ଣଚରଣ ସାହୁ ଓ ସଚ୍ଚିଦାନନ୍ଦ ମିଶ୍ର ପ୍ରମୁଖ ସେହିସବୁ ଲୋକପ୍ରିୟ ସଂସ୍କରଣକୁ ବିରୋଧ କରିଛନ୍ତି। ସେମାନଙ୍କର ଯୁକ୍ତି ହେଉଛି- ଏହିସବୁ ଲୋକପ୍ରିୟ ସଂସ୍କରଣରେ 'ସାରଳାଦାସ' ଓ ତାଙ୍କ 'ମହାଭାରତ' ଅନୁପସ୍ଥିତ। ସେଥିପାଇଁ ସେମାନେ 'ପୋଥିନିର୍ଭର' ହେବା ସହିତ ଏହି 'ମହାଭାରତ'ର 'ଶୁଦ୍ଧ' (ପାଠ ଆଧାରିତ) ସଂପାଦନା ଓ ସଂସ୍କରଣ ନିମନ୍ତେ ଗୁରୁତ୍ୱ ଦେଇଛନ୍ତି। ଫଳରେ, ପରବର୍ତ୍ତୀ କାଳରେ ଓଡ଼ିଆ ସାହିତ୍ୟର ଏହି ପ୍ରଥମ, ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ ପାଠର ଶୁଦ୍ଧ ସଂପାଦନା ଦାୟିତ୍ୱ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଉପରେ ନ୍ୟସ୍ତ ହୋଇଛି। ଏହା ସଂପନ୍ନ ହୋଇଛି- ଡକ୍ଟର ହରେକୃଷ୍ଣ ମହତାବଙ୍କ ଉଦ୍ୟମରେ ଏବଂ ଭାରତ ସରକାରଙ୍କ ଆର୍ଥିକ ଅନୁଦାନ ଯୋଗେ। ଫଳରେ, ୨୨ ଖଣ୍ଡ ପୋଥି, ୧୧ ଜଣ ପଣ୍ଡିତ ଏବଂ ତିନି-ଚାରିଜଣ ଛାତ୍ରଙ୍କ ସହଯୋଗରେ ଏ କାର୍ଯ୍ୟ ସଂପାଦିତ ହୋଇଛି- ୧୯୫୯ରୁ ୧୯୬୪ ମଧ୍ୟରେ। ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂପାଦିତ ହୋଇ ସେହି 'ଶୁଦ୍ଧସଂସ୍କରଣ' 'ସାରଳା ମହାଭାରତ' ଶୀର୍ଷକରେ, ୧୯୬୪ରୁ ୧୯୭୩ ମଧ୍ୟରେ ପ୍ରକାଶ ପାଇଛି।

କିନ୍ତୁ ଏହି 'ଶୁଦ୍ଧ ସଂସ୍କରଣ' ସତରେ କେତେ ଶୁଦ୍ଧ ? ଏହାକୁ ନେଇ ଆରମ୍ଭ ହୋଇଛି ବିତର୍କ। ଏହାର କେନ୍ଦ୍ରରେ ରହିଛନ୍ତି- କୃଷ୍ଣଚରଣ, ଗୋପୀନାଥ ଓ ସଚ୍ଚିଦାନନ୍ଦ।

ତେବେ ସେ ସଂପର୍କରେ ନିଜର ନିଷ୍କର୍ଷ ଦେଇ ସେଦିନ ଗୋପୀନାଥ ମହାନ୍ତି କହିଥିଲେ- ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସେହି 'ମହାଭାରତ' ଯେମିତିକି ନାନା ସମୟର ନାନା ପୋଥିରୁ ସଂଗୃହୀତ ପଞ୍ଚୁବର୍ଣ୍ଣ ଚାଉଳ। କିନ୍ତୁ ଚାଉଳ ସେ ; ଅରୁଣୋଦୟ ପ୍ରେସ୍‌ରୁ ବାହାରିଥିବା ଚାଉଳ ଭଳି ଦିଶୁଥିବା ଧଳା ଗୋଡ଼ି ନୁହେଁ। ତହିଁରେ ପ୍ରକ୍ଷିପ୍ତ ଅଂଶ ଥାଇପାରେ ; କିନ୍ତୁ ସାରୋଳ (ସାରଳା) ଦାସଙ୍କ ମୂଳ ବିଷୟରୁ ବହୁତ ଥିବ। ଯଦିଓ ସେସବୁ ପ୍ରାୟ ନୂଆପୋଥିର ଭାଷା ; ସେ କାଳର ଓଡ଼ିଆ ଭାଷା ତହିଁରେ ଅଳ୍ପ ଥିବ। ଚଳୁଛି, ଚଳୁ ; ତା'ର କିଛି ବିକଳ୍ପ ଛାପା ହୋଇନାହିଁ ଯେ !

ଏଣୁ, ସେହି 'ଶୁଦ୍ଧ ସଂସ୍କରଣ' ପରେ ମଧ୍ୟ, ଓଡ଼ିଶାର ତଥା ଓଡ଼ିଆ ଭାଷା-ସାହିତ୍ୟର ଏହି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଦିପାଠର ଆଉ ଏକ 'ବିକଳ୍ପ ଛାପା'ର ଆବଶ୍ୟକତା ରହିଥିଲା। ଆଶ୍ୱାସନାର କଥା, ଯେ ସେହି 'ବିକଳ୍ପ ଛାପା' ଏବେ




ଆମର ଉପଲବ୍ଧ ହୋଇଛି। 'ଶିକ୍ଷା ଓ ଅନୁସନ୍ଧାନ' ଡିମ୍‌ଡ଼୍ ବିଶ୍ୱବିଦ୍ୟାଳୟର 'ପ୍ରାଚୀନ' ଅନୁଷ୍ଠାନ ଆମକୁ ସେହି 'ବିକଳ୍ପ ଛାପା' ସଂସ୍କରଣଟି ଉପହାର ଦେଇଛନ୍ତି। ତାହା ''ଏଡ଼ିଟିଂ କାର୍ଯ୍ୟର ସର୍ବସମ୍ମତ ବିଧି ଉପାୟ'' ଅନୁସାରେ ପ୍ରସ୍ତୁତ। ଏଣୁ ତାହା 'ବ୍ରହ୍ମମୁନି' ସାରଳା (ସାରୋଳ) ଦାସଙ୍କ ମହାଭାରତ (ମହାଭାରଥ) ବର୍ଣ୍ଣିତ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଏକ ଆପାତତଃ ନିର୍ଭରଯୋଗ୍ୟ ପାଠ।

ଏ ପ୍ରସଙ୍ଗରେ ସୂଚନାଯୋଗ୍ୟ, ଯେ ଶ୍ରୀଜଗନ୍ନାଥଙ୍କ ୨୦୨୨ର ପବିତ୍ର ରଥଯାତ୍ରା ଅବସରରେ, ଜୁଲାଇ ୨ତାରିଖ ଦିନ ସ୍ୱତନ୍ତ୍ର ଭାବେ ଲୋକାର୍ପିତ ହୋଇଥିଲା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ। ସେହି ଦୁଇ ଗ୍ରନ୍ଥ ଥିଲା- 'ସାରୋଳଦାସ ମହାଭାରଥ'ର 'କର୍ଣ୍ଣାଦିଦଶପର୍ବ' ଓ 'କର୍ଣ୍ଣାଦିଦଶପର୍ବ'ର ଗଦ୍ୟ ରୂପାନ୍ତର।

'କର୍ଣ୍ଣାଦିଦଶପର୍ବ' ଓଡ଼ିଶାର ଆଦିକବି ସାରଳା ଦାସଙ୍କ 'ମହାଭାରତ'ର 'ପାଠ-ଆଲୋଚନା ଆଧାରିତ ସଂସ୍କରଣ' ବା 'କ୍ରିଟିକାଲ୍ ଏଡ଼ିସନ୍'। ଏ ସଂପର୍କରେ ସୂଚନାଯୋଗ୍ୟ, ଯେ ଏହା ପୂର୍ବରୁ ଏହି ମହାଭାରତର 'ମୁସଳି' ଓ 'ସ୍ୱର୍ଗାରୋହଣ' ପର୍ବକୁ ନେଇ ଗୋଟିଏ ଖଣ୍ଡ ପ୍ରକାଶ ପାଇଥିଲା। ତାହା ଥିଲା ସାରଳା ମହାଭାରତର ଶେଷ ଦୁଇ ପର୍ବର ଏକ ମିଳିତ ଗ୍ରନ୍ଥ। ଏବେ ତା' ସହିତ, ଆଉ ଆଠଟି ପର୍ବକୁ ମିଶାଇ ପ୍ରକାଶ ପାଇଛି 'କର୍ଣ୍ଣାଦିଦଶପର୍ବ'। ସେହି ଆଠଟି ପର୍ବ ହେଉଛି- କର୍ଣ୍ଣ, ଶଲ୍ୟ, ଗଦା, କାଇଁଶିକା, ନାରୀ, ଶାନ୍ତି, ଆଶ୍ରମିକ ଓ ଅଶ୍ୱମେଧ ପର୍ବ'। ଏ ଭିତରେ ସେହି ଅନୁଷ୍ଠାନ ପକ୍ଷରୁ ସାରଳା ମହାଭାରତର 'ଆଦିପର୍ବ' ମଧ୍ୟ ପ୍ରକାଶ ପାଇ ସାରିଛି। ଏହିପରି ଭାବରେ, ଆହୁରି ପାଞ୍ଚଖଣ୍ଡରେ ସଂପୂର୍ଣ୍ଣ ସାରଳା ମହାଭାରତ ଯଥାଶୀଘ୍ର ପ୍ରକାଶ ପାଇବାର ସମ୍ଭାବନା ରହିଛି।

ଏ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି- ସାରଳା ମହାଭାରତର 'ମୁସଳି ପର୍ବ'ରେ ହିଁ ରହିଛି ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥାର ଗୁରୁତ୍ୱପୂର୍ଣ୍ଣ ଅବତାରଣା। ବ୍ୟାସଦେବକୃତ ମୂଳ ସଂସ୍କୃତ 'ମହାଭାରତ'ରେ ଏହାର ନାମ 'ମୌଷଳ ପର୍ବ' ଏବଂ ଏହା ଷୋଡ଼ଶ ପର୍ବ ହୋଇଥିବା ବେଳେ, 'ସାରଳା ମହାଭାରତ'ରେ ଏହାର ନାମ 'ମୁସଳି ପର୍ବ' ଏବଂ ଏହା ସପ୍ତଦଶ ପର୍ବ।

ସଂପାଦକମଣ୍ଡଳୀ ଏହାର 'ଭୂମିକା'ରେ କହିଛନ୍ତି- ସାରୋଳଦାସଙ୍କ ମହାଭାରଥର 'ମୁସଳିପର୍ବ' ଓ ବ୍ୟାସଙ୍କ ମହାଭାରତର 'ମୌଷଳପର୍ବ'ର ଗଢ଼ଣରେ ବହୁ ଭିନ୍ନତା ରହିଛି। ... ସାରୋଳଦାସ ଆପଣା ପର୍ବ ମାଧ୍ୟମରେ ଉତ୍କଳଦେଶରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଓ ପୂଜନ ପରମ୍ପରାର ବର୍ଣ୍ଣନା କରିଛନ୍ତି, ଯାହା ବ୍ୟାସଙ୍କ ଗ୍ରନ୍ଥରେ ନାହିଁ। ସାରୋଳଦାସଙ୍କ ମୁସଳିପର୍ବକୁ ସାତଗୋଟି ପ୍ରସଙ୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକରେ ରହିଛି ୨୬ (୨୪+୨) ସଂଖ୍ୟକ ପ୍ରଧାନ ଆଖ୍ୟାୟିକା। ପଦସଂଖ୍ୟା ୧୩୧୦। ସଂପାଦନା ପାଇଁ ୧୨ ଖଣ୍ଡ ତାଳପତ୍ର ଖେଦା ଏବଂ ତିନିଖଣ୍ଡ ମୁଦ୍ରିତ ମହାଭାରତର ସାହାଯ୍ୟ ନିଆଯାଇଛି। ସେଗୁଡ଼ିକ ପୁରାଣ ପ୍ରକାଶକ କଂପାନୀ, ରାଧାରମଣ ପୁସ୍ତକାଳୟ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରକାଶିତ। ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂପାଦିତ ତଥା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଗ୍ରନ୍ଥକୁ ଅନ୍ୟତମ ଆକରଗ୍ରନ୍ଥ ଭାବେ ଗ୍ରହଣ କରାଯାଇଛି।

ଏହି ନୂତନ ପାଠଆଧାରିତ ସଂସ୍କରଣର 'ଭୂମିକା' ଅନୁସାରେ- ବ୍ୟାସଦେବ ଓ ସାରୋଳଦାସଙ୍କ ମୁସଳି (ମୌଷଳ) ପର୍ବର ଗଢ଼ଣରେ କଥାନକଗତ ଭିନ୍ନତା ଏତେ ଅଧିକ ଯେ ସାରୋଳଙ୍କ ମୁସଳିପର୍ବ ସ୍ୱତନ୍ତ୍ର ପରି ମନେହେବ। ଏହି ସ୍ୱତନ୍ତ୍ରତା ରହିଛି- କୃଷ୍ଣଙ୍କର ଦେହତ୍ୟାଗ ପରବର୍ତ୍ତୀ ଆଖ୍ୟାନରେ। ଆଖ୍ୟାନଗୁଡ଼ିକର ବ୍ୟାସଙ୍କ ମହାଭାରତ ସହିତ ଆଦୌ ସଂପର୍କ ନାହିଁ। ସେ ନିଜ (ଓଡ଼ିଶା) ଭୂମିର ସୁପରିଚିତ ଏକ ମହାକ୍ଷେତ୍ର- ଯମନିକତୀର୍ଥ ଏବଂ ସେହି ତୀର୍ଥର ଦେବତାମାନଙ୍କର ଇତିହାସ ଓ ସ୍ୱରୂପ ଗଢ଼ଣ ପାଇଁ ଉଦ୍ୟମ କରିଛନ୍ତି। ସେ କହିବାକୁ ଚାହିଁଛନ୍ତି- ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀକୃଷ୍ଣଙ୍କର ଏକ ରୂପାନ୍ତରଣ, ଏକ ପ୍ରକ୍ରିୟା। ବହୁ ଗବେଷକ ଏହି ଅଂଶକୁ ଆଧାର କରି ଶ୍ରୀଜଗନ୍ନାଥଙ୍କ ଉପାସନାର ଇତିହାସ ନିର୍ମାଣ କରିଛନ୍ତି। ଏହି ଇତିହାସ-ନିର୍ମାଣର କଳା ବେଶ୍ ଜଟିଳ ଅଥଚ ଗୁରୁତ୍ୱପୂର୍ଣ୍ଣ।

ସାରଳା (ସାରୋଳ)ଦାସଙ୍କ ମହାଭାରତ (ମହାଭାରଥ)ର ଏହି 'ମୁସଳି ପର୍ବ'ର ବିଷୟ ପ୍ରକରଣ ଯେଉଁ ସାତଟି ପ୍ରସଙ୍ଗରେ ବର୍ଣ୍ଣିତ, ତାହା ଏହିପରି-

ଏହାର ପ୍ରଥମ ପ୍ରସଙ୍ଗରେ ରହିଛି- କୃଷ୍ଣଙ୍କର ବୈକୁଣ୍ଠ ଫେରିଯିବାପାଇଁ ଇଚ୍ଛା ଏବଂ ଅକ୍ରୂରଙ୍କ ସହିତ ଆଳାପ ; ବ୍ରହ୍ମଜ୍ଞାନର ସାଧନମାର୍ଗ ସଂପର୍କରେ ଅକ୍ରୂରଙ୍କୁ କୃଷ୍ଣଙ୍କର କଥନ। ଏହାପରେ, ଦ୍ୱିତୀୟ ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି- ଦ୍ୱାରକାରେ କୋକୁଆ ଭୟ ଓ ଯଦୁକୁଳ ନାଶ। ସେହିପରି, ତୃତୀୟ ପ୍ରସଙ୍ଗରେ ରହିଛି- ଶ୍ରୀକୃଷ୍ଣଙ୍କର ଅନୁଶୋଚନା ଏବଂ ଜାରା ଶବରର ଶରାଘାତରେ ଶ୍ରୀକୃଷ୍ଣ ଆହତ ହେବା, ଜାରାର ବୈକଲ୍ୟ ଓ ଶ୍ରୀକୃଷ୍ଣଙ୍କର ଦେହତ୍ୟାଗ।

ଚତୁର୍ଥ ପ୍ରସଙ୍ଗର ବିଷୟ ହେଉଛି- ଜାରା-ଅର୍ଜୁନ ଯୁଦ୍ଧ, ଜାରା ଓ ଅର୍ଜୁନଙ୍କର ପୂର୍ବଜନ୍ମ ବୃତ୍ତାନ୍ତ, ଶ୍ରୀକୃଷ୍ଣଙ୍କ ମୃତପିଣ୍ଡ ଦହନ ପାଇଁ ଅଗ୍ରବୃକ୍ଷ ଖୋଜା, ଅଜର ଶବରର ମାଧବପୂଜା, ଅଗ୍ରବୃକ୍ଷର ଆବିର୍ଭାବ ଏବଂ କୃଷ୍ଣଙ୍କ ମୃତପିଣ୍ଡ ଦାହ ଓ ବାଲୁଙ୍କା ନଦୀ କୂଳରେ ଯାଦବମାନଙ୍କ ପାଇଁ ବାସଗୃହ ନିର୍ମାଣ।

ସେହିପରି, ପଞ୍ଚମ ପ୍ରସଙ୍ଗରେ ରହିଛି- ଯୁଜେଷ୍ଠିଙ୍କ ଆଗରେ ଅର୍ଜୁନଙ୍କର କୃଷ୍ଣଙ୍କ ତିରୋଧାନ ବୃତ୍ତାନ୍ତ ବର୍ଣ୍ଣନ, ଅର୍ଜୁନଙ୍କର ଇନ୍ଦ୍ରପ୍ରସ୍ଥରେ ପ୍ରବେଶ ଏବଂ କୃଷ୍ଣଙ୍କ ତିରୋଧାନ ବୃତ୍ତାନ୍ତ ବର୍ଣ୍ଣନା ଏବଂ ଇନ୍ଦ୍ରପ୍ରସ୍ଥରେ ବ୍ୟାସଙ୍କ ପ୍ରବେଶ ଓ ପାଣ୍ଡବମାନଙ୍କୁ ପ୍ରବୋଧନା।

କିନ୍ତୁ ଏହା ପରେ, ଷଷ୍ଠ ପ୍ରସଙ୍ଗରେ ଯେଉଁ ବିଷୟ ବର୍ଣ୍ଣିତ, ତାହା ଓଡ଼ିଶା ତଥା ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ତାହା ହେଉଛି- ଗାଲମାଧବ ଓ ମାଧବ ବୃତ୍ତାନ୍ତ, ବସୁ ବ୍ରାହ୍ମଣଙ୍କ କାଞ୍ଚିନଗରୀ ଯାତ୍ରା, ଗାଲମାଧବଙ୍କର ଶବରପଲ୍ଲୀ ଯାତ୍ରା, ନୀଳମାଧବଙ୍କ ଅନ୍ତର୍ଦ୍ଧାନ, ବିରାଜ ସହ ଯୁଦ୍ଧ ଓ ପରାଜୟ, ସୈନ୍ୟବଳ ହରାଇ ଗାଲମାଧବଙ୍କ ଶୋକ ଓ ସ୍ୱପ୍ନରେ ନାରାୟଣ ରୂପ ଦର୍ଶନ, ଶବରୀନାରାୟଣ କଥା ଏବଂ ଗାଲମାଧବଙ୍କ ପ୍ରତିମା ସ୍ଥାପନ।

ଷଷ୍ଠ ପ୍ରସଙ୍ଗ ପରି, ସପ୍ତମ ପ୍ରସଙ୍ଗ ମଧ୍ୟ ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ଦୃଷ୍ଟିରୁ ଆହୁରି ଗୁରୁତ୍ୱପୂର୍ଣ୍ଣ। ସେଥିରେ ବର୍ଣ୍ଣିତ ହୋଇଛି- ଇନ୍ଦ୍ରଦୁମ୍ନନଙ୍କ ଜଗନ୍ନାଥ ପ୍ରତିମା ସ୍ଥାପନ ସଂକଳ୍ପ, ନୀଳସୁନ୍ଦର ଗିରି ଓ ମନ୍ଦିର ନିର୍ମାଣ ବୃତ୍ତାନ୍ତ। ଇନ୍ଦ୍ରଦୁମ୍ନନଙ୍କର ଯମ୍ବେଶ୍ୱରଙ୍କୁ ପ୍ରାର୍ଥନା ଓ ମାରକଣ୍ଡ-ବ୍ରହ୍ମା ବୃତ୍ତାନ୍ତ, କୃଷ୍ଣପିଣ୍ଡ ସଂପର୍କରେ ଜାରା ଓ ଇନ୍ଦ୍ରଦୁମ୍ନନଙ୍କ କଥୋପକଥନ, ଗୋମୁଖୀ କେଶବ କଥା, ଗୋମୁଖୀ କେଶବ ମହିମା, ଜାରା-ଇନ୍ଦ୍ରଦୁମ୍ନନ ଭେଟ ଏବଂ ନୀଳଗିରିରେ ଦିଅଁ ପ୍ରତିଷ୍ଠା ଏବଂ ବସୁବ୍ରାହ୍ମଣର ମୃତପୁତ୍ରର ପୁନର୍ଜନ୍ମ ବୃତ୍ତାନ୍ତ। ଏ ପ୍ରସଙ୍ଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି- ସେହି ତୀର୍ଥର ନାମ ରହିଛି- ପୁରୁଷୋତ୍ତମ।

ସାରଳା ମହାଭାରତରେ, ଶ୍ରୀଜଗନ୍ନାଥଙ୍କର ଏହି କଥା ଓ ଗାଥା ମନୁ ମହାରାଜଙ୍କୁ କହିଛନ୍ତି ଅଗସ୍ତି ମହର୍ଷି। ଏ ପର୍ବର ଶେଷରେ ଶୂଦ୍ରମୁନି, ବ୍ରହ୍ମମୁନି ସାରଳା (ସାରୋଳ)ଦାସ, ନୀଳସୁନ୍ଦର ପଦ୍ମନାଭ ସେହି ଦାରୁବ୍ରହ୍ମଙ୍କର କଥା ଓ ଗାଥା କହି, ତାଙ୍କରି ଶରଣ ନେଇଛନ୍ତି।



# ୧୯୪୭ ଦଙ୍ଗାର ଓଡ଼ିଶାରେ ପ୍ରଭାବ



ଭାସ୍କର ପରିଚ୍ଛା

୧୯୪୬-୪୭ ମସିହାରେ ଭାରତରେ ଯେଉଁ ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଲା ତାହା ଭାରତ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ହୋଇ ରହି ଆସିଛି। ଗୋଟିଏ ପଟେ ହିନ୍ଦୁ ଓ ଶିଖ ତଥା ଅନ୍ୟ ପଟେ ମୁସଲମାନମାନଙ୍କ ମଧ୍ୟରେ ଏହି ଲୋମହର୍ଷଣକାରୀ ସାମ୍ପ୍ରଦାୟିକ ହିଂସା ଥିଲା ମୁଖ୍ୟତଃ ଭାରତର ବିଭାଜନର ପରିଣାମ ।

ଅଗଷ୍ଟ ୧୯୪୭ ରେ ଚୂଡ଼ାନ୍ତ ହୋଇଥିବା ବିଭାଜନ ଭାରତୀୟ ଉପମହାଦେଶକୁ ଧାର୍ମିକ ଆଧାରରେ ଦୁଇ ଭାଗରେ ବିଭକ୍ତ କରିଥିଲା। ଏହା ବ୍ୟାପକ ସ୍ଥାନାନ୍ତରଣ ଏବଂ ହିଂସା ସୃଷ୍ଟି କରିଥିଲା। ବିଭାଜନ ବେଳର ହିଂସାରେ ପ୍ରକୃତରେ କେତେ ଜଣ ମୃତ୍ୟୁବରଣ କରିଥିଲେ, ତାହାର ସଠିକ୍ ହିସାବ କାହାରି ପାଖରେ ନାହିଁ । କିନ୍ତୁ ବିଭିନ୍ନ ଆକଳନ ଅନୁଯାୟୀ ଜଣପଡ଼େ ଯେ ଏହି ସଂଖ୍ୟା ପାଞ୍ଚ ଲକ୍ଷରୁ କମ୍ ନୁହେଁ ।

୧୯୪୬-୪୭ ବେଳକୁ ଜାତୀୟ ରାଜନୀତି ଅତ୍ୟନ୍ତ ସରଗରମ ହୋଇ ପଡ଼ିଥିଲା କାରଣ ବ୍ରିଟିଶ ଶାସକ ଏବଂ ତୁଙ୍ଗ କଂଗ୍ରେସ ନେତାମାନେ କ୍ଷମତା ହସ୍ତାନ୍ତର ପାଇଁ ବ୍ୟସ୍ତ ଥିଲେ। ଫଳସ୍ୱରୂପ କଂଗ୍ରେସ ନେତାମାନେ ସାମାଜିକ କାର୍ଯ୍ୟ ଓ ଲୋକଙ୍କ ସେବା ଅପେକ୍ଷା କ୍ଷମତା-ରାଜନୀତି ଏବଂ ନିଜ ନିଜ କ୍ୟାରିୟରକୁ ନେଇ ଅଧିକ ଚିନ୍ତିତ ହୋଇ ପଡ଼ିଥିଲେ। ଦେଶରେ ଦେଖା ଦେଇଥିବା ଉଦବେଗଜନକ ସାମ୍ପ୍ରଦୟିକ ପରିସ୍ଥିତି ପ୍ରତି ନେତାମାନଙ୍କର ଅନାସକ୍ତ, ବୀତସ୍ପୃହ ମନୋଭାବ ହିଁ ସାମ୍ପ୍ରଦାୟିକତାର ଅନିୟନ୍ତ୍ରିତ କାୟାବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିଥିଲା। ସାମ୍ପ୍ରଦାୟିକ ଶକ୍ତିମାନେ ଏହି ସୁଯୋଗର ଫାଇଦା ଉଠାଇ ଚାରିଆଡ଼େ ଘୃଣାର ବିଷମଞ୍ଜି ବୁଣିଥିଲେ। ଶହ ଶହ ଗୁଜବ ଏବଂ ମିଥ୍ୟା କାହାଣୀ ସୃଷ୍ଟି କରାଯାଇଥିଲା। ସମଗ୍ର ଦେଶରେ ଗଣଉନ୍ମାଦନା ବ୍ୟାପକ ହୋଇ ଉଠିଥିଲା।

ବ୍ରାଣ୍ଡେଡ ଗାନ୍ଧୀବାଦୀମାନେ ସେମାନଙ୍କର ତାତ୍କାଳିକ କର୍ତ୍ତବ୍ୟ ନିର୍ବାହ କରିବାରେ ବିଫଳ ହୋଇଥିଲେ। ପ୍ରଥମ ଥର ପାଇଁ ମିଳୁଥିବା କ୍ଷମତା ସକାଶେ ଉତ୍କଣ୍ଠା ଯୋଗୁଁ ସେମାନେ ସେମାନଙ୍କର ନୈତିକ କର୍ତ୍ତବ୍ୟ ଭୁଲି ଯାଇଥିଲେ । ଏହା ମହାତ୍ମା ଗାନ୍ଧୀଙ୍କୁ ସବୁଠାରୁ ଅଧିକ ଯନ୍ତ୍ରଣା ଦେଇଥିଲା। କ୍ଷମତାର ଏହି ନିର୍ଲ୍ଲଜ କାରବାରରୁ ସେ ନିଜକୁ ଦୂରେଇ ରଖିଥିଲେ।ଏଥିପାଇଁ ଗାନ୍ଧୀ ସେତେବେଳେ କହିଥିଲେ 'ମୁଁ ନିଃସ୍ୱ'।

ଯେତେବେଳେ ସମଗ୍ର ଭାରତ ଦଙ୍ଗା, ଅସ୍ତ୍ରଶସ୍ତ୍ର ଲୁଟ୍ ଏବଂ ଗଣହତ୍ୟାରେ ଜଳୁଥିଲା ଏବଂ ହଜାର ହଜାର ନିରସ୍ତ୍ର ନିର୍ଦ୍ଦୋଷଙ୍କ ନିର୍ମମ ହତ୍ୟା ଅଧିକାଂଶ ଭାରତୀୟଙ୍କୁ ବିଚଳିତ କରୁଥିଲା, ସେହି ସମୟକୁ ହିଁ ବ୍ରିଟିଶମାନେ କ୍ଷମତା ହସ୍ତାନ୍ତର କରିବାର ଉପଯୁକ୍ତ ସମୟ ବୋଲି ବିଚାର କରିଥିଲେ। ଏଣୁ କହିବାକୁ ଗଲେ ଭାରତୀୟମାନେ ଏକ ଭାରାକ୍ରାନ୍ତ ଓ ଜଟିଳ ମାନସିକ ସ୍ଥିତିରେ ସ୍ୱାଧୀନତା ପାଇଥିଲେ। ଏହା ଉପନିବେଶବାଦୀମାନଙ୍କ ଏକ ସୁଚିନ୍ତିତ ଯୋଜନା ବି ହୋଇ ଥାଇପାରେ ବୋଲି ଅନେକ ପର୍ଯ୍ୟବେକ୍ଷକ ମତ ଦିଅନ୍ତି । ଭାବପ୍ରବଣତା ଭିତରେ ଓ ବିବ୍ରତ ଅବସ୍ଥାରେ ରହିଥିବା ଭାରତୀୟଙ୍କୁ ବ୍ରିଟିଶ ଶାସକଙ୍କ ବିଭାଜନର ବିଭୀଷିକା ସହ କ୍ଷମତା ହସ୍ତାନ୍ତର ସବୁଦିନ ପାଇଁ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ହୋଇ ରହିଗଲା ।

## ଓଡ଼ିଶାରେ ପ୍ରଭାବ

ଭାରତ-ପାକିସ୍ତାନ ବିଭାଜନ ଓ ସେଥିରୁ ସୃଷ୍ଟି ହୋଇଥିବା ଦଙ୍ଗାର ପ୍ରଭାବରୁ ଓଡ଼ିଶା ମଧ୍ୟ ବାଦ ପଡ଼ି ନ ଥିଲା । ୧୯୪୬ ମସିହା ଅକ୍ଟୋବର ମାସରେ ପୂର୍ବ ବଙ୍ଗ ଏବଂ କଲିକତାରେ ଦଙ୍ଗା ଆରମ୍ଭ ହେବାପରେ ଓଡ଼ିଶାରେ ପରିବେଶ କ୍ରମେ ଜଟିଳ ହେବାକୁ ଆରମ୍ଭ କଲା। ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ ତାଙ୍କ ଆତ୍ମଜୀବନୀ 'ମୋ ଜୀବନ ଅନ୍ୟ ଏକ ଉପନ୍ୟାସ'ରେ ଲେଖିଛନ୍ତି: 'କଟକ ସହରରେ ଦଙ୍ଗା ଆଶଙ୍କା ଥିଲା। ହିନ୍ଦୁମାନେ ମୁସଲମାନମାନଙ୍କ ଦୋକାନକୁ ଯାଉ ନ ଥିଲେ। ମୁସଲମାନମାନଙ୍କ ବ୍ୟବସାୟ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ପ୍ରତିଦିନ ବଙ୍ଗଳାରୁ ଶରଣାର୍ଥୀମାନଙ୍କୁ ନେଇ ଟ୍ରେନ୍ କଟକ ରେଳ ଷ୍ଟେସନରେ ପହଞ୍ଚୁଥିଲା। ଏ ସମସ୍ତେ ହିନ୍ଦୁ ଥିଲେ । ସେମାନେ ଦଙ୍ଗାର ଭୟଙ୍କର ସ୍ଥିତିକୁ ବଖାଣୁଥିଲେ। ନାବାଳକ ଝିଅମାନଙ୍କୁ ଅସଦାଚରଣ ଏବଂ ବଳାତ୍କାର କରାଯାଇଥିବା ଖବର ପାଇବାପରେ ଲୋକଙ୍କର କ୍ରୋଧ ଜାତ ହୋଇଥିଲା ଏବଂ ଲୋକମାନେ ଉତ୍ତେଜିତ ହୋଇପଡ଼ିଥିଲେ। ହଠାତ୍ କଟକ ସହରର ସମଗ୍ର ହିନ୍ଦୁ ସମ୍ପ୍ରଦାୟ ମୁସଲମାନମାନଙ୍କୁ ସେମାନଙ୍କର ଶତ୍ରୁ ଭାବରେ ଦେଖିବା ଆରମ୍ଭ କରିଥିଲେ। ସଂଖ୍ୟାଲଘୁଙ୍କ ବିଷୟରେ ଏକ ବଡ଼ ଅବିଶ୍ୱାସ ସୃଷ୍ଟି ହୋଇଥିଲା।'

ଅବଶ୍ୟ ଏକଥା ସତ ଯେ ସ୍ୱାଧୀନତା ବେଳର ସାମ୍ପ୍ରଦାୟିକ ଦଙ୍ଗାରେ କଲିକତା ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ ମଧ୍ୟ ଓଡ଼ିଶା ଅପେକ୍ଷାକୃତ ଶାନ୍ତ ରହିଥିଲା। କେବଳ ଅଳ୍ପ କେତେକ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଭଦ୍ରକରୁ ଖବର ମିଳିଥିଲା ଯେ କିଛି ବାହାର ଦୁର୍ବୃତ୍ତ ଦଙ୍ଗା ଆରମ୍ଭ କରିବାକୁ ସେଠାକୁ ଆସିଛନ୍ତି। କିନ୍ତୁ ସରକାର ସେଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିଲେ। ପ୍ରଳୟ କାନୁନଗୋ ତାଙ୍କର ଏକ ପୁସ୍ତକରେ ଲେଖିଛନ୍ତି ଯେ ନୋଆଖାଲି ଦଙ୍ଗା ପ୍ରତିବାଦରେ ହିନ୍ଦୁମାନେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାରମ୍ପରିକ ଉତ୍ସାହର ସହିତ ଦୀପାବଳି ପାଳନ କରି ନ ଥିଲେ । ଦୀପାବଳି ପାଳନ ପରିବର୍ତ୍ତେ ଅନେକ ସ୍ଥାନରେ ସେମାନେ ହରତାଳ ପାଳନ କରିଥିଲେ। ସ୍ଥାନୀୟ କେତେକ ହିନ୍ଦୁ ଓଡ଼ିଶାର ମୁସଲମାନମାନଙ୍କୁ ବଙ୍ଗର ମୁସଲମାନମାନଙ୍କୁ ସାମ୍ପ୍ରଦାୟିକ ଦଙ୍ଗାରେ ଲିପ୍ତ ନ ହେବାକୁ ନିବେଦନ କରିବାକୁ ଅନୁରୋଧ କରିଥିଲେ । କାରଣ ସେମାନେ ଜାଣିଥିଲେ ଓଡ଼ିଶାରେ ଏହା ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିବ।

ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଚାଲିଥିବା କଂଗ୍ରେସ ମନ୍ତ୍ରୀମଣ୍ଡଳ ଉପଦ୍ରବକାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଇଥିଲା। ସେତେବେଳେ ମଧ୍ୟ ବର୍ତ୍ତମାନ ଭଳି ଭଦ୍ରକ ସହରରେ ମୁସଲମାନମାନଙ୍କ ସଂଖ୍ୟା ସର୍ବାଧିକ (ପ୍ରାୟ ୩୫ ପ୍ରତିଶତ) ଥିଲା। ସେହି କାରଣରୁ ସେଠାରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା। ୧୯୪୬ ମସିହା ଜୁଲାଇ ମାସରେ ଭଦ୍ରକରେ ଦଙ୍ଗା କରୁଥିବା ମୁସଲମାନମାନଙ୍କ ଉପରେ ପୋଲିସ୍ ଗୁଳି ଚଳାଇଥିଲା। ଏଥିରେ ତିନିଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। କିଛି ଦଙ୍ଗାକାରୀ ଏକ ହିନ୍ଦୁ ଧାର୍ମିକ ଶୋଭାଯାତ୍ରାରେ ବାଧା ସୃଷ୍ଟି କରିଥିଲେ ଏବଂ ସେଥିପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା।ଏହି ଘଟଣାର ତଦନ୍ତ ପାଇଁ ଏକ ତଦନ୍ତ କମିଟି ଗଠନ କରାଯାଇଥିଲା । ନିହତ ତିନି ଜଣ ଅତ୍ୟଧିକ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ତଦନ୍ତ କମିଶନ ଗୁଳିଚାଳନାକୁ ଯଥାର୍ଥ ବୋଲି ଦର୍ଶାଇଥିଲେ। ଅନ୍ୟ ଏକ ବିବରଣୀରୁ ଜଣାପଡ଼େ ଯେ କଲିକତା ଦଙ୍ଗାରେ ପ୍ରାୟ ୭୦୦ ଓଡ଼ିଆ ନିହତ ହୋଇଥିଲେ।

କିନ୍ତୁ ଏକଥା ନିଶ୍ଚିତ ଭାବରେ କୁହାଯାଇପାରେ ଯେ ଓଡ଼ିଶାରେ ସାମ୍ପ୍ରଦାୟିକ ପରିସ୍ଥିତି ତୁଳନାତ୍ମକ ଭାବେ କମ୍ ଉତ୍ତେଜନାପୂର୍ଣ୍ଣ ଥିଲା। ନିଜେ ଭଦ୍ରକର ବାସିନ୍ଦା ହୋଇଥିବାରୁ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିଥିଲେ। ଭଦ୍ରକ ବ୍ୟତୀତ କଟକରେ ମଧ୍ୟ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା କାରଣ କଟକ ସହରର କେତେକ ଅଞ୍ଚଳରେ ବହୁସଂଖ୍ୟକ ମୁସଲମାନ ବସବାସ କରୁଥିଲେ। ତେବେ ସହରରେ ଧର୍ମନିରପେକ୍ଷ ଶକ୍ତିମାନଙ୍କ ସହାୟତାରେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ବଜାୟ ରଖା ଯାଇପାରିଥିଲା। ଦଳମତ ନିର୍ବିଶେଷରେ ନିଜ ଧର୍ମକୁ ଭୁଲି ଓଡ଼ିଆ ନାଗରିକ ସମାଜ - ବିଶେଷ କରି ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମା ଦେବୀ, ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ଗଠନମୂଳକ ଗାନ୍ଧୀବାଦୀ, କମ୍ୟୁନିଷ୍ଟ ଏବଂ ସମାଜବାଦୀମାନେ ସମଗ୍ର ପ୍ରଦେଶରେ ସୌହାର୍ଦ୍ଦ୍ୟ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କର ଶକ୍ତିଶାଳୀ ଉପସ୍ଥିତି ଏବଂ ସମନ୍ୱିତ ପ୍ରୟାସ ପରିସ୍ଥିତିକୁ ନିୟନ୍ତ୍ରଣ ବାହାରକୁ ଯିବାକୁ ଦେଇନଥିଲା। 'କୋଟିକଣ୍ଠର ସ୍ପନ୍ଦନ - ମନମୋହନ ଓ ସାମ୍ୟବାଦୀ' ପୁସ୍ତକରେ ଆଶିଷ ମହାପାତ୍ର ଏ ବିଷୟରେ ବିସ୍ତୃତ ଭାବେ ଲେଖିଛନ୍ତି।

୧୯୪୭ ହିନ୍ଦୁ-ମୁସଲମାନ ଦଙ୍ଗା ଓଡ଼ିଶାରେ ବିଶେଷ ପ୍ରଭାବ ପକାଇ ନ ଥିବା ଘଟଣାରୁ ଏହା ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଓଡ଼ିଶା ସବୁବେଳେ ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ହୋଇ ରହି ଆସିଛି।

(ଆଧାର ପୁସ୍ତକ - Odisha Since 1947/ Prasant Kumar Pradhan)

# ଶେଷ ଶବ୍ଦର ସୁବାସ




## ତିକ୍ତ ମଧୁର-୩



ଚିନ୍ମୟ ହୋତା

ମୃତ୍ୟୁ ସମ୍ପର୍କିତ ଶବ୍ଦଗୁଡ଼ିକ ପ୍ରାୟତଃ ମର୍ମସ୍ପର୍ଶୀ ଓ କାବ୍ୟିକ ହୋଇଥାନ୍ତି । ଅଥଚ ବିଡମ୍ବନାର ବିଷୟ ହେଉଛି ସେଇ ଅଭିବ୍ୟକ୍ତିଗୁଡିକ ଜୀବନ-ଉଦଯାପନକାରୀ ମୁହୂର୍ତ୍ତ ଗୁଡିକ ସହ ସଂଶ୍ଳିଷ୍ଟ ହୋଇଥିଲେ ହେଁ ହୋଇ ଉଠନ୍ତି ଆମ ସାହିତ୍ୟ ଓ ସଂସ୍କୃତିର ଉଜ୍ଜଳ ଅଂଶବିଶେଷ। ଏଗୁଡ଼ିକ ଅନ୍ତିମତାର ଭାର ବହନ କରି ସୁଦ୍ଧା ରସ, ପ୍ରଜ୍ଞା ଓ ବିସ୍ମୟରେ ଉଦ୍ଭାସିତ ହୋଇଥାନ୍ତି। ଗାନ୍ଧୀଜୀଙ୍କ ଶେଷ ଶବ୍ଦ "ହେ ରାମ" - ଯାହା ସେ ଆତତାୟୀର ଗୁଳିରେ ଟଳି ପଡ଼ିବା ସମୟରେ ଉଚ୍ଚାରଣ କରିଥିଲେ - ତାଙ୍କର ଅସଂଖ୍ୟ ଯୁଗାନ୍ତକାରୀ ସ୍ଲୋଗାନ ଓ କାଳଜୟୀ ବକ୍ତବ୍ୟ ଗୁଡ଼ିକଠାରୁ ବେଶୀ ସ୍ମରଣୀୟ। ମୃତ୍ୟୁର ମୁହୂର୍ତ୍ତରେ ଈଶ୍ୱରଙ୍କ ପ୍ରତି ଏହି ସରଳ ଆବେଦନଟି ତାଙ୍କର ଆଧ୍ୟାତ୍ମିକ ଅନ୍ତଃସତ୍ତାର ପ୍ରତୀକ ହୋଇ ଉଠିଛି ; ଏମିତିକି ତାଙ୍କର ସବୁଠୁ ଶକ୍ତିଶାଳୀ ରାଜନୈତିକ ଭାଷଣଠାରୁ ମଧ୍ୟ ତାହା ଗଭୀର ଛାପ ଛାଡ଼ି ଯାଇଛି।

ଅନୁରୂପ ଭାବରେ ପ୍ରାଚୀନ ରୋମର ମହାନ ସେନାପତି ଓ ରାଷ୍ଟ୍ରନାୟକ ଜୁଲିଅସ ସିଜରଙ୍କ ତଥାକଥିତ ଶେଷ ଶବ୍ଦ "ଏତ ତୁ ବୃଟେ ?" ଐତିହାସିକ ସତ୍ୟ ହେଉ କିମ୍ବା ନାଟ୍ୟକାର ସେକସପିଅରଙ୍କ କଳ୍ପନା ହେଉ - ବିଶ୍ୱାସଘାତକତାର ଯନ୍ତ୍ରଣାକୁ ତିନୋଟି ଲାଟିନ ଶବ୍ଦଦ୍ୱାରା ଚିରସ୍ଥାୟୀ କରି ତୋଳିଛି।

ମୃତ୍ୟୁଲେଖ ବା ଓବିଚୁଆରି ଏକ ପ୍ରକାରର ସାହିତ୍ୟିକ ରୂପ, ଯାହା ମୃତ୍ୟୁକୁ କାହାଣୀରେ ପରିଣତ କରିବାର କ୍ଷମତା ରଖେ। ଇଂଲଣ୍ଡର ସୁନାମଧନ୍ୟ ସାପ୍ତାହିକ ପତ୍ରିକା 'ଦ ଇକୋନମିଷ୍ଟ' ର ଓବିଚୁଆରି ସ୍ତମ୍ଭ ଏହି ରଚନା-ପଦ୍ଧତିର ଏକ ଅନନ୍ୟ ନିଦର୍ଶନ, ଯାହା ଅନେକ ରସଗ୍ରାହୀ ପାଠକଙ୍କର ଅତି ପ୍ରିୟ ହୋଇ ଉଠିଛି। ଏମିତି ଅନେକ ପାଠକ ଅଛନ୍ତି ଯେଉଁମାନେ ପତ୍ରିକାଟି ହାତକୁ ଆସିବା ମାତ୍ରକେ ଶେଷ ପୃଷ୍ଠାରେ ସ୍ଥାନିତ ଏହି ଓବିଚୁଆରି ସ୍ତମ୍ଭଟିକୁ ପ୍ରଥମେ ପଢ଼ିବାକୁ ଭଲ ପାଆନ୍ତି। ଏଗୁଡିକ ଶୋକଗାଥା ନୁହେଁ; ବରଂ ପ୍ରଭାବଶାଳୀ, ଅଦ୍ଭୁତ କିମ୍ବା ଶବ୍ଦହୀନ ମର୍ଯାଦାରେ ପରିପୂର୍ଣ୍ଣ ଜୀବନକୁ ଅନ୍ତିମ ରୂପରେ ସଜାଇବାର ଏକ ପ୍ରକ୍ରିୟା। ଏହି ଓବିଚୁଆରିର ଲେଖକମାନେ ଅନେକ ସମୟରେ ଏହି ଲେଖା ଗୁଡ଼ିକରେ ରସିକତା, ବ୍ୟଙ୍ଗ, ନାଟକୀୟତା ଓ ମୃଦୁ ଅନାଦର ମଧ୍ୟ ଯୋଡ଼ି ଦିଅନ୍ତି, ଏମିତି ଭାବରେ ଚରିତ୍ର ଚିତ୍ରଣ କରନ୍ତି, ଯାହା ପାଠକର ମନରେ ଚିରଦିନ ପାଇଁ ଗୁନ୍ଥି ହୋଇ ରହିଯାଏ। ଗୋଟିଏ କୌତୂହଳପୂର୍ଣ୍ଣ ସତ୍ୟ ହେଲା - ଅନେକ ମୃତ୍ୟୁଲେଖ ବ୍ୟକ୍ତିଟିର ଜୀବିତ ଥିବା ଅବସ୍ଥାରେ ଲେଖା ହୋଇଥାଏ। ଏହି ପୂର୍ବ ପ୍ରସ୍ତୁତି ବ୍ୟକ୍ତି ଜଣକର ଜୀବନର ସାରକଥାଟି ଅତି ଯତ୍ନର ସହ ଲେଖା ହେବା କଥାଟି ନିଶ୍ଚିତ କରେ। ଶୋକୋଚ୍ଛ୍ୱାସର କୁହୁଡ଼ି ଭିତରେ ଯେମିତି ଲେଖାଟି ତରବରିଆ ଭାବରେ ବାଟବଣା ହୋଇ ନ ଯାଏ। ଏମିତି ଭାବରେ ଏକ ପ୍ରକାରର ଅନ୍ତରଙ୍ଗତା ଭିତରେ ହିଁ ଲେଖାଟି ଲେଖା ହୋଇଯାଏ।

ଆମ ଦେଶର ବିଖ୍ୟାତ ବ୍ୟଙ୍ଗବିତ ଖୁସୱନ୍ତ ସିଂହ ଏମିତି ଗୋଟିଏ ଧାରଣାକୁ ବ୍ୟବହାର କରି ପ୍ରସ୍ତୁତ କରିଛନ୍ତି 'ପୋସ୍ଥୁମାସ' ନାମକ ତାଙ୍କର ଏକ କ୍ଷୁଦ୍ର ଗଳ୍ପ। ସେଥିରେ ସେ ତାଙ୍କ ନିଜର ମୃତ୍ୟୁଲେଖ କେମିତି ଲେଖା ହେବ ସେ ବିଷୟରେ କୌତୂହଳୀ ହୋଇ ପଡ଼ିଛନ୍ତି। ଗଳ୍ପରେ ସର୍ଫି ନାମକ ଚରିତ୍ର, ଯିଏ ଗଳ୍ପନାୟକଙ୍କ ପ୍ରତି ଈର୍ଷାପରାୟଣ, ଖବରକାଗଜରେ ତାଙ୍କର ମୃତ୍ୟୁଲେଖ ପ୍ରସ୍ତୁତ କଲାବେଳେ ତାଙ୍କର କୃତିତ୍ୱଗୁଡିକୁ ସମ୍ପୂର୍ଣ୍ଣ ଅଣଦେଖା କରି ପକାଇଛି ଓ ପ୍ରକାଶ କରିଛି ଏକ ନଗଣ୍ୟ ଓବିଚୁଆରି ନୋଟିସ। ସ୍ୱାଭାବିକ ଭାବେ ନାୟକ ଖୁସୱନ୍ତ ସିଂହ ସର୍ଫିର ଏହି କୃତକର୍ମରେ ବିମର୍ଷ ଅନୁଭବ କରିଛନ୍ତି। ଭାରତୀୟ ପ୍ରେକ୍ଷାପଟରେ ମୃତ୍ୟୁ ପରର ଅପମାନକୁ ନେଇ ଏକ ମଜାଦାର କାହାଣୀ ସୃଷ୍ଟି ହୋଇଛି।

ସମାଧି ଫଳକ ବା 'ଏପିଟାଫ'ରେ ଲେଖା ଶେଷକଥା ଗୁଡ଼ିକ ପ୍ରାୟତଃ ଆଶ୍ଚର୍ଯ୍ୟଜନକଭାବେ ହାସ୍ୟରସପୂର୍ଣ୍ଣ ହୋଇଥାଏ। ପ୍ରଖ୍ୟାତ ନାଟ୍ୟକାର ଓ କବି ସେକସପିଅର ତାଙ୍କର ସମାଧି ଫଳକରେ ତାଙ୍କର ଅସ୍ଥି କଙ୍କାଳକୁ ବିରକ୍ତ ନ କରିବା ପାଇଁ ଅନ୍ୟମାନଙ୍କୁ ଅନୁରୋଧ ଜଣାଇଛନ୍ତି ଓ ଯିଏ ତାଙ୍କ ଅନୁରୋଧ ରକ୍ଷା ନ କରିବ ତାକୁ ଧମକ ଦେଇଛନ୍ତି । ଏହା ଗୋଟିଏ କାବ୍ୟିକ ପ୍ରରୋଚନା, ଯାହା ତାଙ୍କ ସମୟରେ କବରରୁ କଙ୍କାଳ ଚୋରି କରିନେବାର ଏକ ପ୍ରଚଳିତ ରୀତି ପ୍ରତି ତାଙ୍କର କଟାକ୍ଷ ମଧ୍ୟ।

ଅନ୍ୟମାନେ ମଧ୍ୟ ଖୁବ ରସିକତା କରିଥାନ୍ତି କବର ଉପରେ ଖୋଦେଇ କରାଯାଉଥିବା ସ୍ମାରକୀ ଲିପି ଗୁଡ଼ିକ ମାଧ୍ୟମରେ। କାର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ କବରର ସ୍ମୃତିଲେଖରେ ଲେଖା ହୋଇଛି, "ଦେଖ, ଶୋଇଛନ୍ତି ଏଠି ଜନାଥନ ବ୍ଲେକ, ଏକସେଲେରେଟର ଚାପିଦେଲେ ଭାବି ତାକୁ ବ୍ରେକ'। ଏହି ଧାଡ଼ିଟି ପଢି କିଏ ନିଜର ହସକୁ ରୋକି ପାରିବ କହିଲେ ? ପାଶ୍ଚାତ୍ୟ ସଭ୍ୟତାରେ ମୃତ୍ୟୁ ପ୍ରତି ଏମିତି ରସପୂର୍ଣ୍ଣ, ହାଲୁକା ମନୋଭାବ ଆମମାନଙ୍କୁ ଟିକେ ଖାପଛଡ଼ା ଲାଗିପାରେ କାରଣ ଆମ ସଭ୍ୟତାରେ ମୃତ୍ୟୁକୁ ଆମେ ଗମ୍ଭୀରତାର ସହ ନେଇଥାଉ। ଆମକୁ ଛାଡ଼ି ଯାଇଥିବା ଆତ୍ମାଟିର ସ୍ମୃତି ପ୍ରତି ସଦା ସମ୍ମାନ ଜଣାଇବାକୁ ଚେଷ୍ଟା କରୁ କାରଣ ଏହି ଦିବଂଗତ ଆତ୍ମା ପରମାତ୍ମାଙ୍କ ସତ୍ତାରେ ବିଲୀନ ହୋଇ ଦେବତ୍ୱର ଅଂଶ ହୋଇଯାଇଥାଏ ବୋଲି ଆମେ ଧରି ନେଇଥାଉ। ଏମିତି ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଆମେ 'ଗୀତା' କି 'ଭାଗବତ'ର ତତ୍ତ୍ୱପୂର୍ଣ୍ଣ ଉଦ୍ଧୃତି ଗୁଡ଼ିକ ଲୋଡ଼ିଥାଉ। ମୃତ୍ୟୁ କିମ୍ବା ଦିବଂଗତ ବ୍ୟକ୍ତିଙ୍କ ବିଷୟରେ ନିତିଦିନିଆ ହାଲୁକା ଆଚରଣକୁ ଆମେ ଆତ୍ମାଟି ପ୍ରତି ଅସମ୍ମାନ ଓ ଅଭକ୍ତିର ସୂଚନା ବୋଲି ଭାବୁ। କିନ୍ତୁ ପାଶ୍ଚାତ୍ୟ ସଂସ୍କୃତିରେ ମୃତ ବନ୍ଧୁ କିମ୍ବା ସମ୍ପର୍କୀୟଟି ପ୍ରତି ଏପିଟାଫରେ ଏମିତି ମଜାଳିଆ ଭଙ୍ଗୀରେ ଶେଷ ଲେଖା ଲେଖିବା ଦ୍ୱାରା ସେମାନେ ସ୍ମୃତିକୁ ସୁଖକର ଓ ଉଲ୍ଲାସପୂର୍ଣ୍ଣ କରି ତୋଳନ୍ତି। କାରଣ ଯାହାକୁ ଆମେ ସମାଧି ଫଳକଟି ପାଖକୁ ଆସି ମନେ ପକାଉଛୁ, ସେ କିଛିଦିନ ତଳେ ଆମରି ପରି ସାଧାରଣ ମଣିଷଟିଏ ଥିଲା ; ଜୀବନ ସଂଗ୍ରାମରେ ମାତିଥିଲା, ବିଜୟ ଓ ବିଫଳତା ଭିତର ଦେଇ ତା'ର ଜୀବନ କାଟୁଥିଲା। ତେଣୁ ଫଳକ ଲିପିଟି ତାର ସ୍ମୃତିର ଏକ ଆନ୍ତରିକ ସ୍ୱରୂପ ହେବା ଉଚିତ।

ମୃତ୍ୟୁ ସମ୍ପର୍କିତ ଆଉ ଏକ ପ୍ରକାରର ଲେଖା ସୃଷ୍ଟି ହୁଏ ଆମରି ଭିତରୁ କିଛି ଲୋକଙ୍କର 'ମୃତ୍ୟୁ ପାଖାପାଖି ଅନୁଭବ' (Near Death Experience) କୁ ନେଇ। ଏହି ବିରଳ ଅନୁଭବରୁ ସୃଷ୍ଟି ହେଉଥିବା ଉପାଖ୍ୟାନ ସୃଜନଶୀଳ ସାହିତ୍ୟରୁ କୌଣସି ଗୁଣରେ କମ ନୁହେଁ। ଏମାନେ ମୃତ୍ୟୁର ଉପତ୍ୟକା ପାଖକୁ ଯାଇ, ସେଠି କିଛି ସମୟ କଟାଇ, ଅମୂଲ୍ୟ ଅନୁଭବ ସବୁ ଧରି ପୁଣି ଫେରି ଆସିଥାନ୍ତି ଆମରି ପାଖକୁ। ମୃତ୍ୟୁର ଇଲାକା ନିକଟବର୍ତ୍ତୀ ହେବା ବେଳେ ସେମାନଙ୍କର ଅଭିଜ୍ଞତା ବଖାଣିବାକୁ ଯାଇ ସେମାନେ ଉଜ୍ଜ୍ୱଳ ଆଲୋକରେ ଉଦ୍ଭାସିତ ଗୋଟିଏ ସୁଡ଼ଙ୍ଗ ପଥରେ ଯାତ୍ରା କରୁଥିବା କଥା ବର୍ଣ୍ଣନା କରନ୍ତି। ସେମାନେ ପୁଣି କହନ୍ତି ତାଙ୍କର ମୃତ ଆତ୍ମୀୟମାନଙ୍କ ସହ ସାକ୍ଷାତର କଥା ଆଉ ନିଜ ଜୀବନ ଅଭିଜ୍ଞତାର ଏକ ସଦୃଶ୍ୟ ପୁନରାବୃତ୍ତିର କଥା। ଏହି ବିବରଣୀ ଗୁଡ଼ିକ ଆଧ୍ୟାତ୍ମିକ, ସ୍ନାୟବିକ ଓ ମନସ୍ତାତ୍ତ୍ୱିକ ରୂପକ ଓ ଆତ୍ମ-ବିଶ୍ଳେଷଣରେ ପରିପୂର୍ଣ୍ଣ। ଏହି ସବୁ ବିବରଣୀରେ ଏକ ଅଦ୍ଭୁତ ବିଶ୍ୱାସଯୋଗ୍ୟତା ଓ ଆକର୍ଷଣ ଥାଏ।

ମୃତ୍ୟୁ ସମ୍ପର୍କିତ ଶବ୍ଦ ସବୁ କେବଳ ବିଷଣ୍ଣ ନୁହନ୍ତି, ଅନେକ ସମୟରେ ସେଗୁଡ଼ିକ ମହିମାନ୍ୱିତ। ଏଗୁଡ଼ିକ ଜୀବନର ଯନ୍ତ୍ରଣା ଓ ଶେଷ ସମାପ୍ତିର ସୌନ୍ଦର୍ଯ୍ୟକୁ ସଂକ୍ଷେପରେ ପ୍ରକାଶ କରନ୍ତି। ଜୀବନର ଚୂଡ଼ାନ୍ତ ମୁହୂର୍ତ୍ତରେ କ୍ଷୀଣସ୍ୱରରେ ଉଚ୍ଚାରିତ ଶବ୍ଦ, ପଥରରେ ଖୋଦେଇ କରାଯାଇଥିବା ଧାଡ଼ି କିମ୍ବା ଆବେଗପୂର୍ଣ୍ଣ ଭାଷାରେ ଲେଖାଯାଇଥିବା ଓବିଚୁଆରି ଅବା କବିର କଳ୍ପନା-ପ୍ରସୂତ ଅନ୍ତ୍ୟେଷ୍ଟି ଗାଥା (ଏଲିଜି) - ଏ ସମସ୍ତ ଆମକୁ ମନେ ପକେଇ ଦିଅନ୍ତି ଯେ ଭାଷାର ଶକ୍ତି ମୃତ୍ୟୁକୁ ଅତିକ୍ରମ କରି ପାରେ। ମୃତ୍ୟୁ କଣ୍ଠସ୍ୱରକୁ ନିଷ୍ପ୍ରଭ କରିଦେଇ ପାରେ, କିନ୍ତୁ ଶବ୍ଦ ଗୁଡ଼ିକର ସୁବାସକୁ କରେ ସହସ୍ର ଗୁଣିତ।

## 'ଓଡ଼ିଆ ଅସ୍ମିତା' ଗଲା କୁଆଡ଼େ ?

# କାହା ସ୍ୱାର୍ଥରେ ଏଚ୍‌ପିସି ?






ସନାତନ ପାଣି

୨୦୨୪ ସାଧାରଣ ନିର୍ବାଚନ ଠାରୁ 'ଓଡ଼ିଆ ଅସ୍ମିତା' ଶବ୍ଦଟିର ବହୁଳ ବ୍ୟବହାର ହେଉଛି । ଗତ ସାଧାରଣ ନିର୍ବାଚନରେ ବିଜେଡିକୁ ଧରାଶାୟୀ କରି ବିଜେପି ଓଡ଼ିଶାରେ କ୍ଷମତାସୀନ ହେବା ପଛରେ 'ଓଡ଼ିଆ ଅସ୍ମିତା' ଏକ ଅମୋଘ ଅସ୍ତ୍ର ସାବ୍ୟସ୍ତ ହୋଇଥିଲା ବୋଲି ପର୍ଯ୍ୟବେକ୍ଷକ ମାନେ କହୁଛନ୍ତି । ତେବେ କଣ ପ୍ରକୃତରେ ଏହି "ଅସ୍ମିତା"? ଓଡ଼ିଆ ଅଭିଧାନ ଦେଖିଲେ ଏହାର ଉତ୍ତର ମିଳେ "ପରିଚୟ", "ସ୍ୱାଭିମାନ" ବା "ଗର୍ବ"। ତେଣୁ କୁହାଯାଇ ପାରେ ଯେ "ଓଡ଼ିଆ ଅସ୍ମିତା"ର ଅର୍ଥ ଓଡ଼ିଶାର ପରିଚୟ, ସ୍ୱାଭିମାନ, ଭାଷା, ସଂସ୍କୃତି ଓ ଐତିହ୍ୟ ।

ଇତି ମଧ୍ୟରେ ବିଜେପି ସରକାରଙ୍କୁ ବର୍ଷେ ପୁରିଲାଣି। ଏହି ସମୟ ମଧ୍ୟରେ ଓଡ଼ିଆ ଜନ ଜୀବନର ଅନ୍ୟାନ୍ୟ କ୍ଷେତ୍ରରେ "ଓଡ଼ିଆ ଅସ୍ମିତା" କେତେଦୂର ପ୍ରତିଫଳିତ ହୋଇଛି, ତାହାର ହିସାବ ନିକାଶ ସଂପୃକ୍ତ କ୍ଷେତ୍ରର ବିଶେଷଜ୍ଞ ମାନେ କରିବେ । କିନ୍ତୁ କ୍ରୀଡ଼ା କ୍ଷେତ୍ର କଥା ବିଚାର କଲେ ଏକଥା ନିଶ୍ଚିତ ଭାବେ କୁହାଯାଇ ପାରିବ ଯେ ଏଠି "ଓଡ଼ିଆ ଅସ୍ମିତା" କ୍ରମାଗତ ଭାବେ ଭୁଲୁଣ୍ଠିତ ହୋଇ ଚାଲିଛି ।

ଓଡ଼ିଶା ମାଟିରେ ଜନ୍ମହୋଇ ଏହାର ପାଣି ପବନରେ ବଢ଼ିଥିବା ଖେଳାଳିମାନେ ମୌଳିକ ସୁବିଧା ସୁଯୋଗ ଅଭାବରୁ ନିଜ ପ୍ରତିଭାର ବିକାଶ ପାଇଁ ସଂଘର୍ଷ କରୁଥିବା ବେଳେ ବାହାର ରାଜ୍ୟରୁ ଖେଳାଳି ଆମଦାନୀ କରି ସେମାନଙ୍କୁ ରାଜକୀୟ ଆତିଥ୍ୟ ପ୍ରଦାନ ସହ ଓଡ଼ିଶାର ଗର୍ବ ଓ ଗୌରବ ବୋଲି ଅଭିହିତ କରାଯାଉଛି । ଏନେଇ ଓଡିଶା ଖେଳାଳିଙ୍କ ମନରେ କୁହୁଳୁଥିବା ଅସନ୍ତୋଷ କ୍ରମଶଃ ତୀବ୍ର ହେବା ସହିତ ରାଜ୍ୟର କ୍ରୀଡ଼ା ବାତାବରଣ ଉଦବେଗଜନକ ସ୍ଥିତିରେ ପହଞ୍ଚିଲାଣି ।

ସବୁଠାରୁ ବଡ଼ ଚିନ୍ତାର ବିଷୟ ଯେ "ଓଡ଼ିଆ ଅସ୍ମିତା"ର ମୂଳଦୁଆ ଉପରେ ଦଣ୍ଡାୟମାନ ଖୋଦ ରାଜ୍ୟ ସରକାର ଏହି ବିଚିତ୍ର ବ୍ୟବସ୍ଥାର ମଙ୍ଗୁଆଳ ହୋଇ ଏହାକୁ ପ୍ରୋତ୍ସାହିତ କରିଆସୁଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ହକି, ଆଥଲେଟିକ୍ସ, ଜିମ୍ନାଷ୍ଟିକସ, ଭାରୋତ୍ତୋଳନ, ସନ୍ତରଣ ଓ ଖୋଖୋ ଆଦି ଛଅଟି ଖେଳରେ କାର୍ଯ୍ୟ କରୁଥିବା ଉଚ୍ଚ ପ୍ରଦର୍ଶନ କେନ୍ଦ୍ର ବା ହାଇ ପରଫର୍ମାନସ ସେଣ୍ଟର (ଏଚପିସି) ଗୁଡ଼ିକ ପାଲଟିଛି ଆମଦାନୀ ଖେଳାଳିଙ୍କ ଥଇଥାନ ଓ ପ୍ରୋତ୍ସାହନର ପେଣ୍ଠସ୍ଥଳ । ୨୦୧୮ରେ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାର ଏହି ଏଚପିସି ପ୍ରତିଷ୍ଠା ଲାଗି ଟାଟା, ରିଲାଏନ୍ସ, ଜିନ୍ଦଲ ଷ୍ଟିଲ ଓ ଆର୍ସେଲର ମିତ୍ତଲ/ନିପ୍ପନ ଷ୍ଟିଲ ଆଦି ଘରୋଇ କର୍ପୋରେଟ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏଚପିସି ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆନ୍ତର୍ଜାତିକ ସ୍ତରରେ କୃତିତ୍ୱ ହାସଲ ପାଇଁ ଖେଳାଳିମାନଙ୍କୁ ଓଡ଼ିଶା ଭିତରେ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ତାଲିମ ଓ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦେବା । ସେତେବେଳେ ସରକାର କହିଥିଲେ ଯେ ଆମେ ଏଚପିସି ପ୍ରତିଷ୍ଠା ପାଇଁ ଭିତ୍ତିଭୂମି ସହିତ ଓ ବିଜୁଳି ପାଣି ଆଦି ଆନୁସଙ୍ଗିକ ସୁବିଧା ଯୋଗାଇ ଦେବୁ ଓ ଏହାର ରକ୍ଷଣାବେକ୍ଷଣ କରିବୁ । ପ୍ରଶିକ୍ଷଣ ପ୍ରଦାନ ଓ ଏଚପିସି ଚଳାଇବା ଦାୟିତ୍ୱ ତୁଲାଇବେ ସହଭାଗୀ କମ୍ପାନୀ । ତେବେ ଏଥିପାଇଁ କିଏ କେତେ ଖର୍ଚ୍ଚ କରିବେ ସେ ସମ୍ପର୍କରେ କିଛି କୁହାଯାଇ ନ ଥିଲା । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଖେଳାଳିଙ୍କ ଖାଇବା, ରହିବା, ଖେଳ ଉପକରଣ, ପ୍ରତିଯୋଗିତାରେ ଅଂଶଗ୍ରହଣ, ପାଠପଢ଼ା, ଔଷଧପତ୍ର ଓ ବୀମା ଆଦି ବାବଦ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରି ଆସୁଛନ୍ତି । ସେହିପରି ଏଚପିସିର ଅଧିକାଂଶ ପ୍ରଶିକ୍ଷକ, ସହାୟକ ତଥା ପରିଚାଳନା ଓ ପ୍ରଶାସନିକ କର୍ମଚାରୀଙ୍କ ଦରମା ମଧ୍ୟ ଦେଉଛନ୍ତି ରାଜ୍ୟ ସରକାର । ଏଥିପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି ଟିକସଦାତାଙ୍କ କୋଟି କୋଟି ଟଙ୍କା । କିନ୍ତୁ ସ୍ୱଳ୍ପ ପୁଞ୍ଜି ବିନିଯୋଗ କରି ଅଧିକ ନାଁ କମାଉଛନ୍ତି କର୍ପୋରେଟ କମ୍ପାନୀ ।

ଏଚପିସି ପାଇଁ ପ୍ରଶିକ୍ଷାର୍ଥୀ ମନୋନୟନ କରିବା ଦାୟିତ୍ୱ କମ୍ପାନୀ ହାତରେ ନ୍ୟସ୍ତ ଥିବାରୁ ସେମାନେ ଆପଣାଇଛନ୍ତି "ମାଛ ତେଲରେ ମାଛ ଭାଜିବା" ନୀତି । ରାଜ୍ୟ ସରକାରଙ୍କ ପରିଚାଳିତ ବିଭିନ୍ନ କ୍ରୀଡ଼ା ଛାତ୍ରାବାସରୁ ତାଲିମପ୍ରାପ୍ତ ଖେଳାଳିଙ୍କୁ ଆଣି ସେମାନଙ୍କୁ କମ୍ପାନୀ ଜର୍ସି ପିନ୍ଧାଇ କରିଦିଆ ଯାଉଛି ଏଚପିସି ପ୍ରଶିକ୍ଷାର୍ଥୀ । ସେହିପରି ଏଚପିସି ପାଇଁ ପଦକ ଜିତିବା ସକାଶେ ବାହାର ରାଜ୍ୟରୁ କିଛି ନାମୀଦାମୀ ଖେଳାଳିଙ୍କୁ ଆମଦାନୀ କରାଯାଉଛି । ଏବେ ସେହି ଆମଦାନୀ ଖେଳାଳି ପାଲଟିଛନ୍ତି ଓଡ଼ିଶାର ପରିଚୟ ଓ ଗର୍ବ । ସେମାନଙ୍କ ପ୍ରଶଂସାରେ ଶତମୁଖ ରାଜ୍ୟ ସରକାର । ବିଦେଶ ଗସ୍ତରେ ଯାଇ ଅତ୍ୟାଧୁନିକ ତାଲିମ ନେବା ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଜନିତ ସମ୍ପୃକ୍ତ ଖେଳାଳିଙ୍କ ସମସ୍ତ ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି ସରକାର । ରାଜ୍ୟ ଓ ଜାତୀୟ ଦଳର ପ୍ରତିନିଧିତ୍ୱ ପାଇଁ ସେମାନଙ୍କୁ ମିଳୁଛି ଅଧିକ ସୁଯୋଗ । ପଦକ ବିଜୟ ପାଇଁ ସେମାନେ ପାଉଛନ୍ତି ଆକର୍ଷଣୀୟ ଅର୍ଥ ପୁରସ୍କାର ଓ ସମ୍ମାନ ।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ବିଭିନ୍ନ ଏଚପିସିରେ ଏବେ ସାମିଲ ଅଛନ୍ତି ପ୍ରାୟ ୬୦ ଜଣ ବାହାର ରାଜ୍ୟର ଖେଳାଳି । ସେମାନଙ୍କ ମଧ୍ୟରୁ ଅନିମେଷ କୁଜୁର (ଆଥଲେଟିକ୍ସ), ପ୍ରଣତି ନାୟକ, ଅଦିତି, କରିସ୍ମା, ଆଜାଦ ଲସ୍କର, ଆଲୋକ କୁମାର (ସମସ୍ତେ ଜିମ୍ନାଷ୍ଟିକସ), ପ୍ରେମଦୟାଲ ଗିରି, ପ୍ରଦୀପ ମଣ୍ଡଳ, ମୁନମୁନି ଦାସ (ସମସ୍ତେ ହକି), ଅଂଶୁମାନ ବଶିଷ୍ଠ, ଅଭିନବ କୁମାର ସିଂ, ଅରୀତ୍ର ମଲ୍ଲିକ, ଆୟୁଶ୍ରୀ ଦତ୍ତ, ସାହୀତା ଘୋଷ, ଧାନବି ଭୌମିକ (ସମସ୍ତେ ସନ୍ତରଣ) ପ୍ରମୁଖ ଜଣାଶୁଣା ନାମ । ଅତୀତରେ ଦେଶର ଅନ୍ୟତମ ତାରକା ଆଥଲେଟ ଜ୍ୟୋତି ୟାରାଜି ମଧ୍ୟ ସାମିଲ ହୋଇଥିଲେ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଏଚପିସିରେ ।

ଏଚପିସିକୁ ବାହାର ଖେଳାଳିଙ୍କ ଯିବା ଆସିବା ଲାଗି ରହୁଥିଲେ ମଧ୍ୟ ସରକାର କିମ୍ବା ଅଂଶୀଦାର କମ୍ପାନୀଙ୍କ ପକ୍ଷରୁ ସେମାନଙ୍କ ନାମ ପ୍ରକାଶ କରାଯାଉନାହିଁ । ଖାଲି ଖେଳାଳି ନୁହଁନ୍ତି; ଏଚପିସିରେ କାମ କରୁଥିବା ଶତାଧିକ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ବାହାର ରାଜ୍ୟର । ଟାଟା ପରିଚାଳିତ ହକି ଏଚପିସିକୁ ଛାଡି ଅନ୍ୟ କାହାର ୱେବସାଇଟ ନାହିଁ । ତେଣୁ ଗୁପ୍ତ ରହୁଛି କାର୍ଯ୍ୟକଳାପ। ଅନ୍ୟ ପକ୍ଷରେ ଏଚପିସି ପ୍ରତିଷ୍ଠା ଓ ପରିଚାଳନା ପାଇଁ ଭିତ୍ତିଭୂମି ଓ ସିଂହଭାଗ ଅର୍ଥ ଓଡ଼ିଶା ସରକାର ଯୋଗାଉଥିବା ବେଳେ ରାଜ୍ୟର ଦେଶୀ ଖେଳାଳି ଓ ପ୍ରଶିକ୍ଷକ ଉପେକ୍ଷିତ ହେଉଛନ୍ତି । ରାଜ୍ୟ ଓ ଜାତୀୟ ଦଳରେ ସ୍ଥାନ ପାଇବାରୁ ସେମାନଙ୍କୁ ବଂଚିତ କରୁଛନ୍ତି ବାହାର ଖେଳାଳି । ଆମଦାନୀ ଖେଳାଳିଙ୍କ ଖାଇବା, ରହିବା ଓ ଯାତାୟାତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ସ୍ଥଳେ ହୀନିମାନ ହେଉଛନ୍ତି ଦେଶୀ ଖେଳାଳି । ଏହା କଣ ଓଡ଼ିଆ ଅସ୍ମିତା ? ବୁଝାମଣାପତ୍ର ପ୍ରସ୍ତୁତି ବେଳେ ଏ ଦିଗ ପ୍ରତି କାହିଁକି ଧ୍ୟାନ ଦିଆଯାଇ ନଥିଲା ? କାହା ସ୍ୱାର୍ଥ ସାଧନ ପାଇଁ ପ୍ରତିଷ୍ଠା ହୋଇଛି ଏଚପିସି -- ଓଡ଼ିଶା ମାଟିର ଖେଳାଳିଙ୍କ ନା ଘରୋଇ କମ୍ପାନୀଙ୍କ ? ଗତ ସାତ ବର୍ଷ ମଧ୍ୟରେ ରାଜ୍ୟରୁ କେତେ ବ୍ୟାବସାୟିକ ସୁବିଧା ପାଇଛନ୍ତି ଏଚପିସିରେ ଭାଗିଦାର କମ୍ପାନୀ ? ଉତ୍ତର ଦେବେ କି ରାଜ୍ୟ ସରକାର ? କ୍ଷମତାକୁ ଆସିବା ପରେ ଏ ଦିଗରେ କେବେ ତର୍ଜମା କରିଛନ୍ତି କି ମୋହନ ଚରଣ ମାଝୀଙ୍କ ବିଜେପି ସରକାର ?

ବହୁ ପୂର୍ବତନ ଜାତୀୟ ଓ ଆନ୍ତର୍ଜାତିକ ଖେଳାଳି, ପ୍ରଶିକ୍ଷକ ତଥା ପର୍ଯ୍ୟବେକ୍ଷକ ଓ ସମୀକ୍ଷକଙ୍କ ପ୍ରଶ୍ନ: ଏଚପିସି ପ୍ରତିଷ୍ଠା ସତ୍ତ୍ୱେ ଜାତୀୟ ଓ ଆନ୍ତର୍ଜାତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବା କ୍ଷେତ୍ରରେ ଅନ୍ୟାନ୍ୟ ବହୁ ରାଜ୍ୟଠାରୁ ଓଡ଼ିଶା ପଛୁଆ କାହିଁକି? କାହିଁକି ହଜି ଯାଉଛନ୍ତି ଉଦୀୟମାନ ପ୍ରତିଭା ଓ କମିଯାଉଛି ଜାତୀୟ ଦଳରେ ଓଡ଼ିଆ ଖେଳାଳିଙ୍କ ପ୍ରତିନିଧିତ୍ୱ? ବ୍ୟବସାୟିକ ଓ ରାଜନୈତିକ ଫାଇଦା ହାସଲ ପାଇଁ ଏଚପିସି ଏକ 'ଜୁମଲା' ନୁହେଁ ତ ?

କଥାଟିଏ କହୁଁ-୬




ପ୍ରଶାନ୍ତ ନନ୍ଦ

# 'ନୂଆବୋଉ' ସିନେମାର ମହୁରତ୍

'ନୂଆବୋଉ' । ଯାହା ଥିଲା ମୋ ଜୀବନର ଦ୍ୱିତୀୟ ଚଳଚ୍ଚିତ୍ର। ମନ ଖାଲି ଆକାଶକୁ ଛୁଇଁ ଯାଉଥାଏ, କାହିଁକି ନା ସେ ଫିଲିମ୍‌ରେ ଖାଲି ମୁଁ ହିଁ ମୁଁ। ମୂଳରୁ ଶେଷ ପର୍ଯ୍ୟନ୍ତ ମୋର ପାର୍ଟ। ଭାଗ୍ୟରେ ଥିଲେ ଏମିତି ରୋଲ୍ ମିଳେ। 'ଦସ୍ୟୁ ରତ୍ନାକର'ରେ ମୋର ଜମା ଚାରି ପାଞ୍ଚଟା ସିନ୍ ଥିଲା, ହେଲେ ଏ ଫିଲିମ୍? ପୁରା ଝମ୍‌ଝମାଳିଆ। ଆରମ୍ଭ ହେଲା (ମାନେ ଯାହାକୁ କହନ୍ତି ମହୁରତ) ଜଗନ୍ନାଥଙ୍କ ରଥଯାତ୍ରା ଦିନ, ତା'ପୁଣି ପୁରୀରେ। ଭିଡ଼ ଏମିତି ଯେ ଥାଳିଆ ମାରିଥିଲେ ମୁଣ୍ଡ ଉପରେ ଛତୁରଛାଳ୍ ହୋଇ ଉଡ଼ିଯିବ। ଡାଇରେକ୍ଟର ସେଇ ବଙ୍ଗଳା ଭଦ୍ରଲୋକ ପ୍ରଭାତ ମୁଖାର୍ଜୀ। ସକାଳୁ ଧୀର ଭାଇ କହିଦେଇଥାଆନ୍ତି, "ଆଜି ରଥଯାତ୍ରା, ଶୁଭଦିନ; ଆମେ ସମସ୍ତେ ଉପାସ କରିବା। ସୁଟିଂ ସରିବା ପରେ ଯାଇ ଯାହା ଖିଆପିଆ।" ମୋ ସାଙ୍ଗରେ ବିଜୟ ବୋଲି ଆଉ ଗୋଟିଏ ପିଲା ଥାଏ। ସେ 'ମା' ସିନେମାରେ ଗୋଟେ ପିଲାର ପାର୍ଟ କରିଥିଲା। ତା'କୁ ଦିନକୁ ଚଉଷଠି ଥର ଭୋକ। ଧୀର ଭାଇ କଥା ଶେଷ ହେଇନି, ସେ ମତେ ଚୁମୁଟିକିରି କହିଲା "କ'ଣ ଖାଇବା? ମତେ ଭାରି ଭୋକ ହେଲାଣି।" ମୁଁ ତା'କୁ ଧମକେଇ ଦେଲି। "ଟିକେ ଚାପି ଯା, ସୁଟିଂ ସରିଗଲେ ପେଟ ଫଟେଇ ଖାଇବା।" ହେଲେ ତା'ର ଏକା ଜିଦ୍ "ନାଇଁ, ମୁଁ ଆଉ ଭୋକରେ ରହିପାରିବିନି। ମତେ ଦି ଅଣା ଦେ, ମୁଁ ଯାଇ କ'ଣ ଗୋଟେ ଖାଇ ଆସିବି।" ବାଧ୍ୟହୋଇ ମୋ ପ୍ୟାଣ୍ଟ୍‌ରୁ ଦି ଅଣା ତା'କୁ ଦେଲି। ସେ ଖୁସିହୋଇ କୁଆଡ଼େ ସେ ଭିଡ଼ ଭିତରେ ହଜିଗଲା। ଇଆଡ଼େ କ୍ୟାମେରାମ୍ୟାନ୍, କ୍ୟାମେରା ଧରି ରେଡ଼ି। ସେପଟେ ଡାଇରେକ୍ଟର ପ୍ରଭାତ ମୁଖାର୍ଜୀ ବି ରେଡ଼ି। ଧୀର ଭାଇ ଦି ଖଣ୍ଡ ଲୁଗା ନେଇକି ଆସିଲେ। ମତେ ପିନ୍ଧେଇ ଦେଲେ ଧୋତିଟା। ଭାରି ଅକଳିଆ ଲାଗୁଥାଏ। ତା'ପରେ ବିଜୟକୁ ଖୋଜା ପଡ଼ିଲା। ହେଲେ ସେ କାଇଁ? ଭିଡ଼ ଭିତରେ କୁଆଡ଼େ ମିଶି ଯାଇଛି। ମତେ ପଚାରିଲାଠୁଁ, ମୁଁ ଖାଲି ଏତିକି କହିଲି "ଜାଣିନି"। ଧୀର ଭାଇ ମୁଣ୍ଡ ଖରାପ। ଏ ଭିଡ଼ ଭିତରେ କୋଉଠୁ ମିଳିବ ସିଏ? ଇଆଡେ ଡାଇରେକ୍ଟର ବାହାରି ପଡ଼ିଲେଣି। ଧୀର ଭାଇ ଆଉ ଟିମା ଭାଇ ଦି'ଜଣ ଖଣ୍ଡେ ଖଣ୍ଡେ ଧୋତି ଆଉ ଗାମୁଛା ପିନ୍ଧି ସାରିଛନ୍ତି।

ଡାଇରେକ୍ଟରଙ୍କ ଭୟରେ, ଧୀର ଭାଇ ଗୋଟେ ପିଲାକୁ ଘୋଷାଡ଼ି ଆଣି ତା'କୁ ଆଉ ଗୋଟେ ଧୋତିରେ ଗୁଡ଼େଇ ଦେଇ ଆମକୁ ଧରି ଭିଡ଼ ଭିତରକୁ ଗଲା ବେଳକୁ ଆଗରୁ କ୍ୟାମେରାମ୍ୟାନ ଆଉ ଡାଇରେକ୍ଟର ଚାଲି ଯାଇ ଥାଆନ୍ତି। ଏପଟେ ଆମେ ପଶିବା ବେଳକୁ ସେ ଅଜଣା ପିଲାର ବାପା ମା' "ଆମ ଛୁଆକୁ ନେଇଗଲେ, ଧର ଧର" କହି ସେ ଭିଡ଼ ଭିତରେ। ଜଗନ୍ନାଥଙ୍କ ରଥ ପାଖରେ ଆମେ ପହଞ୍ଚିବା ବେଳକୁ ଗୋଟେ ଭିଡ଼ ପେଲାରେ କ୍ୟାମେରାମ୍ୟାନ ଆଉ ଡାଇରେକ୍ଟର ଠେଲି ହୋଇ ସୁଭଦ୍ରାଙ୍କ ରଥ ପାଖରେ। ଧୀରଭାଇଙ୍କର ବୁଦ୍ଧି ହଜିଗଲାଣି ସେତେବେଳକୁ। ପୁଣି ଟିମା ଭାଇ ମତେ ଆଉ ଧୀର ଭାଇ ସେ ପର ପିଲାଟିକୁ ନେଇ ସୁଭଦ୍ରାଙ୍କ ରଥ ଆଡ଼କୁ ଗଲା ବେଳକୁ ସେ ପିଲାର ବାପା ମା' ହାବୁଡ଼ିଗଲେ। ସିଏ ତା'ଙ୍କ ପୁଅକୁ ଘୋଷାଡୁଥାନ୍ତି ଆଉ ଧୀର ଭାଇ ତା' ହାତ ଖୁଆକୁ ଏମିତି ଜାବ ପକେଇ ଧରିଥାନ୍ତି ଯେ ଲାଗୁଥିଲା ଯେମିତି ସେ ପିଲାର ହାତଟା ତା ଦେହରୁ ଖସିଯିବ। ଏତିକିବେଳେ ପୁଣି ଗୋଟେ ପେଲାପେଲି ଆରମ୍ଭ ହେଇଗଲା ଯେ ଧୀର ଭାଇ ସେ ପିଲାର ହାତ ଛାଡ଼ି ଯାଇ ବଳଭଦ୍ରଙ୍କ ରଥ ପାଖରେ। ଆମେ କଷ୍ଟେମଷ୍ଟେ ସୁଭଦ୍ରାଙ୍କ ରଥ ଚକକୁ ଜବର କରି ଧରିଥାଉ। କ୍ୟାମେରାମ୍ୟାନ୍‌ର ଜମା ଦେଖା ଦର୍ଶନ ନାହିଁ। ସେ କୁଆଡ଼େ ଗଲେ କେଜାଣି? ମୁଁ ଖାଲି ଟିମା ଭାଇକୁ ପଚାରୁଥାଏ, "ମୋର ଡାଇଲଗ୍ କ'ଣ"? ତାଙ୍କର ଗୋଟାଏ ଉତ୍ତର, "ତୋ'ର ଯାହା ମନକୁ ପାଇବ ପୁଳାଏ କହିଯିବୁ।" ଏତିକି ବେଳେ ଭିଡ଼ ଭିତରେ ମୋ ଧୋତି ଖୋଲିଗଲା। ରକ୍ଷା କରିଛନ୍ତି ଜଗନ୍ନାଥେ, ମୁଁ ଗୋଟେ ହାପ୍ ପ୍ୟାଣ୍ଟ୍ ପିନ୍ଧିଥିଲି। ଧୋତିକୁ ହାତରେ ଜାକି କୌଣସି ମତେ ଟିମା ଭାଇ ଦେହରେ ଲାଗି ଲେପଟି ଯାଇଥାଏ। ଏଇ ଖୁନ୍ଦାଖୁନ୍ଦି ସମୟରେ ଦେଖିଲି ଧୀର ଭାଇ ଆମ ଆଡ଼କୁ ଆସୁଛନ୍ତି। ଆମେ ବି ତାଙ୍କ ଆଡ଼କୁ ମାଡ଼ି ଚାଲିଲୁ। ଧୀରଭାଇ କହିଲେ ଆସ, ଯୋଉଠୁ ବାହାରିଥିଲ, ସେଇଠିକି ପଳେଇ ଆସ। ତେଣୁ ଚାଲିଲୁ। ପୁଣି ଝାଳନାଳ ହେଇ, ଖୁନ୍ଦା ଧକ୍କା ଖାଇ ଖାଇ ପୁଣି ସେଇଠି ପହଞ୍ଚିଲୁ, ଯୋଉଠୁ ବାହାରିଥିଲୁ। ସେତେବେଳେ ସେଠି କ୍ୟାମେରାମ୍ୟାନ୍ ଆଉ ଡାଇରେକ୍ଟର ଆଗରୁ ପହଞ୍ଚି ଯାଇଥିଲେ। ଧୀର ଭାଇ କହିଲେ "ଶୁଣ, ସମସ୍ତେ ଏଇଠି ଅପେକ୍ଷା କର। ପହଣ୍ଡି ସରିଗଲେ ଭିଡ଼ କମିଯିବ। ସେତିକିବେଳେ ଯିବା ସୁଟିଂ କରିବାକୁ। ମୁଁ ପଣ୍ଡା ପଢ଼ିହାରୀ ସମସ୍ତଙ୍କୁ ବୁଝେଇ ଦେଇଛି। ମୁଁ ଯାଉଛି ସେ ମାଇକ୍‌ବାଲାକୁ କହି ବିଜୟକୁ ଆଗ ଆଣେ।" ସେ ଯେ ଗଲେ, ଭିଡ଼ ଭିତରେ ହଜିଗଲେ। ଆମେ ସେଇ ଗୋଟାଏ କଡ଼କୁ ସମସ୍ତେ ଠିଆ ହେଇଥାଉ। ଏତିକିବେଳେ ମାଇକ୍‌ରେ ଶୁଭିଲା, "ବିଜୟ ମହାନ୍ତି, ଯିଏ ଫିଲିମ୍‌ରେ ପାର୍ଟ କରିବାକୁ ଆସିଥିଲ, ଯୋଉଠୁ ଆସିଥିଲ ସେଇଠିକୁ ଯାଅ। ଧୀର ବିଶ୍ୱାଳ ତୁମକୁ ଖୋଜୁଛନ୍ତି"। ମାଇକ୍‌ରେ ଏ କଥା ସରିନି, ମତେ ପଛପଟରୁ କିଏ ଚୁମୁଟି ଦେଲା, ବୁଲି ଦେଖିଲା ବେଳକୁ ବିଜୟ। "ହଇରେ ତୁ କୁଆଡ଼େ ହଜି ଯାଇଥିଲୁ"? ମୁଁ ଆକଟ କରି କହିଲି। ସେ କହିଲା, "ନାଇଁ ତ! ମୁଁ ତ ଏଇ ପଛପଟ ବରା ଦୋକାନରେ ବରା ତରକାରୀ ଖାଇ ଆସୁଛି।"




ପୁଣି ଟିମା ଭାଇଙ୍କର ଚିନ୍ତା ଧୀର ଭାଇ କୁଆଡ଼େ ଗଲେ? ସେଇଠୁ ସିଏ ବାହାରିଲେ ମାଇକ୍‌ବାଲାଙ୍କ ପାଖକୁ। ଗଲେ ଯେ, ଭିଡ଼ ଭିତରେ ମିଳେଇ ଗଲେ ସାଙ୍ଗେ ସାଙ୍ଗେ। ପୁଣି କିଛି ସମୟ ପରେ ମାଇକ୍‌ରେ ଶୁଣାଗଲା, "ଧୀର ବିଶ୍ୱାଳ ବାବୁ, ଆପଣଙ୍କ ବିଜୟ ମହାନ୍ତି ମିଳି ଗଲେଣି। ଆପଣ ଶୀଘ୍ର ଆପଣ ଯୋଉଠି ଥିଲେ ସେଇଠିକୁ ଯାଆନ୍ତୁ"। କିଛି ସମୟ ପରେ ମୋଟା ପେଟବାଲା ଭିଡ଼କୁ ଧସେଇ ପସେଇ ବାହାରିଲା ବେଳକୁ, ବିଜୟ କହିଲା "ହେଇ ପରା ଧୀର ଭାଇ"। ସମସ୍ତେ ଏକାଠି ତ ହେଇଗଲୁ, ହେଲେ ଟିମା ଭାଇ ପୁଣି କୁଆଡ଼େ ଗଲେ? ଏଇ ଚିନ୍ତା ଘାରିଲା ଧୀରଭାଇଙ୍କୁ। ପୁଣି ଧୀର ଭାଇ ବାହାରିଲା ବେଳକୁ, ମୁଁ ବାଧ୍ୟହୋଇ କହିଲି "ଧୀର ଭାଇ, ତମେ ଆଉ ଏଠି ଲୁଚକାଳି ଖେଳନି। ଏଇଠୁ ହାତ ଯୋଡ଼ି ଜଗନ୍ନାଥଙ୍କୁ ଡାକ, ଟିମା ଭାଇଙ୍କୁ ଏଠିକି ପଠେଇ ଦିଅନ୍ତୁ।" ସାଙ୍ଗେ ସାଙ୍ଗେ ଧୀର ଭାଇ ଚଢ଼ା ଗଳାରେ କହିଲେ, "ନା ମୁଁ ଯାହା କହିବା କଥା ଜଗନ୍ନାଥଙ୍କୁ କହିସାରିଛି।



ପ୍ରଭାତ ମୁର୍ଖାଜୀ
୧୯୨୭-୧୯୯୭

ତା'ପରେ ହାତ ଯୋଡ଼ି ଧୀର ଭାଇ କହିବାକୁ ଲାଗିଲେ, "ହେ ଜଗନ୍ନାଥ, ମୋ ଫିଲିମ୍‌କୁ ହିଟ୍ କରେଇଦିଅ"। ମୁଁ ଫେଁ କରି ହସି ପକେଇଲି। ସୁଟିଂ ତ ଆରମ୍ଭ ହେଇ ପାରୁନି ଫିଲିମ୍‌ର- ପୁଣି ହିଟ୍ କ'ଣ କରେଇବେ? ଯାହାହଉ ଟିମା ଭାଇ ପହଞ୍ଚିଗଲେ। କିଛି ପଣ୍ଡା ପଢ଼ିଆରୀ ଗୋଟେ ବଡ଼ ଦଉଡ଼ା ନେଇ ଆସି ଗୋଟେ ଘେର କରିଦେଲେ। ସେଇ ଘେର ଭିତରେ ଆମେ ସମସ୍ତେ ରହିଲୁ, ଚାଲିଲୁ ନନ୍ଦିଘୋଷ ରଥ ଆଡୁକୁ। ଯେତେବେଳେ ସୁଟିଂ ଆରମ୍ଭ ହେଲା, ଧୀର ଭାଇ କହିଲେ, "ପ୍ରଶାନ୍ତ ଇଆଡ଼େ ଆ"। ମୁଁ ଦେଖିଲି ମୋ ଧୋତି ନାହିଁ। ଟିମା ଭାଇ ଧୋତିକୁ ଟାଣି ଗୁଡେଇ ହୋଇ ମୋ ପାର୍ଟ ସାରିଦେଲି। ହେଲେ ଟିମା ଭାଇ ବହୁ ପଛରେ ଡୋରିଆ ଅଣ୍ଡର ଓୟାର ପିନ୍ଧି ଜଗନ୍ନାଥଙ୍କୁ ଆଖିବୁଜି ମନାସୁଥାନ୍ତି ସେତେବେଳେ।



## ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍

# ବିରୋଧୀଙ୍କ ବିରୋଧ ଯଥାର୍ଥ କି ?

**ଆମ ଓଡ଼ିଶା ବ୍ୟୁରୋ**

ସଂସଦର ସଦ୍ୟ ସମାପ୍ତ ମୌସୁମୀ ଅଧିବେଶନରେ ସରକାର ପାଞ୍ଚ ବର୍ଷରୁ ଅଧିକ ସଜାର ବ୍ୟବସ୍ଥା ଥିବା ମାମଲାରେ ୩୦ ରୁ ଅଧିକ ଦିନ ଜେଲ ଯାଇଥିବା ପ୍ରଧାନମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ମନ୍ତ୍ରୀଙ୍କ ବହିଷ୍କାର ପାଇଁ ବିଲ୍ ଆଣିଛନ୍ତି । ସଂସଦର ଉଭୟ ଗୃହରେ ବିରୋଧୀ ଦଳଙ୍କ ତରଫରୁ ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ନାମରେ ପରିଚିତ ଏହି ବିଲ୍ କୁ ପ୍ରବଳ ବିରୋଧ କରାଯିବା ପରେ ଏବେ ଏହି ବିଲ୍ କୁ ବିଚାର ବିମର୍ଶ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠା ଯାଇଛି ।

ବିରୋଧୀ ଦଳ ଅଭିଯୋଗ କରୁଛନ୍ତି ଯେ ସଂସଦରେ ବିଲଟି ବିରୋଧୀ ଦଳର ମୁଖ୍ୟମନ୍ତ୍ରୀଙ୍କୁ ଗାଦିଚ୍ୟୁତ କରିବା ପାଇଁ ଏକ ଷଡ଼ଯନ୍ତ୍ର । ସେମାନେ ଆଶଙ୍କା କରୁଛନ୍ତି ଯେ ମୋଦୀ ସରକାର ବିଭିନ୍ନ କେନ୍ଦ୍ରୀୟ ଅନୁସନ୍ଧାନ ଏଜେନ୍ସିଙ୍କ ଦ୍ୱାରା ବିପକ୍ଷ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବିରୁଦ୍ଧରେ ମିଥ୍ୟା ମାମଲା ରୁଜୁ କରି ବା ପୁରୁଣା ମାମଲାରେ ସେମାନଙ୍କୁ ଗିରଫ କରି ସେମାନଙ୍କୁ କ୍ଷମତାଚ୍ୟୁତ କରିବାକୁ ଏକ ସୁଚିନ୍ତିତ ଯୋଜନା କରିଛନ୍ତି । ଅପର ପକ୍ଷରେ ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ କେନ୍ଦ୍ର ସରକାର କହିଛନ୍ତି ଯେ ଏହି ବିଲ କେବଳ ରାଜନୀତିର ଅପରାଧୀକରଣକୁ ରୋକିବାର ଏକ ପ୍ରୟାସ ମାତ୍ର । ଶୁକ୍ରବାର ଦିନ ପାଟନା ଠାରେ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି; "ଜଣେ ସରକାରୀ କର୍ମଚାରୀ ଯଦି ୫୦ ଘଣ୍ଟା ଜେଲରେ ରହିଲେ ଚାକିରି ହରାଇବେ, ତେବେ ଜଣେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ବା ପ୍ରଧାନ ମନ୍ତ୍ରୀ କିପରି ମାସେ ଜେଲରେ ରହିଲା ପରେ ମଧ୍ୟ ଗାଦିରେ ରହିବେ ?" ଅରବିନ୍ଦ କେଜ୍ରିୱାଲଙ୍କ ନାଁ ନ ନେଇ ସେ କହିଛନ୍ତି; "କିଛିଦିନ ତଳେ ଆମେ ଦେଖିଛୁ କିପରି ଜଣେ ମୁଖ୍ୟମନ୍ତ୍ରୀ ଜେଲରେ ଥାଇ ଫାଇଲରେ ଦସ୍ତଖତ କରୁଥିଲେ ଏବଂ ଶାସନ ଚଳାଉ ଥିଲେ । ଏଭଳି ବ୍ୟବସ୍ଥା ଗ୍ରହଣୀୟ କି ?"

ଏଥିରେ ସନ୍ଦେହ ନାହିଁ ଯେ ଗୁରୁତର ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତି କ୍ଷମତାରେ ରହିବା ଗଣତନ୍ତ୍ରର ପରିପନ୍ଥୀ । କିନ୍ତୁ ପ୍ରଣିଧାନଯୋଗ୍ୟ ବିଷୟଟି ହେଲା ବିଲରେ ଥିବା ବ୍ୟବସ୍ଥାରେ ଜଣେ ମନ୍ତ୍ରୀ/ମୁଖ୍ୟମନ୍ତ୍ରୀ/ପ୍ରଧାନମନ୍ତ୍ରୀ ଗାଦିଚ୍ୟୁତ ହେବାପାଇଁ ଦୋଷୀ ସାବ୍ୟସ୍ତ ହେବା ଜରୁରୀ ନୁହେଁ । କେବଳ ୩୦ ଦିନ ଜେଲରେ ରହିବା ଯଥେଷ୍ଟ । ଅତୀତରେ ଅନେକ ମାମଲାରେ ଦେଖା ଯାଇଛି ଯେ ଜେଲରେ ରହିଥିବା ଅନେକ ଅଭିଯୁକ୍ତ ବିଚାର ଶେଷରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ଭାରତୀୟ ନ୍ୟାୟ ବ୍ୟବସ୍ଥାର ଗତି ଯାହା ସେଥିରେ ମାମଲାର ଚୂଡ଼ାନ୍ତ ଫଇସଲା ଆସିବା ପାଇଁ ଅନେକ ସମୟରେ ବର୍ଷ ବର୍ଷ ଲାଗିଥାଏ । ତେଣୁ କେବଳ ୩୦ ଦିନ ଜେଲ ଯାଇଥିବା ଜଣେ ରାଜନେତାଙ୍କୁ ଗାଦି ଛାଡ଼ିବା ପାଇଁ ବାଧ୍ୟ କରାଯିବା ସ୍ୱାଭାବିକ ନ୍ୟାୟ ପ୍ରକ୍ରିୟାର ପରିପନ୍ଥୀ । ତା ଛଡ଼ା ବିରୋଧୀ ମନ୍ତ୍ରୀ/ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଏଭଳି ଆଇନର ଦୁରୁପଯୋଗ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ଦିଲ୍ଲୀ ମଦ ନୀତି ମାମଲାରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ମନୀଷ ଶିଶୋଦିଆଙ୍କ ସହ ସରକାରର ଅନେକ ମନ୍ତ୍ରୀଙ୍କୁ ଗିରଫ କରି ମାସ ମାସ ଧରି ଜେଲରେ ରଖା ଯାଇଥିଲା ଯଦିଓ ସେମାନଙ୍କ ବିରୁଦ୍ଧରେ ଥିବା କୌଣସି ଅଭିଯୋଗ ଏପର୍ଯ୍ୟନ୍ତ ସାବ୍ୟସ୍ତ ହୋଇନାହିଁ । ସଂଶୋଧିତ ମନି ଲଣ୍ଡରିଂ ଆଇନ (ପି ଏମ୍ ଏଲ୍ ଏ)ରେ ଅଭିଯୁକ୍ତଙ୍କୁ ଛଅ ମାସ ପର୍ଯ୍ୟନ୍ତ ବିନା ଜାମିନରେ ରଖା ଯାଇ ପାରିବାର ବ୍ୟବସ୍ଥା ଅଛି । ତେଣୁ ଏହି ଆଇନର ଅପବ୍ୟବହାର କରି ବିରୋଧୀ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଏହା ଏକ ସୁଚିନ୍ତିତ ଯୋଜନା ବୋଲି ବିରୋଧୀ ଦଳ ମାନେ କରୁଥିବା ଅଭିଯୋଗ ଅମୂଳକ ନୁହେଁ ବୋଲି ନିଶ୍ଚୟ କୁହା ଯାଇପାରେ । ଅବଶ୍ୟ ସରକାରଙ୍କ ତରଫରୁ ଗୃହ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ସଂପୃକ୍ତ ନେତା ନିଜ ପଦ ଫେରି ପାଇବେ । କିନ୍ତୁ ଭାରତୀୟ ନ୍ୟାୟ ବ୍ୟବସ୍ଥାର ମନ୍ଥର ଗତି ଯୋଗୁଁ ଜଣେ ଦୋଷୀ ବା ନିର୍ଦ୍ଦୋଷ ସାବ୍ୟସ୍ତ ହେବାପାଇଁ ବର୍ଷ ବର୍ଷ - ବେଳେବେଳେ ଦଶନ୍ଧି ଦଶନ୍ଧି - ଲାଗିଯାଏ । ତେଣୁ ଶେଷରେ ଜଣେ ନେତା ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ମଧ୍ୟ ସେତେ ବେଳକୁ ନେଡ଼ି ଗୁଡ଼ କହୁଣୀକୁ ବହି ଯାଇଥିବ ଏବଂ ରାଜନୈତିକ ପରିସ୍ଥିତି ବଦଳି ଯାଇଥିବ । "ଦୋଷୀ ସାବ୍ୟସ୍ତ ହେବା ପର୍ଯ୍ୟନ୍ତ ନିର୍ଦ୍ଦୋଷ" ହେଉଛି ଭାରତୀୟ ନ୍ୟାୟ ବ୍ୟବସ୍ଥାର ମୂଳମନ୍ତ୍ର । କିନ୍ତୁ ସରକାର ଆଣିଥିବା ବିଲ୍ ଟି ଏହି ମୌଳିକ ବ୍ୟବସ୍ଥାର ପରିପନ୍ଥୀ ।

ଦ୍ୱିତୀୟତଃ ବିଲ୍ ରେ ଥିବା ବ୍ୟବସ୍ଥାରେ ପରିସୀମା ଅତ୍ୟନ୍ତ ବ୍ୟାପକ । ଯଦିଓ କୁହା ଯାଉଛି ଯେ ବିଲର ଉଦ୍ଦେଶ୍ୟ "ଗୁରୁତର ଅପରାଧ"ରେ ଲିପ୍ତ ବ୍ୟକ୍ତିକୁ କ୍ଷମତାରୁ ଦୂରରେ ରଖିବା, କାର୍ଯ୍ୟକ୍ଷେତ୍ରରେ ଏହାର ପ୍ରୟୋଗ ଭିନ୍ନ ହେବାର ଆଶଙ୍କା ରହିଛି । 'ବିଧି ସେଣ୍ଟର ଫର୍ ଲିଗାଲ ପଲିସି'ର ଅନୁସନ୍ଧାନରୁ ଜଣାଯାଏ ଯେ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ସଜା ବ୍ୟବସ୍ଥା ଥିବା ୨୦୦୦ ରୁ ଅଧିକ ଅପରାଧ ରହିଛି ଯାହା ମଧ୍ୟରେ ହତ୍ୟା ଓ ଧର୍ଷଣ ପରି ଜଘନ୍ୟ ଅପରାଧ ସହିତ କିଛି ସାଧାରଣ ଅଭିଯୋଗ ମଧ୍ୟ ଅଛି ଯେପରିକି ଜଣେ ସରକାରୀ କର୍ମଚାରୀଙ୍କୁ ତାଙ୍କ କର୍ତ୍ତବ୍ୟ ସମ୍ପାଦନରେ ବାଧା ସୃଷ୍ଟି କରିବା । ରାଜନେତା ମାନଙ୍କ କ୍ଷେତ୍ରରେ ଏଭଳି ଅଭିଯୋଗ ଅତି ସାଧାରଣ । ତେଣୁ ଏହି ବିଲ୍ ଧୁଆ ମୂଳା ଓ ଅଧୁଆ ମୂଳାକୁ ସମାନ ମାପଦଣ୍ଡରେ ବିଚାର କରି ଗୁରୁତର ଅପରାଧ ଓ ସାଧାରଣ ଅପରାଧ ମଧ୍ୟରେ ପ୍ରଭେଦକୁ ଅପ୍ରାସଙ୍ଗିକ କରି ଦେଉଛି ବୋଲି ଅନେକ ନ୍ୟାୟ ବିଶେଷଜ୍ଞ ମତ ଦେଇଛନ୍ତି ।

ରାଜନୀତିକୁ ଅପରାଧମୁକ୍ତ କରିବା ନିଶ୍ଚିତ ଭାବେ ଦରକାର । କିନ୍ତୁ ଏଥିପାଇଁ ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ସେ କେବଳ ୩୦ ଦିନ ଜେଲରେ ରହିଥିବାକୁ ଆଧାର କରି ତାଙ୍କୁ ଗାଦିଚ୍ୟୁତ କରିବା ଦ୍ୱାରା ଏହି ଉଦ୍ଦେଶ୍ୟ ସାଧିତ ହେବନାହିଁ । ଏଥିପାଇଁ ବରଂ ନ୍ୟାୟିକ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ଏକ ଅଧିକ ପ୍ରଭାବଶାଳୀ ବ୍ୟବସ୍ଥା ହୋଇ ପାରିବ । ଆବଶ୍ୟକ ହେଲେ ରାଜନେତାଙ୍କ ବିରୁଦ୍ଧରେ ଥିବା ଅଭିଯୋଗର ତ୍ୱରିତ ବିଚାର ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏଭଳି ମାମଲାର ଫଇସଲା ନିଶ୍ଚିତ କରାଯାଇ ପାରିବ ।

### ୩୦ରୁ ୧୨ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ

ସଂସଦ ଭିତରେ ଓ ବାହାରେ ବିଲ୍ କୁ ନେଇ ପ୍ରବଳ ବାଦାନୁବାଦ ଚାଲିଥିଲା ବେଳେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଦେଶର ୩୦ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣ (୪୦%)ଙ୍କ ନାମରେ ଗୁରୁତର ଅପରାଧିକ ମାମଲା ରହିଛି । ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏ ଡି ଆର) ଦ୍ୱାରା ଜାରି ଏକ ରିପୋର୍ଟ ଅନୁସାରେ ଏହି ୧୨ ଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୦ ଜଣଙ୍କ ନାମରେ ହତ୍ୟା ଉଦ୍ୟମ, ଅପହରଣ, ଲାଞ୍ଚ ଓ ଅପରାଧିକ ଧମକ ଦେବା ମାମଲା ଅଛି । ଏ ସମସ୍ତ ତଥ୍ୟ ଏହି ୩୦ ଜଣ ମୁଖ୍ୟମନ୍ତ୍ରୀ ନିର୍ବାଚନ ପୂର୍ବରୁ ନାମାଙ୍କନ ପତ୍ର ଦାଖଲ କଲାବେଳେ ଦେଇଥିବା ସତ୍ୟପାଠରୁ ଜଣା ପଡ଼ିଛି ।

ଅଭିଯୁକ୍ତ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସର୍ବାଗ୍ରେ ରହିଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଯାହାଙ୍କ ନାମରେ ୮୯ ଟି ମାମଲା ରହିଛି । ତାଙ୍କ ପଛକୁ ରହିଛନ୍ତି ତାମିଲ ନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ (୪୭ ଟି କେସ), ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ (୧୯), କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମୟା (୧୩), ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ (୫), ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ ଓ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ (୪ ଟି ଲେଖାଏଁ), କେରଳ ମୁଖ୍ୟମନ୍ତ୍ରୀ ପିନରୟୀ ବିଜୟନ୍ (୨) ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ୍ ମାନ (୧) ।

ପ୍ରକାଶ ଥାଉ କି ଏମାନଙ୍କ ମଧ୍ୟରୁ କେବଳ ଫଡ ନବିସ ହେଉଛନ୍ତି କେନ୍ଦ୍ରରେ କ୍ଷମତାସୀନ ବିଜେପି ଦଳର ଏବଂ ନାଇଡୁ କେନ୍ଦ୍ରରେ ଥିବା ଏନ୍ ଡି ଏ ସରକାରଙ୍କୁ ସମର୍ଥନ କରୁଛନ୍ତି । ଅନ୍ୟ ସମସ୍ତେ ବିରୋଧୀ ଦଳ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ।

Printed, published and edited by Soumya Ranjan Patnaik, At Plot No. 185, VIP Area, Nayapalli, IRC Village, Bhubaneswar, Dist- Khurda, PIN-751015
Printed at Eastern Media Limited, B/27, Industrial Estate, Rasulgarh, Bhubaneswar, Dist- Khurda, PIN-751010

ସଂପାଦକ: ସୌମ୍ୟ ରଂଜନ ପଟ୍ଟନାୟକ
*Editor: Soumya Ranjan Patnaik*